بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 22

ସାପ୍ତାହିକ ବଦର

The Weekly କାଦିଆନ BADAR Qadian ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

31 ମଇ 2018 31 ହିଜ୍ରତ୍ 1397 ହି.ଶ 15 ରମ୍ଜାନ୍ 1439 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

وَاَنۡفِقُوۡا فِیۡ سَبِیۡلِ اللّٰہِ
وَلَا تُلۡقُوۡا بِاَیۡدِیۡکُمۡ اِلَی التَّہۡلُکَۃِ ۚۖۛ
وَاَحۡسِنُوۡا ۚۛ اِنَّ اللّٰہَ یُحِبُّ الۡمُحۡسِنِیۡنَ
(سورۃ البقرہ:196)

ଅନୁବାଦ - ଏବଂ ଅଲ୍ଲାଃଙ୍କ ପଥରେ (ଧନ ଓ ଜୀବନ) ବ୍ୟୟ କର । ଏବଂ ସ୍ୱ ହସ୍ତରେ (ନିଜେ ନିଜକୁ) ବିନାଶ କରନାହିଁ । ଏବଂ ହିତ ସାଧନ କର । ବାସ୍ତବରେ ଅଲ୍ଲାଃ ହିତକାରୀ ମାନଙ୍କୁ ପ୍ରେମ କରନ୍ତି । (ସୁରତୁଲ୍ ବକ୍ରା : ୧୯୬)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର ଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍ରିହି ୱ ଅମ୍ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

**ସ୍ପଷ୍ଟ ହେଉକି କେବଳ ମୁଖ ଦ୍ୱାରା ବୟତ କରିବା କିଛି ନୁହେଁ ଯେ ପର୍ଯ୍ୟନ୍ତ ହୃଦୟରେ ଦୃଢ଼ ସଂକଳ୍ପ କରି ତା'ଉପରେ ଅମଳ କରା ନ ହୋଇଛି । ସୁତରାଂ ଯେଉଁ ବ୍ୟକ୍ତି ମୋ ତାଲିମ୍ (ଶିକ୍ଷା) ଉପରେ ସମ୍ପୂର୍ଣ୍ଣ ରୂପେ ଅମଳ କରୁଛି, ସେ ମୋର ସେହି ଘରେ ଦାଖଲ ହୋଇଛି, ଯାହାପାଇଁ ଖୁଦାତାଲାଙ୍କ ବାଣୀରେ ଏ ପ୍ରତିଶୃତି ରହିଛି ଇନ୍ନି ଉହାଫିଜୁ କୁଲ୍ଲା ମନ୍ ଫିଦ୍‌ଦାର ।**

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ଦ୍ୱିତୀୟ ନିଦର୍ଶନ - ହେଉଛି ତାଉନ୍‌ର ଯେପରିକି ଖୁଦାତାଲା କହିଛନ୍ତି ୱ ଇମ୍ ମିନ୍ କର୍‌ୟତିନ୍ ଇଲ୍ଲା ନହ୍‌ନୋ ମୁହଲେକୁହା କବ୍‌ଲା ୟୋମିଲ୍ କୟାମତି ଅଓ ମୁଅଜ୍ଜିବୁହା (ବନି ଇସ୍‌ରାଇଲ:୫୯) ସୁତରାଂ ଖୁଦା ଦେଶରେ ରେଳ ଜାରି କଲେ ଓ ତାଉନ୍ (ପ୍ଲେଗ୍) ମଧ୍ଯ ପଠାଇଲେ ଯଦ୍ୱାରା ପୃଥିବୀ ଓ ଆକାଶ ମଧ୍ଯ ସାକ୍ଷୀ ରହିବେ । ତେଣୁ ଖୁଦାଙ୍କ ସହିତ ଲଢ଼ନାହିଁ, ଖୁଦାଙ୍କ ସହିତ ଲଢ଼ିବା ଅବୋଧପଣିଆ ଅଟେ । ଏହା ପୂର୍ବରୁ ଖୁଦା ଯେବେ ଆଦମ୍‌କୁ ଖଲିଫା ବନାଇବା ପାଇଁ ଚାହିଁଲେ ଫରିସ୍ତାମାନେ ରୋକିଲେ । କିନ୍ତୁ ଖୁଦା କଣ ତାଙ୍କ କଥାରେ ରୋକିଗଲେ । ଏବେ ଖୁଦା ଦ୍ୱିତୀୟ ଆଦମ ସୃଷ୍ଟି କରିବା ସମୟରେ କହିଲେ-*ଅରଦ୍‌ତୁ ଅନ୍ ଅସ୍‌ତଖ୍‌ଲିଫା ଫଖଲକ୍‌ତୁ ଆଦମା* ଅର୍ଥାତ୍- ମୁଁ ଖଲିଫା ବନାଇବା ପାଇଁ ଇଛା କଲି ତେଣୁ ମୁଁ ଏହି ଆଦମକୁ ଜନ୍ମ କଲି । ଏବେ ବତାଓ କି କଣ ତୁମେ ଖୁଦାଙ୍କ ଇଛାକୁ ରୋକି ପାରିବ । ତେଣୁ ତୁମେ କାହିଁକି ଭ୍ରମ କଥାର ଶୁଷ୍କତାକୁ ଉପସ୍ଥାପନ କରୁଛ ଓ ବିଶ୍ୱାସର ମାର୍ଗକୁ ଗ୍ରହଣ କରୁନାହଁ । ପରୀକ୍ଷାରେ ପଡନାହିଁ ନିଶ୍ଚିତରୂପେ ମନେରଖ କି ଖୁଦାଙ୍କ ଇଛାକୁ ରୋକିବାବାଲା କେହି ନାହିଁ । (ତେଣୁ) ଏପରି ଲଢ଼ିବା ତକ୍‌ୱା (ଧର୍ମପରାୟଣତା)ର ମାର୍ଗ ନୁହେଁ । ହଁ ଯଦି ସନ୍ଦେହ ଅଛି ତେବେ ଏହି ମାର୍ଗ ହୋଇପାରେ କି, ଯେପରି ମୁଁ ଖୁଦାଙ୍କଠାରୁ ଐଶିବାଣୀ ପାଇ ଲୋକଙ୍କର ଗୋଟିଏ ଦଳଙ୍କ ନିମନ୍ତେ, ଯେଉଁମାନେ ମୋ କଥାରେ ପରିଚାଳିତ, ସେମାନେ ତାଉନ୍‌ର ଦଣ୍ଡରୁ ବଂଚିଯିବେ ବୋଲି ସୁସମ୍ବାଦ ପାଇଛନ୍ତି ଓ ତାକୁ ପ୍ରକାଶ କରିଦେଲି । ସେହିପରି ଯଦି ନିଜ କୌମ (ଜାତି) ର ହିତ ସାଧନ କରିବା ପାଇଁ ଆପଣମାନଙ୍କ ମନରେ ଅଛି ତେବେ ଆପଣମାନେ ମଧ୍ଯ ନିଜ ସହଧର୍ମୀମାନଙ୍କ ନିମନ୍ତେ ଖୁଦାତାଲାଙ୍କ ନିକଟରୁ ମୋକ୍ଷ (ମୁକ୍ତି) ପାଇବାର ସୁସମ୍ବାଦ ହାସଲ କରନ୍ତୁ କି ସେମାନେ (ମଧ୍ଯ) ତାଉନ୍‌ରୁ ସୁରକ୍ଷିତ ରହିବେ ଓ ସେହି ସୁସମ୍ବାଦକୁ ମୋ ପରି ଛପାଯାଇଥିବା ଇସ୍ତେହାର ଜରିଆରେ ପ୍ରକାଶ କରନ୍ତୁ ଯଦ୍ୱାରା ଲୋକମାନେ ଏହା ଜାଣିଯିବେ କି ଖୁଦା ଆପଣଙ୍କ ସହିତ ଅଛନ୍ତି । ବରଂ ଏହି ମଉକା ଇସାଇମାନଙ୍କ ପାଇଁ ମଧ୍ଯ ବହୁତ ଭଲ ମଉକା ଅଟେ (କାରଣ) ସେମାନେ ସର୍ବଦା କହୁଛନ୍ତି କି ନିଜାତ (ମୋକ୍ଷ ପ୍ରାପ୍ତି କରିବା) ମସିହ୍‌ଙ୍କ ଦ୍ୱାରା ହିଁ ରହିଛି । ତେଣୁ ଏବେ ସେମାନଙ୍କର ମଧ୍ଯ ଏ ଦାୟିତ୍ୱ କି ଏହି ବିପତିର ଦିନ ଗୁଡିକରେ ଖ୍ରୀଷ୍ଟିଆନ୍ ମାନଙ୍କୁ ତାଉନ୍‌ରୁ ରକ୍ଷା କରନ୍ତୁ । ଏହି ସମସ୍ତ ଗୋଷ୍ଠୀମାନଙ୍କ ମଧ୍ୟରୁ ଯାହାଙ୍କର ସବୁଠାରୁ ଅଧିକା ଶୁଣାଯିବ ସେ ହିଁ ମକ୍‌ବୁଲ୍ (ଗ୍ରହଣୀୟ) । ଏବେ ଇଶ୍ୱର ସମସ୍ତଙ୍କୁ ଅବସର ପ୍ରଦାନ କରିଛନ୍ତି କି ବିନା କାରଣରେ ଏ ଧରାପୃଷ୍ଠରେ ତର୍କ କରନାହିଁ (ବରଂ) ନିଜ ଗ୍ରହଣୀୟତାକୁ ବଢ଼ାଇ ଦେଖନ୍ତୁ ଯଦ୍ୱାରା ତାଉନ୍‌ରୁ ମଧ୍ଯ ବଂଚନ୍ତୁ ଓ ସେମାନଙ୍କର ସତ୍ୟତା ମଧ୍ଯ ଖୋଲିଯାଉ ବିଶେଷ ରୂପେ ସେହି ପାଦ୍ରି ସାହେବମାନେ, ଯେଉଁମାନେ ଇହକାଳ ଓ ପରକାଳରେ ମସିହ୍ ଇବ୍‌ନେ ମରିୟମ୍‌ଙ୍କୁ ହିଁ ମୋକ୍ଷଦାତା ରୂପେ ଅବିହିତ କରିଛନ୍ତି । ଯଦି ସେମାନେ ହୃଦୟରୁ ଇବ୍‌ନେ ମରିୟମ୍‌ଙ୍କୁ ଇହକାଳ ଓ ପରକାଳର ମାଲିକ ବୋଲି ବିବେଚନା କରୁଛନ୍ତି ତେବେ ବର୍ତମାନ ଖ୍ରୀଷ୍ଟିଆନ୍ ମାନଙ୍କର ଏ ହକ୍ (ଅଧିକାର) ରହିଛି କି ତାଙ୍କ କଫ୍‌ଫାରାରୁ ନିଜାତ (ମୋକ୍ଷ/ମୁକ୍ତି) ର ଦୃଷ୍ଟାନ୍ତ ଦେଖାଇ ଦିଅନ୍ତୁ । ଏହିପରି ବଡ଼ ସରକାରଙ୍କୁ ମଧ୍ଯ ବହୁତ ସହଜ ହୋଇପାରିବ କି ବ୍ରିଟିଶ୍ ଇଣ୍ଡିଆର ଭିନ୍ନ ଭିନ୍ନ ଫିର୍କା (ଗୋଷ୍ଠୀ ସମୁହ) ଯେଉଁମାନେ ନିଜ ନିଜ ଧର୍ମର ସତ୍ୟତା ଉପରେ ଭରୋସା ରଖିଛନ୍ତି, ସେମାନେ ନିଜ ଗୋଷ୍ଠି ସମୂହର ମୁକ୍ତି ପାଇଁ ଓ ତାଉନ୍‌ରୁ ରକ୍ଷା କରିବା ପାଇଁ ଏ ବ୍ୟବସ୍ଥା କରନ୍ତୁ କି ନିଜର ସେହି ଖୁଦା, ଯାହାଙ୍କ ଉପରେ ସେ ବିଶ୍ୱାସ ରଖିଛନ୍ତି ବା ନିଜର ଆଉ କୌଣସି ମାବୁଦ୍ (ଉପାସ୍ୟ) ଦ୍ୱାରା, ଯାହାକୁ ସେମାନେ ଇଶ୍ୱର ବୋଲି ଭାବୁଛନ୍ତି, (ତାଙ୍କ ନିକଟରେ) ଏହି ବିପତିରୁ ଲୋକଙ୍କ ପାଇଁ ସୁପାରିସ୍ କରନ୍ତୁ ଓ ତାଙ୍କଠାରୁ ଏକ ଦୃଢ଼ ପ୍ରତିଶୃତି ନେଇ ଇସ୍ତେହାର ଜରିଆରେ ପ୍ରକାଶ କରନ୍ତୁ । ଯେପରି କି ଆମ୍ଭେ ଏହି ଇସ୍ତେହାରରେ ପ୍ରକାଶ କରିସାରିଛୁ । ଏଥିରେ ତ ସମ୍ପୂର୍ଣ୍ଣ ରୂପେ ଜୀବଜଗତର ହିତ ସାଧନ ଓ ନିଜ ଧର୍ମର ସତ୍ୟତାର ପ୍ରମାଣ ଅଛି ଓ ତତ୍ ସିହତ ସରକାରଙ୍କୁ ସାହାଯ୍ୟ । ସରକାର କେବଳ ଏତିକି ଚାହାଁନ୍ତି କି ତା ନାଗରିକମାନେ ତାଉନ୍‌ର ବିପତିରୁ ବଂଚିଯାଆନ୍ତୁ, ତାହା କିଭଳି ହିଁ ହେଉ (କିନ୍ତୁ) ବଂଚି ଯାଆନ୍ତୁ । ପରିଶେଷରେ ମନେରଖନ୍ତୁ କି ଆମ୍ଭେ ଏହି ଇସ୍ତେହାର ଜରିଆରେ ନିଜ ଯମାତ୍‌କୁ, ଯେଉଁମାନେ ପଞ୍ଜାବ ଓ ହିନ୍ଦୁସ୍ତାନ୍‌ର ବିଭିନ୍ନ ଭାଗରେ ବ୍ୟାପି ରହିଛନ୍ତି, ସେମାନଙ୍କୁ ଟୀକାକରଣ କରିବାରୁ ମନାକରୁନାହୁଁ, ଯେଉଁ ଲୋକମାନଙ୍କ ବାବଦରେ ସରକାରଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅଛି, ସେମାନେ ନିଶ୍ଚିତ ରୂପେ ଟିକା ଲଗାଇବା ଉଚିତ୍ ଓ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବା ଉଚିତ୍ । ଓ ଯେଉଁମାନଙ୍କୁ ନିଜ ଇଛା ଅନୁସାରେ ଛାଡ଼ି ଦିଆଯାଉଅଛି, ଯଦି ସେମାନେ ଏହି ଶିକ୍ଷା ଉପରେ ସମ୍ପୂର୍ଣ୍ଣ ରୂପେ କାଏମ୍ ନୁହନ୍ତି, ଯାହା ସେମାନଙ୍କୁ ଦିଆଯାଇଅଛି, ସେମାନଙ୍କୁ ମଧ୍ଯ ଟୀକାକରଣ କରିବା ଉଚିତ୍ ହେବ । ଯଦ୍ୱାରା ସେମାନେ ଧୋକା ଖାଇବେ ନାହିଁ । ଓ ଯଦି ଏ ପ୍ରଶ୍ନ ହୁଏ କି ସେହି ଶିକ୍ଷା କଣ ଅଟେ, ଯାହା ଉପରେ ସମ୍ପୂର୍ଣ୍ଣ ଅମଳ କରିବା ଦ୍ୱାରା ତାଉନ୍‌ର ଆକ୍ରମଣରୁ ବଂଚାଯାଇପାରିବ ତେବେ ମୁଁ ସଂକ୍ଷେପରେ କିଛି ଧାଡ଼ି ତଳେ ଲେଖିଦେଉଛି ।

### ତାଲିମ୍ (ଶିକ୍ଷା)

ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ଯିଏ ତୁମ ଘରର ଚାରିକାନ୍ଥ ଭିତରେ ଅଛି ମୁଁ ତାଙ୍କୁ ବଂଚାଇବି । ଏଠାରେ ଏହା ଭାବିବା ଠିକ୍ ନୁହେଁ କି ସେହି ଲୋକମାନେ ଯେଉଁମାନେ ମୋ ଘର ଭିତରେ ଅଛନ୍ତି, ମୋର ଏହି ଝାଟିମାଟିର ଘରେ ରହୁଛନ୍ତି । ବରଂ ସେହି ଲୋକମାନେ ମଧ୍ଯ, ଯେଉଁମାନେ ମୋର ସମ୍ପୂର୍ଣ୍ଣ ଅନୁସରଣ କରୁଛନ୍ତି, ସେମାନେ ମୋ ଆଧ୍ୟାତ୍ମିକ ଘରେ ଦାଖଲ ହୋଇଛନ୍ତି । ଅନୁସରଣ କରିବା ପାଇଁ ଏକଥା (ସର୍ତ) ରହିଛି କି ସେମାନେ ବିଶ୍ୱାସ କରନ୍ତୁ କି ସେମାନଙ୍କର ଜଣେ ଶକ୍ତିଶାଳୀ, କୟୁମ (ସର୍ବଦା ସ୍ଥାୟୀ) ଓ ବିଶ୍ୱସ୍ରଷ୍ଟା ଇଶ୍ୱର ଅଛନ୍ତି ଯିଏ ତାଙ୍କ ବିଶେଷ ଗୁଣରେ ଅନାଦି, ସର୍ବକାଳୀନ ଏବଂ ସ୍ୱୟଂ ପ୍ରତିଷ୍ଠିତ । ନା ସେ କାହାର ପୁତ୍ର ନା ତାଙ୍କର କେହି ପୁତ୍ର ଅଛନ୍ତି । ସେ ଦୁଃଖ କଷ୍ଟ ଭୋଗିବାରେ ଓ ସଲିବ (କୃଶ) ରେ ଚଢ଼ିବାରେ ଓ ମୃତ୍ୟୁରୁ ପବିତ୍ର ଅଟନ୍ତି । ସେ ଏପରି ଅଟନ୍ତି କି ଦୂର ହେବା ସତ୍ୱେ ନିକଟରେ ଅଛନ୍ତି ଓ ଏକ ହେବା ସତ୍ୱେ ତାଙ୍କର ପ୍ରକାଶ ଅଲଗା ଅଲଗା ରହିଛି । ମନୁଷ୍ୟ ତରଫରୁ ଯେବେ ଏକ ନୂତନ ପରିବର୍ତନ ହୁଏ ସେତେବେଳେ ତା'ପାଇଁ ସେ ଏକ ନୂଆ ରୂପର ଇଶ୍ୱର ହୋଇଯାଏ ଓ ଏକ ନୂଆ ରୂପରେ ପ୍ରକାଶ ହୋଇ ତା'ସହିତ ବ୍ୟବହାର କରିଥାଏ ଓ ମନୁଷ୍ୟ (ମଧ୍ଯ) ନିଜର ପରିବର୍ତନ ମୁତାବକ ଇଶ୍ୱରଙ୍କ ଠାରେ ମଧ୍ଯ ଏକ ପରିବର୍ତନକୁ ଅନୁଭବ କରିଥାଏ । କିନ୍ତୁ ଏହାର ଅର୍ଥ ନୁହେଁ କି ଇଶ୍ୱରଙ୍କଠାରେ କୌଣସି ପରିବର୍ତନ ହୁଏ ବରଂ ସେ ଅନାଦିକାଳରୁ ଅପରିବର୍ତନୀୟ ଓ ପୁର୍ଣ୍ଣମୟ ଅଟନ୍ତି । କିନ୍ତୁ ମନୁଷ୍ୟ ଯେତେବେଳେ ପୁଣ୍ୟ ଆଡକୁ ପରିବର୍ତନ ହୁଏ ସେତେବେଳେ ଇଶ୍ୱର ବି ଏକ ନୂତନ ରୂପରେ ତା ନିକଟରେ ପ୍ରକାଶ ହୋଇଥାନ୍ତି ।

ଉନ୍ନତି ପ୍ରାପ୍ତ କରିବାର ପ୍ରତ୍ୟେକ ଅବସ୍ଥାରେ, ଯାହା ମନୁଷ୍ୟ ଦ୍ୱାରା ହୋଇଥାଏ ସେତେବେଳେ ଖୁଦାତାଲାଙ୍କ ଶକ୍ତିଶାଳୀ ଐଶରିକ ଦିପ୍ତି ମଧ୍ଯ ଏକ ଉନ୍ନତି ସହିତ ପ୍ରକାଶ ହୁଏ । ସେ ଚମତ୍କାରିତାର ଶକ୍ତିକୁ ସେହି ସ୍ଥାନରେ ଦେଖାଇଥାଏ ଯେଉଁଠି ଚମତ୍କାର ପରିବର୍ତନ ହୋଇଥାଏ । ଚମତ୍କାରିତାର ଏହା ହିଁ ହେଉଛି ପ୍ରକୃତ ମୂଳ ରହସ୍ୟ । ଏହିଭଳିକା ଖୁଦାଙ୍କୁ ମାନିବା ପାଇଁ ଆମ ସିଲ୍‌ସିଲାରେ ସର୍ତ ରହିଛି । ଏହା ଉପରେ ବିଶ୍ୱାସ ଆଣ ଓ ନିଜ ଉପରେ ନିଜ ଆରାମ ଉପରେ ଓ ସମସ୍ତ ସମ୍ପର୍କ ଉପରେ ତାଙ୍କୁ (ଅର୍ଥାତ୍ ସେହି ଇଶ୍ୱରଙ୍କୁ) ଅଗ୍ରାଧିକାର ଦିଅ ଓ ତାଙ୍କ ମାର୍ଗରେ ସାହାସର ସହିତ ସତ୍ୟତା ଓ ଭକ୍ତିଭାବକୁ କାର୍ଯ୍ୟରେ କରି ଦେଖାଓ । ସଂସାରବାସୀ ନିଜ ସାଧନ ଓ ନିଜ ପ୍ରୀୟତମଙ୍କ ଉପରେ ତାକୁ ଅଗ୍ରାଧୀକାର ଦେଇ ନାହାଁନ୍ତି କିନ୍ତୁ ତୁମେ ତାକୁ ଅଗ୍ରାଧିକାର ଦିଅ ଫଳତଃ ସ୍ୱର୍ଗରେ ତୁମେ ତା ଯମାତ୍‌ରେ ଗଣାଯିବ ।

*(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା- ୯-୧୧)*


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ...*

ଶୁଣି ବହୁତ ଭଲ ଲାଗିଲା । ଖଲିଫାଙ୍କର ଅଭିଭାଷଣ ଅତ୍ୟନ୍ତ ବୁଦ୍ଧି ସମ୍ପନ୍ନ ଓ ସନ୍ତୁଳନରେ ପରିପୂର୍ଣ୍ଣ ଥିଲା । ସେ ଶାନ୍ତି ବିଷୟରେ କଥା ହେଲେ ଓ କହିଲେ କି ଆପଣ କିପରି ସମାଜର ଅଭିନ୍ନ ଅଙ୍ଗ ହୋଇପାରିବେ । ମୁଁ ଏହା ପୂର୍ବରୁ ଏଠିକାର ସ୍ଥାନୀୟ ଇମାମ୍ ସାହେବ୍ଙ୍କର ମଧ୍ୟ ଇଂଟ୍ରଭ୍ୟୁ ନେଇଥିଲି । ଏହିପରି ଆହୁରି ମଧ୍ୟ ଅହେମଦୀ ଅନେକ ମୁସଲ୍ମାନ୍ମାନଙ୍କ ସହିତ କଥା ହୋଇଛି ଓ ଆଜି ଖଲିଫତୁଲ୍ ମସିହ୍ଙ୍କର ଅଭିଭାଷଣ ମଧ୍ୟ ଶୁଣିଛି ଓ ଏକଥା ମୋ ପାଇଁ ବହୁତ ବଡ଼ ଆଶ୍ଚର୍ଯ୍ୟର କଥା କି ଜମାତ୍ ଅହେମଦୀୟା ସବୁ ସ୍ତରରେ ଗୋଟିଏ ହିଁ ବାର୍ତା ଦେଉଅଛି । ତାଙ୍କର ବାର୍ତାରେ ଅଣୁମାତ୍ରାର ମଧ୍ୟ ଫରକ ନାହିଁ ।

ସେ କହିଲେ-ଯେଉଁଠି ମସ୍‌ଜିଦ୍‌ର କଥା ଉଠୁଛି ତେବେ ଏହା ହେଉଛି ଅତ୍ୟନ୍ତ ସୁନ୍ଦର ଅଟ୍ଟାଳିକା । ଆଜି ସକାଳେ ମୋର ଆପଣଙ୍କ ଜମାତ୍‌ର ଜଣେ ସଦସ୍ୟଙ୍କ ସହିତ କଥାବାର୍ତା ଚାଲିଥିଲା । ସେ ମୋତେ ଏହା ବତାଇଲେ କି ଏହି ମସ୍‌ଜିଦ୍‌ର ନିର୍ମାଣ ନିମନ୍ତେ ହୋଇଥିବା ସମସ୍ତ ଖର୍ଚ୍ଚ ଜମାତ୍‌ର ଲୋକମାନେ ନିଜ ପକେଟ୍‌ରୁ ପ୍ରଦାନ କରିଛନ୍ତି । ଏକଥା ମୋ ପାଇଁ ବହୁତ ଆଶ୍ଚର୍ଯ୍ୟନିତ କଥା ଥିଲା କାରଣ ଏହା କୌଣସି ସାଧାରଣ ଅର୍ଥ ନୁହେଁ ବରଂ ତିନିମିଲିୟନ୍ କ୍ରୋନର୍‌ର କଥା । ମୁଁ ନିଜେ ହେଉଛି ଜଣେ ଇସାଇ (ଖ୍ରୀଷ୍ଟିଆନ୍) । ଆମକୁ ସରକାରଙ୍କ ତରଫରୁ ବା କିଛି ଅନ୍ୟାନ୍ୟ ସଂଗଠନ ତରଫରୁ ଅର୍ଥ ମିଳୁଅଛି । କିନ୍ତୁ ଆପଣମାନେ ତ ଏହି ସମ୍ପୂର୍ଣ୍ଣ କାର୍ଯ୍ୟ ନିଜେ ସମ୍ପାଦନ କରିଛନ୍ତି । ଏହା ହେଉଛି ଏକ ବଡ଼ ସଫଳତା । ତେଣୁ ଏଥିରେ ମୁଁ ବହୁତ ଅଧିକ ପ୍ରଭାବିତ ହୋଇଛି । ମୁଁ ଏହା ମଧ୍ୟ କହିବି କି କୋରାନ୍ ଓ ବାଇବେଲ୍‌ରେ ଏ ବିଷୟ ଚର୍ଚ୍ଚା କରାଯାଇଛି କି ସେହି ରହ୍‌ନୁମା (ମାର୍ଗଦର୍ଶକ) ମାନଙ୍କର ସମ୍ମାନ କରାଯାଉ ଯେଉଁମାନେ ଖୁଦାଙ୍କ ତରଫରୁ ନିୟୋଜିତ ହୋଇଛନ୍ତି ।

ସେ ପୁଣି କହିଲେ ମୁଁ ପ୍ରତ୍ୟହ ଟି.ଭିରେ ସନ୍ତ୍ରାସବାଦ କାର୍ଯ୍ୟକଳାପ ଓ ଅତ୍ୟାଚାରର ଘଟଣାଗୁଡିକୁ ଦେଖୁଅଛି । କିନ୍ତୁ ଆପଣମାନେ ଏହାଠାରୁ ଭିନ୍ନ ଅଟନ୍ତି । ଆପଣମାନେ ଲଢ଼େଇ କରିବାର ଜିହାଦ୍ ଉପରେ ବିଶ୍ୱାସ ରଖୁନାହାଁନ୍ତି । ଆପଣମାନେ ପ୍ରତିଶୋଧ ନେବାରେ ବିଶ୍ୱାସ ରଖୁନାହାଁନ୍ତି ଓ ଯେବେ ମୁଁ ଅନ୍ୟ ମୁସଲ୍ମାନ୍ ମାନଙ୍କ ସହିତ କଥା ହୁଏ ସେତେବେଳେ ସେମାନେ କହିଥାନ୍ତି କି ଯଦି ଆପଣ ଆମକୁ କଷ୍ଟ ପହଂଚାଇବେ ତେବେ ଆମେ ମଧ୍ୟ ଆପଣଙ୍କୁ କଷ୍ଟ ପହଂଚାଇବୁ । କିନ୍ତୁ ଜମାତ୍ ଅହେମଦୀୟାର ଏ ବିଷୟରେ ବିଲ୍‌କୁଲ୍ ଅଲଗା ଦୃଷ୍ଟିକୋଣ ରହିଛି । ଏବେ କିଛିଦିନ ପୂର୍ବେ ମୁଁ ଗୋଟିଏ ସୁପର୍ ମାର୍କେଟ୍ ଦେଇ ଯାଉଥିଲି । ସେଠାରେ ଜଣେ ବ୍ୟକ୍ତି ମୋତେ ପଚାରିଲା କି କଣ ମୁଁ ମୁସଲ୍ମାନ୍ ଅଟେ ? ଏଥିରେ ମୁଁ ତାକୁ ଉତର ଦେଲି କି ନାଇ, ମୁଁ ମୁସଲ୍ମାନ୍ ନୁହେଁ ବରଂ ଜଣେ ଇସାଇ (ଖ୍ରୀଷ୍ଟିଆନ୍) ଅଟେ । ଏଥିରେ ସେ ମୋତେ କହିଲା କି ଯଦି ତୁମେ ଇସାଇ ତେବେ ତୁମେ ନର୍କକୁ ଯାଓ । ତେଣୁ ଏହିଭଳି ଜିନିଷ ଆପଣ ଅହେମଦୀ ମୁସଲ୍ମାନ ମାନଙ୍କ ନିକଟରେ ଦୃଷ୍ଟିଗୋଚର ହୁଏନାହିଁ ଓ ଏହା ହେଉଛି ଅହେମଦୀ ମୁସଲ୍ମାନ୍ ଓ ଅନ୍ୟ ମୁସଲ୍ମାନ ମାନଙ୍କ ଭିତରେ ପାର୍ଥକ୍ୟ । କ୍ରମଶଃ...

*(ବହ୍‌ୱାଲା ଅଖ୍‌ବାର୍ ବଦର ୭ ଜୁଲାଇ ୨୦୧୬)*

*ପୃଷ୍ଠା- ୬ ର ଅବଶିଷ୍ଟାଂଶ ...*

ଶିଖିବା ପାଇଁ ନିର୍ଦ୍ଦେଶ ହେଲା ଓ ଉସ୍‌ମାନ୍ ଚୁ ସାହେବଙ୍କ ସହିତ ମୋର ସମ୍ପର୍କ ହେଲା ସେଠାରେ ଚୀନ୍‌ର ବହୁତ ସ୍ଥାନରେ ଯାଇ ଦାଓ୍ୱତେ ଇଲଲ୍ଲାଃ କରିବାର ସୌଭାଗ୍ୟ ମିଳିଲା ଓ ଏହି ଅବସରରେ ଉସ୍‌ମାନ୍ ଚିନୀ ସାହେବଙ୍କ ଅତ୍ୟନ୍ତ ଲାଭଦାୟକ ରାୟ ଓ ଉପଦେଶରୁ ମୁଁ ବହୁତ ଲାଭ ଉଠାଇଲି । ପୁଣି କହୁଛନ୍ତି କି ଚିଠିପତ୍ର ମାଧ୍ୟମରେ ସେ ସେଠାରେ ମୋ ମାର୍ଗ ଦର୍ଶନ କରୁଥିଲେ । ପୁଣି କହୁଛନ୍ତି କି ଏହିପରି ହଜାର ହଜାର ଚିନୀ ଲୋକମାନଙ୍କୁ ମୁହଁ ଦ୍ୱାରା ପୁସ୍ତକ ଓ ଫୋଲ୍‌ଡର୍ ଇତ୍ୟାଦି ବାଂଟି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାର୍ତା ପହଂଚାଇବାର ମୌକା ମିଳିଲା । ପୁଣି ସେ କହୁଛନ୍ତି ଉଣା ଅଧିକେ ସବୁ ସ୍ଥାନରେ ଉସ୍‌ମାନ୍ ଚିନୀ ସାହେବ୍‌ଙ୍କ ଚର୍ଚ୍ଚା ବହୁତ ଭଲ ଭାଷାରେ ହେଉଥିଲା ଓ ତାଙ୍କୁ ଚୀନ୍‌ରେ ଇସ୍‌ଲାମର ଜଣେ ବହୁତ ବଡ଼ ସ୍କଲାର୍ ରୂପେ ବିବେଚନା କରାଯାଉଥିଲା । ଚିନୀ ଭାଷାରେ ଯେଉଁ ସ୍ମୃତି ସୂଚକ ପତ୍ରିକା ସେ ନିଜ ପଛରେ ଛାଡ଼ି ଯାଇଛନ୍ତି ତାହା ତାଙ୍କୁ ଚିରକାଳ ଜୀବିତ ରଖିଥିବ । ତାଙ୍କ କଲମରୁ ସୃଷ୍ଟ ଏକାଧିକ ଚିନୀ ଭାଷାରେ ରଚିତ ପୁସ୍ତକ ଏବଂ ଅନୁବାଦ ଯାହାକି ସେ ହଜରତ ମସିହ ମଉଦ ଆ.ସଙ୍କ ରୁହାନି ଖଜାଇନ୍‌ରୁ ହାସଲ କରି ଲୋକମାନଙ୍କ (ମଙ୍ଗଳ) ନିମନ୍ତେ ବୁହାଇ ଦେଇଛନ୍ତି । ତାଙ୍କର ସୁଦ୍ଧ ଓ ସାହିତ୍ୟିକ ଚିନୀ ଭାଷା ମଧ୍ୟ ନିଜ ଭିତରେ ଏକ ବିଶେଷ ଆକର୍ଷଣ ସୃଷ୍ଟି କରିଦେଉଛି । କହୁଛନ୍ତି ଏ କଥା ମୋତେ ସେତେବେଳେ ବୁଝାପଡ଼ିଲା, ଯେତେବେଳେ ମୁଁ ଚୀନ୍‌ର ଗୋଟିଏ ମୁସଲ୍ମାନ୍ ମଦର୍ସାରେ ଯାଇ ପହଂଚିଲି । ସେଠାକୁ ପ୍ରଥମ ଥର ଯିବାବେଳେ କିଛି ବିଶେଷ ପ୍ରତିକ୍ରିୟା ସେମାନେ ପ୍ରକାଶ କଲେ ନାହିଁ । କିନ୍ତୁ ଯେବେ ମୁଁ କିଛି ଦିନ ପରେ ପୁନର୍ବାର ସେଠାକୁ ଗଲି ସେତେବେଳେ ସମସ୍ତ ଚୀନି ମୁସଲ୍ମାନ୍ ମାନେ ଓ ଇମାମ୍ ସାହେବ ମଧ୍ୟ ବହୁତ ପ୍ରେମ ଓ ସ୍ନେହର ସହିତ ମୋ ସହିତ ମିଳିଲେ । ଏଥିରେ ମୁଁ ଜଣେ ବନ୍ଧୁଙ୍କୁ ପଚାରିଲି କି ଏହାର କାରଣ କଣ ? ଯେତେବେଳେ ମୁଁ ପ୍ରଥମଥର ଏଠାକୁ ଆସିଲି, ସେତେବେଳେ ମୋ ପାଇଁ ଏତେ ସ୍ନେହ ଓ ପ୍ରେମ ନଥିଲା । ଏଥିରେ ଜଣେ ଚିନୀ ବନ୍ଧୁ ବତାଇଲେ କି ଆପଣ ଚିନୀ ଭାଷାରେ ଯେଉଁ ପୁସ୍ତ ମୌଲବୀ ସାହେବଙ୍କୁ ଦେଇଯାଇଥିଲେ, ସେଥିରେ ବିଶେଷ ରୂପେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ବାଚିତ ଲେଖନୀରୁ ଚିନୀ ଅନୁବାଦ ଗୁଡିକୁ ମୌଲବୀ ସାହେବ୍ ଖୁତ୍‌ବାରେ ପଢ଼ି ଶୁଣାଉଛନ୍ତି । ଏହା ଶୁଣି ଆମ ଭିତରେ ଏକ ଭକ୍ତିଭାବର ଉନ୍ମାଦ ସୃଷ୍ଟି ହୋଇଯାଉଛି । ଆମେ ଏହା ପୂର୍ବରୁ ଏ ପ୍ରକାରର ଉତମ ଲେଖନୀ ଆମ ପୁରା ଜୀବନରେ କେବେ ଶୁଣିନାହୁଁ । ସେଥିଯୋଗୁ ଆମେ ଚାହୁଁଛୁ କି ଆମକୁ ଏହିଭଳି ଆହୁରି ପୁସ୍ତକ ଆଣିଦିଅନ୍ତୁ ।

ପୁଣି ସେ କହୁଛନ୍ତି କି ମୋତେ ଚିନୀ ସାହେବ୍‌ଙ୍କ ପୈତୃକ ଗ୍ରାମ ଯିବାର ଅବସର ମିଳିଲା । ତାଙ୍କର ପ୍ରିୟତମ, ବନ୍ଧୁବାନ୍ଧବଙ୍କ ସହିତ ସାକ୍ଷାତ୍ କଲି । ସେ ସମସ୍ତେ ଉସ୍‌ମାନ୍ ଚୁ ସାହେବ୍‌ଙ୍କୁ ବହୁତ ସମ୍ମାନ କରୁଛନ୍ତି ଓ ବହୁତ ସ୍ନେହର ସହିତ ତାଙ୍କର ଚର୍ଚ୍ଚା କରୁଥିଲେ । ସେମାନଙ୍କ ମଧ୍ୟରୁ ଯିଏ ଆସୁଥିଲା ସେ ଉସ୍‌ମାନ୍ ଚୁ ସାହେବ୍‌ଙ୍କୁ ନିଜର ବନ୍ଧୁ ବୋଲି କହି ବହୁତ ଖୁସି ହେଉଥିଲା । ପୁଣି ସେ କହୁଛନ୍ତି ଯେତେଦିନ ମୁଁ ସେଠାରେ ରହିଲି ସେମାନେ ସମସ୍ତେ ମୋର ବହୁତ ଧ୍ୟାନ ରଖିଲେ, ବହୁତ ଅତିଥି ସତ୍କାର କଲେ ଓ ବହୁତ ସମ୍ମାନ ଦେଲେ । ତାହା କେବଳ ଏଇଥିପାଇଁ କି ମୁଁ ଉସ୍‌ମାନ୍ ଚିନୀ ସାହେବ୍‌ଙ୍କୁ ଜାଣିଛି ଓ ମୁଁ ଜମାତ୍ ଅହେମଦୀୟାର ଜଣେ ପ୍ରତିନିଧି ଅଟେ । ପୁଣି କହୁଛନ୍ତି କି ଉସମାନ୍ ଚିନୀ ସାହେବଙ୍କର ଚିନୀ ଭାଷାରେ ଅତ୍ୟନ୍ତ ସହଜ ଓ ସରଳ ଅନୁବାଦ ପ୍ରତ୍ୟେକଙ୍କୁ ବୁଝାପଡ଼ିଥାଏ । ଯେଉଁଥିରେ ଚିନୀ ଭାଷାର ମାଧୁର୍ଯ୍ୟ ଓ ବୈଶିଷ୍ଟ୍ୟ ଝଲକୁ ଥିବାର ଦୃଶ୍ୟମାନ ହେଉଅଛି । **ସେଥିପାଇଁ ତ କୁରଆନ୍‌ର ଚିନୀ ଭାଷାରେ ଅନେକ ଅନୁବାଦ ଥିବା ସତ୍ତ୍ୱେ ଉସମାନ୍ ଚୁ ସାହେବଙ୍କର ଅନୁବାଦ ସମଗ୍ର ଚିନରେ ସ୍ୱୀକୃତ ଓ ପ୍ରମାଣ ସ୍ୱରୁପ ଅଟେ ।** ଏହାର ଅନୁମାନ ଅନେକ ଚିନୀ ମୌଲବିମାନଙ୍କ ସହ ସାକ୍ଷାତ କରି ଯେ କି ଜାମଅତର ଶିକ୍ଷା ସହ ଏକମତ ନୁହନ୍ତି, ଜାଣିବାକୁ ମିଳିଲା ଯେ ଉସମାନ୍ ସାହେବଙ୍କ ଅନୁବାଦକୁ ସେମାନେ ବହୁତ ପସନ୍ଦ କରୁଛନ୍ତି । କହୁଛନ୍ତି କି ସେ ଇଲାକାର ଗସ୍ତ ସମୟରେ ଯେବେ ଜଣେ ବୟଜ୍ୟେଷ୍ଠ ଇମାମ୍ ମୋ ପାଖରେ ଏହି ଅନୁବାଦକୁ ଦେଖିଲା, ତାଙ୍କ ଆଖିରେ ଏକ ପ୍ରକାର ଚମକ ସୃଷ୍ଟି ହୋଇଗଲା । ଅର୍ଥାତ୍ ଆଙ୍କ ପାଖରେ ଚିନୀ ସାହେବ୍‌ଙ୍କର ଅନୁବାଦ ଥିଲା ଓ ତାହା ଦେଖି ସେ ବହୁତ ଖୁସି ଅନୁଭବ କଲେ ଓ ବାରମ୍ବାର ଏହା କହୁଥିଲେ କି ମୁଁ ଏହି ଅନୁବାଦକୁ ବହୁତ ଦିନ ହେବ ଖୋଜୁଥିଲି । କଣ ଆପଣ ମୋତେ ଏହି କୋରାନ୍ କରିମ୍ ଦେଇପାରିବେ ? ଆମେ ତାଙ୍କୁ କହିଲୁ କି ବର୍ତମାନ ତ ଆମ ପାଖରେ କେବଳ ଗୋଟିଏ ନୁସ୍‌ଖା (ପିସ୍) ଅଛି । ଆପଣ ନିଜର ଠିକଣା ଦେଇଦିଅନ୍ତୁ, ଆମେ ଆପଣଙ୍କୁ ଉସ୍‌ମାନ୍ ଚିନୀ ସାହେବଙ୍କ ଠାରୁ ମଗାଇ ଦେଇଦେବୁ । ସେ ଅଳ୍ପ ସମୟ ଚିନ୍ତା କରି କହିଲେ କି ଆପଣ ଏହି କୋରାନ୍‌କୁ ମୋତେ କିଛି ସମୟ ପାଇଁ ଉଧାର ଦିଅନ୍ତୁ । ମୁଁ ଏହାର ଫଟୋକାପି (ଜେରକ୍ସ) କରାଇଆଣିବି । ପାଖାପାଖି ସାଢ଼େ ଚଉଦଶହ ପୃଷ୍ଠାର ଏହି ପୁସ୍ତକ ଫଟୋକାପି କରିବା ପାଇଁ ତାଙ୍କର ଆଗ୍ରହକୁ ଦେଖି ଆମେ ତାଙ୍କୁ ଉକ୍ତ କୋରାନ୍ କରିମ୍‌ଟିକୁ ଦେଇଦେଲୁ । ଏଥିରେ ସେ ଏତେ ଖୁସି ହେଲେ କି ବାରମ୍ବାର ଧନ୍ୟବାଦ କରୁଥିଲେ । ଯେପରି ତାଙ୍କୁ କୌଣସି ଅମୂଲ୍ୟ ସମ୍ପତି ମିଳିଯାଇଛି । ଏହା ନିଶ୍ଚିତ ରୂପେ ଅମୂଲ୍ୟ ସମ୍ପତି ଅଟେ । ଆନନ୍ଦକୁ ପ୍ରକାଶ କରିବା ତାଙ୍କଠାରେ ବର୍‌ଦାସ୍ତ ହେଉନଥିଲା ।

ଏହିପରି ତାଙ୍କର ଅଗଣତି ସମ୍ପର୍କ ଥିଲା । ଏବେ ମଧ୍ୟ ତାଙ୍କର ସମ୍ପର୍କ ଅଛି । ଏହିପରି ଯେଉଁ ମୁବଲିଗ୍‌ମାନେ ସେଠାରେ ରହିଛନ୍ତି ସେ ମଧ୍ୟ ଏହା ଲେଖିଛନ୍ତି କି ଚୀନ୍ ଦେଶରେ ଆମେ ଯେଉଁଠିକି ବି ଯାଉଛୁ ପ୍ରତ୍ୟେକ ସ୍ଥାନରେ ଚୀନି ସାହେବଙ୍କର ଗୁଣଗାନ୍ ହେଉଛି । ଜଫ୍‌ରୁଲ୍ଲାଃ ସାହେବ୍ ମଧ୍ୟ ସେଠାରେ ମୁରବୀ ସିଲ୍‌ସିଲା ରୂପେ କାର୍ଯ୍ୟ କରିଛନ୍ତି । ବର୍ତମାନ ସେ ପାକିସ୍ତାନ୍‌ରେ ରହୁଛନ୍ତି । ସେ କହୁଛନ୍ତି କି ୨୦୦୪ ମସିହାରେ ଯେବେ ଚିନୀ ସାହେବ୍ ପାକିସ୍ତାନ୍ ଆସିଲେ, ଜଫ୍‌ରୁଲ୍ଲାଃ ସାହେବ କୁହନ୍ତି ଇସଲାମାବାଦ୍‌ରୁ ରବଓ୍ୱା ଯାତ୍ରା ସମୟରେ ସେ ମୋତେ କଲରକହାର୍ (ନାମକ) ସ୍ଥାନ ଦେଖାଇଲେ ଯେଉଁଠାରେ ସେ ଜାମିୟାରେ ଅଧ୍ୟୟନ ସମୟରେ ଆସି ଚିଲ୍ଲା କରୁଥିଲେ । ସେ ନିଜ ଦୁଆ ଗ୍ରହଣୀୟ ହେବା ବିଷୟରେ ଗୋଟିଏ ଘଟଣା ବର୍ଣ୍ଣନା କରିଛନ୍ତି କି ସେ କିପରି ଜଣଙ୍କ ଘରକୁ ଯାଇଥିଲେ ଯାହାଙ୍କର ବିବାହ ଦଶବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ସନ୍ତାନ ନଥିଲା । ଚିଲ୍ଲା କରିବା ସମୟରେ ଚିନୀ ସାହେବ୍‌ଙ୍କ ଠାରୁ ସନ୍ତାନ ହେବାପାଇଁ ସେ ଦୁଆ କରିବା ପାଇଁ ନିବେଦନ କଲେ । ଚିନୀ ସାହେବ୍ ଦୁଆ କଲେ ଓ ସ୍ୱପ୍ନରେ ଦେଖିଲେ କି ତାଙ୍କ ଘର ଅଗଣାରେ ଗୋଟିଏ ଖଟିଆରେ ଚୌଧୁରୀ ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍ ଶୋଇଛନ୍ତି । ସେ ଏହି ସ୍ୱପ୍ନ ତାକୁ ଶୁଣାଇଲେ ଓ ବତାଇଲେ କି ଅଲ୍ଲାଃତାଲା ଏ ସୁସମ୍ବାଦ ଦେଇଛନ୍ତି କି ଆପଣଙ୍କୁ ସେ ପୁତ୍ର ପ୍ରଦାନ କରିବେ । ସୁତରାଂ କିଛି ଦିନ ପରେ ଅଲ୍ଲାଃତାଲା ତାଙ୍କୁ ଏକ ପୁତ୍ର ସନ୍ତାନ ପ୍ରଦାନ କଲେ । ହଜୁର ଅନଓ୍ୱର କୁହନ୍ତି ମୋର ମଧ୍ୟ ମନେଅଛି ଦ୍ୱିତୀୟ ଖଲିଫାଙ୍କ ସମୟ କାଳରେ ଆମେ ଛୋଟ ଥିଲୁ, ଏକଦା ମୁଁ ସେଠାକୁ ଯାଇ ଦେଖିଲି କି ସେ ଏକ ଛୋଟ କୋଠରୀରେ ବସି ହାତରେ କୁରଆନ କରିମ୍ ଧରି ଦୁଆ କରୁଥିଲେ । ଆମେ ବଡ଼ ଛୋଟ ସମସ୍ତେ (ନିଜ ନିଜ ପାଇଁ) ତାଙ୍କୁ ଦୁଆ କରିବାର ନିବେଦନ କଲୁ । ସେ ଅତ୍ୟନ୍ତ ଖୁସିମନାର ସହିତ ଉତର ଦେବା ସହିତ ଅତ୍ୟନ୍ତ ନମ୍ର ଆଚରଣକାରୀ ମଣିଷଟିଏ ଥିଲେ ।

ଡ଼ାଃ ନୁରୀ ସାହେବ ମଧ୍ୟ ଲେଖିଛନ୍ତି ୨୦୦୪ ମସିହାରେ ଯେତେବେଳେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା ସେତେବେଳେ ଜଣା ପଡ଼ିଲା ଯେ ତାଙ୍କର ହୃଦରୋଗ ରହିଛି । ମୋତେ ବହୁତ ଦୁଃଖ ଲାଗିଲା କି ଏପରି ଲୋକ ବଂଚିବାର ସମ୍ଭାବନା ଖୁବ୍ କମ୍ ଅଟେ । **ସେ ଲେଖିଛନ୍ତି ମୁଁ ଆଶ୍ଚର୍ଯ୍ୟାନ୍ୱିତ ଯେ, ସେ କଦାପି ନିଜ ରୋଗକୁ ନିଜ କର୍ତବ୍ୟ ସମ୍ପାଦନ କରିବାରେ ବାଧକ ସାଜିବାକୁ ଦେଇନଥିଲେ** ଏବଂ ସର୍ବଦା କାର୍ଯ୍ୟରତ ରହୁଥିଲେ । କେବେ ଏପରି ହୋଇନାହିଁ କି ରୋଗଗ୍ରସ୍ତ ଥିବା ସମୟରେ ମଧ୍ୟ ସେ କାମ କରିନଥିବେ ବା ଉପାସନାରେ କୌଣସି କମି କରିଥିବେ । ବରଂ ଜଣେ ମୋତେ ଲେଖିଛନ୍ତି କି ବହୁତ ବରଫ ପଡ଼ିଥିଲା, ଆମେ ଭାବିଥିଲୁ କି ଚିନୀ ସାହେବଙ୍କ ପାଇଁ ଆଜି ଆସିବା କଷ୍ଟକର ହୋଇଯିବ । ଆଜି ଫଜର୍ ସମୟରେ ବହୁତ ବରଫ ପଡ଼ିଛି ଓ ସେ ସମୟରେ ଚାଲି ହେଉନାହିଁ । ତେଣୁ କୌଣସି ବ୍ୟକ୍ତି ମସ୍‌ଜିଦ୍ ଆସିବେ ନାହିଁ । କିନ୍ତୁ ଅତି କମ୍‌ରେ ଯାଇ ମସ୍‌ଜିଦ୍ ତ ଖୋଲିଦେବା । କିନ୍ତୁ ସେ କହୁଛନ୍ତି ଯେବେ ଆମେ ବାହାରକୁ ବାହାରିଲୁ ବରଫ ଉପରେ ପାଦଚିହ୍ନ ପଡ଼ିଥିଲା । ଯେବେ ଭିତରକୁ ଗଲୁ ତ ଦେଖିବାକୁ ପାଇଲୁ କି ଚିନୀ ସାହେବ୍ ନା କେବଳ ମସ୍‌ଜିଦ୍ ଆସିଛନ୍ତି ବରଂ ବହୁତ ପୂର୍ବରୁ ବରଫରେ ଚାଲିକରି ଆସିଛନ୍ତି ଓ ଆସି ନମାଜ ତହ୍‌ଜୁଦ୍ ପାଠ କରୁଥିଲେ ।

ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ ତାଙ୍କର ଯେଉଁ ସଂକ୍ଷିପ୍ତ ବିବରଣୀ ଲେଖିଛନ୍ତି ତାହା ବହୁତ ସୁନ୍ଦର ସଂକ୍ଷିପ୍ତ ବିବରଣୀ ଅଟେ ଓ ବାସ୍ତବରେ ତାହା ହିଁ ଅଟେ । ସେ କହୁଛନ୍ତି କି ଚିନୀ ସାହେବ୍‌ଙ୍କ ବିୟୋଗ ଯୋଗୁ ବହୁତ ବଡ଼ ଶୂନସ୍ଥାନ ପଡ଼ିଯାଇଛି । ସେ ବହୁତ ଉଚ୍ଚ ସ୍ତରର ବୁଜ୍‌ରୁଗ ଥିଲେ । ପୁଣି କହୁଛନ୍ତି ମୁଁ ଚିନୀ ସାହେବ୍‌ଙ୍କ ବିଶେଷ ଗୁଣ ସମ୍ପର୍କରେ ଭାବୁଥିଲି ସେତେବେଳେ ମୋ ମୁଣ୍ଡରେ ଏକଥା ଆସିଲା କି ସେ ଅତ୍ୟନ୍ତ ଦୁଆକାରୀ, ଦୁଆ ସ୍ୱୀକୃତି ଲାଭ କରୁଥିବା ମହାତ୍ମା, ନିୟମିତ ନମାଜ ପାଠକାରୀ, ରୋଗରେ ପୀଡ଼ିତ ଓ ଦୁର୍ବଳ ଥିବା ସତ୍ତ୍ୱେ ମସଜିଦ୍ ଯାଇ ନମାଜ ପାଠ କରୁଥିବା, ଅତ୍ୟନ୍ତ ପୁଣ୍ୟବନ୍ତ, ଈଶ୍ୱରପ୍ରେମି ଏବଂ କାହାରିକୁ ତିଳେ ମାତ୍ର କଷ୍ଟ ପହଂଚାଇ ନଥିବା ବ୍ୟକ୍ତିତ୍ୱ ଥିଲେ, ପ୍ରତ୍ୟେକଙ୍କର ସୁଭକାଂକ୍ଷୀ ଓ ଉତମ ପରାମର୍ଶଦାତା ତଥା ଅତ୍ୟନ୍ତ ସାଧାରଣ ଓ ମେଳାପି ବ୍ୟକ୍ତିତ୍ୱ ଥିଲେ । ପରମ ଅତିଥି ସତ୍କାରୀ, ସାହସୀ ଓ ଦୁର୍ବଳତା ସତ୍ତ୍ୱେ ଧର୍ମକର୍ମ ସମ୍ପାଦନ କରିବାରେ ସର୍ବଦା ମଗ୍ନ ରହୁଥିବା, ଖଲିଫାଙ୍କର ନିଷ୍ଠାପର ଓ ବିଶ୍ୱସ୍ତ ସେବକ ଥିଲେ । ସେ ସର୍ବଦା ବିନମ୍ରତା ଓ ହସହସ ମୁହଁରେ ସାକ୍ଷାତ କରନ୍ତି ଏବଂ ଅସଂଖ୍ୟ ସୁଗୁଣର ମାଲିକ ଥିଲେ । ଓ ଏହା ସତ୍ୟକଥା ଅଟେ ଯାହା ସେ ବର୍ଣ୍ଣନା କଲେ ।

ଅଲ୍ଲାଃତାଲା ଶ୍ରୀମାନ ଉସମାନ୍ ଚିନୀ ସାହେବଙ୍କ (ବୈକୁଣ୍ଠରେ) ସ୍ତର ବୃଦ୍ଧି କରିଚାଲନ୍ତୁ ଏବଂ ତାଙ୍କ ପତ୍ନୀଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ତାଙ୍କୁ ବିଶେଷ ସାହାର୍ଯ୍ୟ ଓ ସୁରକ୍ଷା ପ୍ରଦାନ କରନ୍ତୁ । ସେହିପରି ତାଙ୍କ ସନ୍ତାନମାନଙ୍କୁ ତାଙ୍କ ଦୁଆ ଓ ପୁଣ୍ୟକର୍ମର ଅଧିକାରୀ କରନ୍ତୁ ତଥା ସେମାନେ ତାଙ୍କ ପଦାଙ୍କ ଅନୁସରଣ କରନ୍ତୁ । ହଜୁର ଅନଓ୍ୱର ଅ.ବ କହିଲେ ନମାଜ ଜୁମା ପରେ ମୁଁ ତାଙ୍କ ଜନାଯାଃ ଗାଏବ ପାଠ କରିବି **ଇନ୍ନଶା ଅଲ୍ଲାଃ ।**

# ଖୁତ୍‌ବା ଜୁମା

ବିଗତ ଦିନରେ ଜମାଅତର ଜଣେ ଗୁରୁଜନ ଓ ଜ୍ଞାନୀ ଶ୍ରୀମାନ ଉସମାନ୍ ଚିନୀ ସାହେବଙ୍କର ଦେହାନ୍ତ ଘଟିଲା । *ଇନ୍ନା ଲିଲା ହେ ଓ୍ୱ ଇନ୍ନା ଇଲୈ ହେ ରାଜେଉନ୍* । ଅଲ୍ଲାଃତାଲା ନିଜର ବିଶେଷ କୃପା ବଳରେ ତାଙ୍କୁ ଚିନର ଏକ ଦୂର ଓ ଦୁର୍ଗମ ଅଂଚଳରୁ ବାହାର କରି ପାକିସ୍ତାନ ଆସିବାକୁ ଏବଂ ଅହେମଦିୟତ୍ ସ୍ୱୀକାର କରିବାକୁ ଶକ୍ତି ପ୍ରଦାନ କରିଥିଲେ । କି କି ପ୍ରକାର ବ୍ୟବହାର ତାଙ୍କ ସହିତ ଅଲ୍ଲାଃତାଲା କରିଥିଲା ଓ ତାଙ୍କ ଅହେମଦୀୟ୍ ଗ୍ରହଣ କରିବା ଓ ଦୀନୀ ଶିକ୍ଷା ହାସଲ କରିବା ଓ ପୁଣି ଜୀବନ ଉତ୍ସର୍ଗ କରିବା ପ୍ରତି ମାର୍ଗ ଦର୍ଶନ ପ୍ରଦାନ କରିଥିଲେ ।

ତାଙ୍କ ଅବସ୍ଥା, ଜୀବନୀ, ଓ ସେବା ସମ୍ବନ୍ଧରେ ଏତେ ମାତ୍ରାରେ ପତ୍ରମାନ ଏକତ୍ରିତ ହୋଇଅଛି କି ସେଥିରେ ଗୋଟିଏ ପୁସ୍ତକ ପ୍ରକାଶ କରାଯାଇ ପାରିବ ।

ମୋ ମତରେ ଖୁଦାମୁଲ୍ ଅହେମଦୀୟା ପାକିସ୍ତାନ୍ ଏହି କାର୍ଯ୍ୟକୁ ସୁଚାରୁରୂପେ ତୁଲାଇପାରିବ ।

ବର୍ତମାନ ମୁଁ ସେହି ଦରବେଶ୍ ସ୍ୱଭାବି ମଣିଷ, ଜମାଅତର ଜଣେ ମହାପୁରୁଷ, ଉତ୍ସର୍ଗୀ, ମୁବଲିଗ୍, ଜ୍ଞାନୀ, ଅମଲକାରୀ ଏବଂ ସନ୍ଥଙ୍କର କିଛି ଚର୍ଚ୍ଚା କରିବି ଯାହାକି ବିଶେଷ କରି ଆମ ଉତ୍ସର୍ଗୀ (ଓ୍ୱାକିଫେ ଜିନ୍ଦେଗୀ) ଓ ମୁବଲିଗ୍‌ମାନଙ୍କ ପାଇଁ ଓ ସାଧାରଣତଃ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଓ ପ୍ରତ୍ୟେକ ଅହେମଦୀ ନିମନ୍ତେ ଅନୁକରଣୀୟ ଅଟେ ।

ମୋକରମ୍ ମୁହମ୍ମଦ୍ ଉସ୍‌ମାନ୍ ଚୁ ଚିଙ୍ଗ୍ ଶି ସାହେବ୍ ମୋର୍‌ହୁମ୍‌ଙ୍କ ଉତମ ଗୁଣର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ ।

## ଖୁତ୍‌ବା ଜୁମାଃ ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ

## (ପ୍ରଦତ୍ତ: ୨୭ ଏପ୍ରିଲ ୨୦୧୮ ଅନୁଯାୟୀ ୨୭ ଶାହାଦତ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّآ إِلٰهَ إِلَّا اللهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ

أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ - بِسْمِ اللهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعَالَمِيْنَ . اَلرَّحْمٰنِ الرَّحِيْمِ . مٰلِكِ يَوْمِ الدِّيْنِ . إِيَّاكَ نَعْبُدُ وَ إِيَّاكَ نَسْتَعِيْنُ .

اِهْدِنَا الصِّرَاطَ الْمُسْتَقِيْمَ . صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ .

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅଃବ କହିଲେ- ବିଗତ ଦିନରେ ଜମାଅତର ଜଣେ ଗୁରୁଜନ ଓ ଜ୍ଞାନୀ ଶ୍ରୀମାନ ଉସମାନ୍ ଚିନୀ ସାହେବଙ୍କର ଦେହାନ୍ତ ଘଟିଲା । *ଇନ୍ନା ଲିଲା ହେ ଓ୍ୱ ଇନ୍ନା ଇଲୈ ହେ ରାଜେଉନ୍* । ଅଲ୍ଲାଃତାଲା ନିଜର ବିଶେଷ କୃପା ବଳରେ ତାଙ୍କୁ ଚିନର ଏକ ଦୂର ଓ ଦୁର୍ଗମ ଅଂଚଳରୁ ବାହାର କରି ପାକିସ୍ତାନ ଆସିବାକୁ ଏବଂ ଅହେମଦିୟତ୍ ସ୍ୱୀକାର କରିବାକୁ ଶକ୍ତି ପ୍ରଦାନ କରିଥିଲେ । କି କି ପ୍ରକାର ବ୍ୟବହାର ତାଙ୍କ ସହିତ ଅଲ୍ଲାଃତାଲା କରିଥିଲା ଓ ତାଙ୍କ ଅହେମଦୀୟ୍ ଗ୍ରହଣ କରିବା ଓ ଦୀନୀ ଶିକ୍ଷା ହାସଲ କରିବା ଓ ପୁଣି ଜୀବନ ଉତ୍ସର୍ଗ କରିବା ପ୍ରତି ମାର୍ଗ ଦର୍ଶନ ପ୍ରଦାନ କରିଥିଲେ । ତାଙ୍କର ନିଜର ଲେଖା ରହିଛି, ସେ ନିଜେ ମନେ ରଖିଥିବା କଥା ଗୁଡିକୁ ଲେଖିଛନ୍ତି ଓ ସେଥିରେ ବହୁତ ବ୍ୟାପକତାର ସହିତ ଆଲୋକପାତ କରିଛନ୍ତି । ସେହି ସବୁ ତଫ୍‌ସିଲ୍‌କୁ ଏଠାରେ ବର୍ଣ୍ଣନା କରିବା ପାଇଁ ସମୟ ନାହିଁ । ସେ ବିଭିନ୍ନ ଲୋକମାନଙ୍କୁ ନିଜ ସମ୍ବନ୍ଧୀୟ ଯେଉଁ କଥା ସବୁ ବତାଇଛନ୍ତି, ଲୋକମାନେ ତାଙ୍କ ସମ୍ପର୍କରେ କିଛି କଥା ଲେଖିଛନ୍ତି ତାହା ମଧ୍ୟ ବହୁତ ବ୍ୟାପକ ରୂପେ ଲେଖାଯାଇଛି । ସେଗୁଡିକର ବ୍ୟାପକରୂପେ ବର୍ଣ୍ଣନା କରିବା ମଧ୍ୟ ସମ୍ଭବ ନୁହେଁ । ବହୁତ ବିଶ୍ୱାସବର୍ଦ୍ଧକ ଘଟଣା ସବୁ ରହିଛି । ତାଙ୍କ ଅବସ୍ଥା, ଜୀବନୀ, ଓ ସେବା ସମ୍ବନ୍ଧରେ ଏତେ ମାତ୍ରାରେ ପତ୍ରମାନ ଏକତ୍ରିତ ହୋଇଅଛି କି ସେଥିରେ ଗୋଟିଏ ପୁସ୍ତକ ପ୍ରକାଶ କରାଯାଇ ପାରିବ । ମୋ ମତରେ ଖୁଦାମୁଲ୍ ଅହେମଦୀୟା ପାକିସ୍ତାନ୍ ଏହି କାର୍ଯ୍ୟକୁ ସୁଚାରୁରୂପେ ତୁଲାଇପାରିବ । ବର୍ତମାନ ମୁଁ ସେହି ଦରବେଶ୍ ସ୍ୱଭାବି ମଣିଷ, ଜମାଅତର ଜଣେ ମହାପୁରୁଷ, ଉତ୍ସର୍ଗୀ, ମୁବଲିଗ୍, ଜ୍ଞାନୀ, ଅମଲକାରୀ ଏବଂ ସନ୍ଥଙ୍କର କିଛି ଚର୍ଚ୍ଚା କରିବି ଯାହାକି ବିଶେଷ କରି ଆମ ଉତ୍ସର୍ଗୀ (ଓ୍ୱାକିଫେ ଜିନ୍ଦେଗୀ) ଓ ମୁବଲିଗ୍‌ମାନଙ୍କ ପାଇଁ ଓ ସାଧାରଣତଃ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଓ ପ୍ରତ୍ୟେକ ଅହେମଦୀ ନିମନ୍ତେ ଅନୁକରଣୀୟ ଅଟେ । ଭିନ୍ନ ଭିନ୍ନ ଲୋକମାନେ ତାଙ୍କ ଜୀବନ ଚରିତ ସମ୍ବନ୍ଧରେ ଯାହା ଲେଖିଛନ୍ତି ଯେପରିକି ମୁଁ କହିସାରିଛି ଏହାର ସଂକ୍ଷେପରେ ମୁଁ ଚର୍ଚ୍ଚା କରିବି ।

ଉସ୍‌ମାନ୍ ଚିନି ସାହେବ ଯେ ଜନସାଧାରଣ ଓ ପ୍ରତ୍ୟେକ ଅହେମଦିମାନଙ୍କ ମଧ୍ୟରେ ଉସମାନ୍ ଚିନୀ ନାମରେ ସୁପ୍ରସିଦ୍ଧ ଥିଲେ । ତାଙ୍କର ପୁରା ନାମ ମହମ୍ମଦ ଉସ୍‌ମାନ ଚୁ ଚ୍ଙ୍ଗ ଶି ଥିଲା । ଚଳିତ ଅପ୍ରେଲ ମାସ ୧୩ ତାରିଖ ଦିନ ତାଙ୍କର ଦେହାନ୍ତ ଘଟିଲା । ସେ ୧୯୨୫ ମସିହା ସେପ୍ଟେମ୍ବର ମାସ ୧୩ ତାରିଖ ଦିନ ଚିନ୍‌ର ଆନ୍‌ଖୁଇ ରାଜ୍ୟର ଏକ ମୁସଲମାନ ପରବାରରେ ଜନ୍ମ ଗ୍ରହଣ କରିଥିଲେ । ହାଇସ୍କୁଲରୁ ଉତିନ୍ନ ହେବା ଅନ୍ତେ ସେ ୧୯୪୬ ମସିହାରେ ନାନ୍ ଚଙ୍ଗ ବିଶ୍ୱବିଦ୍ୟାଳୟରେ ଗୋଟିଏ ବର୍ଷ ଆଡ଼ଭାନସ୍ କୋରସ୍ କରିଥିଲେ । ପୁଣି ନାନ୍ ଚଙ୍ଗ ଜାତୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ରାଜନିତୀ ବିଭାଗରେ ଶିକ୍ଷା ହାସଲ କରିବା ଆରମ୍ଭ କଲେ । ଯେହେତୁ ତାଙ୍କର ରାଜନିତୀଶାସ୍ତ୍ରରେ କୌଣସି ରୁଚି ନଥିଲା ତେଣୁକରି ସେ ଆଇନ୍ କିମ୍ବା ଧାର୍ମିକ ଶିକ୍ଷା ହାସଲ କରିବା ପ୍ରତି ମନ ବଳାଇ ଥିଲେ । ପ୍ରଥମେ ତାଙ୍କର ତୁର୍କୀ ଯାଇ ଶିକ୍ଷା ହାସଲ କରିବାର ଯୋଜନା ଥିଲା କିନ୍ତୁ ୧୯୪୯ ମସିହାରେ ସେ ପାକିସ୍ତାନ ଆସିଗଲେ । ସେ ସ୍ୱୟଂ ଅନୁସନ୍ଧାନ କରି ବୟତ କଲେ । ତାପରେ ଜାମିୟା ଅହେମଦିୟାରେ ଶିକ୍ଷା ହାସଲ କରିବା ଆରମ୍ଭ କଲେ । ୧୯୫୭ ମସିହା ଅପ୍ରେଲ ମାସରେ **ଶାହାଦତୁଲ୍ ଅଜାନବ୍**ର ପରୀକ୍ଷା ପାସ କଲେ ଯାହାକି ଏକ Short Course ଥିଲା । ୧୯୫୯ ମସିହା ଅଗଷ୍ଟ ମାସ ୧୬ ତାରିଖରେ ନିଜକୁ ଉତ୍ସର୍ଗ (ଓ୍ୱକ୍‌ଫ୍) କଲେ ଏବଂ ଆପଣଙ୍କ କର୍ମଜୀବନ ୧୯୬୦ ମସିହାରେ ଆରମ୍ଭ ହେଲା । କିନ୍ତୁ ୧୯୬୧ ମସିହାରେ ମୁବଲିଗ୍ କୋରସ୍ ପାସ କରିବା ନିମନ୍ତେ ପୁନଶ୍ଚ ଜାମିୟା ଅହେମଦିୟାରେ ପ୍ରବେଶ କଲେ ଏବଂ ୧୯୬୪ ମସିହାରେ ଶାହିଦ୍ ଡ଼ିଗ୍ରୀ ହାସଲ କଲେ । ତାପରେ ତାଙ୍କୁ କରାଚି ଓ ରବଓ୍ୱାରେ ଜଣେ ଉତ୍ସର୍ଗୀ ଭାବରେ ସେବା କରିବାର ସୌଭାଗ୍ୟ ଲାଭ ହେଲା । ୧୯୬୬ ମସିହାରେ ସିଙ୍ଗାପୁର ଓ ମାଲେସିୟା ଚାଲିଗଲେ । ପାଖାପାଖି ସାଢେ ତିନି ବର୍ଷ ସିଙ୍ଗାପୁର ଓ ଚାରି ମାସ ପାଖାପାଖି ମାଲେସିୟାରେ ସେବା କରିବାର ସେ ସୌଭାଗ୍ୟ ଅର୍ଜନ କରିଥିଲେ । ୧୯୭୦ ମସିହାରେ ପାକିସ୍ତାନ ପ୍ରତ୍ୟାବର୍ତନ କରି ବିଭିନ୍ନ ସ୍ଥାନରେ ମୁରବୀ ଭାବରେ କାର୍ଯ୍ୟରତ ରହିଲେ । ଆପଣଙ୍କୁ ଉମରା ଓ ହଜ୍ କରିବାର ସୌଭାଗ୍ୟ ମିଳିଲା ଏବଂ ଚତୁର୍ଥ ଖଲିଫାଙ୍କ (ରାବେ) ହିଜରତ୍ ପରେ ଯେତେବେଳେ ଲଣ୍ଡନରେ ବିଭିନ୍ନ କାର୍ଯ୍ୟାଳୟମାନ ପ୍ରତିଷ୍ଠା ହେଲା ଏବଂ କାର୍ଯ୍ୟଭାର ବଢିଲା, ଅଧିକରୁ ଅଧିକ ପତ୍ରିକା ପ୍ରକାଶନ ଓ ଅନୁବାଦ ନିମନ୍ତେ ଚିନୀ ଡ଼େସ୍କ ପ୍ରତିଷ୍ଠା ହେଲା ସେତେବେଳେ ଆପଣଙ୍କୁ ଏଠାକୁ ଡ଼କାଯାଇଥିଲା । **ଆପଣଙ୍କୁ ଚିନୀ ଭାଷାରେ (ଅନେକ) ପୁସ୍ତକ ଅନୁବାଦ କରିବାର ସୌଭାଗ୍ୟ ଲାଭ ହେଲା ଯେଉଁଥିରେ ଚିନୀ ଭାଷାରେ କୁରଆନର ଅନୁବାଦ ମୂଖ୍ୟ ଅଟେ ।** ଆପଣ ଜମାଅତର ପ୍ରଥା, ଶିକ୍ଷା ଓ ବିଶ୍ୱାସ ଉପରେ ଆଧାରିତ ପୁସ୍ତକମାନ ରଚନା କରିଛନ୍ତି ।

ଆପଣ ନିଜ ପଛରେ ପତ୍ନୀ, ଗୋଟିଏ ପୁତ୍ର ଓ ଦୁଇ ଜଣ ପୁତ୍ରୀ ଛାଡ଼ିଯାଇଛନ୍ତି । ଯେଉଁଠି କୋରାନ୍‌ର ଚିନୀ ଅନୁବାଦର କଥା ଉଠୁଛି ସେଠି ସେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କ ନିର୍ଦ୍ଦେଶ ଅନୁସାରେ ୧୯୮୬ ମସିହାରେ ଚିନୀ ଭାଷାରେ ପବିତ୍ର କୋରାନ୍‌ର ଅନୁବାଦର କାର୍ଯ୍ୟ ଆରମ୍ଭ କଲେ । ସେହିବର୍ଷ ଜୁନ୍ ମାସରେ ତାଙ୍କୁ ପାକିସ୍ତାନ୍‌ରୁ ବ୍ରିଟେନ୍ ଡକାଗଲା ଓ ଚାରିବର୍ଷର ପରିଶ୍ରମ ପରେ ଏହି ଅନୁବାଦ ସମ୍ପୂର୍ଣ୍ଣ ହେଲା । ଚିନୀ ଭାଷାରେ କୁରଆନ ଅନୁବାଦ ସଂକ୍ରାନ୍ତରେ ସ୍ୱୟଂ ଉସମାନ୍ ଚିନୀ ସାହେବ କୁହନ୍ତି- ଚିନୀ ଭାଷାରେ କୋରାନ୍‌ର ଅନୁବାଦ କାର୍ଯ୍ୟ କରିବା ବହୁତ ସମୟ ଚାହୁଁଥିଲା । ହଜ୍‌ରତ୍ ଖଲିଫା ରାବେଙ୍କ ତରଫରୁ ଏ ନିର୍ଦ୍ଦେଶ ଥିଲା କି ଏହାକୁ ଜମାତ୍‌ର ଶହେ ବର୍ଷ ପୁର୍ତି ଅବସରରେ ପ୍ରକାଶ କରିବାକୁ ହେବ । ପୁଣି ସେ କହୁଛନ୍ତି ଏଥିରେ ମୁଁ ବହୁତ ଚିନ୍ତିତ ଥିଲି କି ଏ କାର୍ଯ୍ୟ କିପରି ସମ୍ପୂର୍ଣ୍ଣ ହୋଇଯାଉ । ଏ କାର୍ଯ୍ୟ ସମ୍ପର୍କୀୟ ଲୋକଙ୍କ ଖୋଜା ପଡ଼ିଥିଲା, ଯେଉଁମାନେ ଚିନୀ ଭାଷାର ସ୍ତରକୁ ଉତମ କରିବେ ଓ ଏହାର ପ୍ରୁଫ୍ ଫିଡିଂର କାର୍ଯ୍ୟରେ ମଧ୍ୟ ସାହାଯ୍ୟ କରିପାରିବେ । ତେଣୁ ପାକିସ୍ତାନ୍ ବା ୟୁ.କେ ରେ ରହି ଏ କାର୍ଯ୍ୟ ସମ୍ପାଦନ କରିବା କଠିନ ଥିଲା । ଉଦାହରଣ ସ୍ୱରୂପ ଯଦି ଚିନୀ ଭାଷାରେ କିଏ ପ୍ରବୀଣ ଥିଲା ତ ସେ ଇସ୍‌ଲାମୀୟ ଜ୍ଞାନ ଜାଣିନଥିଲା ଓ ଯଦି କିଏ ଦୀନ୍‌ର ଜ୍ଞାନ ରଖିଥିଲା ତ ଚିନୀ ଭାଷାର ସ୍ତର ଦୁର୍ବଳ ଥିଲା । ତେଣୁ ଏହା ବହୁତ ମୁସ୍‌କିଲ୍ କାମ ଥିଲା । ସେ ଯାହା ହେଉ ସେ କହୁଛନ୍ତି କି ଯେବେ ଏହି ଅନୁବାଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଗଲା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କ ନିର୍ଦ୍ଦେଶକ୍ରମେ ଚୀନ୍ ଓ ସିଙ୍ଗାପୁର୍ ଯାଇ ଚିନୀ ଭାଷାରେ ଦକ୍ଷ ଥିବା ଲୋକମାନଙ୍କ ସହିତ ମଧ୍ୟ ଯାଇ ଆଲୋଚନା କଲେ ଓ ତାକୁ ବହୁତ ଉତମ ବନାଇଲେ ଓ ଅଲ୍ଲାଃତାଲାଙ୍କ କରୁଣାରୁ ତାହା ଚିନୀ ଭାଷାରେ ପବିତ୍ର କୋରାନ୍‌ର ଏକ ବହୁତ ବଡ଼ ଆଦର୍ଶ ଅନୁବାଦ ପ୍ରସ୍ତୁତ ହୋଇଗଲା । ସେ ନିଜେ ମଧ୍ୟ ବହୁତ ବିନମ୍ରତାର ସହିତ ଏକଥା ଲେଖୁଛନ୍ତି କି ଏକାର୍ଯ୍ୟ ମୋ ଠାରେ ସମ୍ଭବ ନଥିଲା । କେବଳ ଅଲ୍ଲାଃତାଲାଙ୍କର ଦୟା ଦ୍ୱାରା ହିଁ ଏହା ସମ୍ଭବ ହେଲା । ସେ ପୁଣି କହୁଛନ୍ତି କି ଚିନୀ ଭାଷାରେ ଏହା ପୂର୍ବରୁ ମଧ୍ୟ ପବିତ୍ର କୋରାନ୍‌ର କିଛି ଅନୁବାଦ ଥିଲା ଓ ପରେ ମଧ୍ୟ ଅନୁବାଦ ହୋଇଛି ଯାହାଙ୍କ ସଂଖ୍ୟା ୧୦ ରୁ ଅଧିକ ହେବ । କିନ୍ତୁ ଜମାତ୍ ଅହେମଦୀୟାର ଯେଉଁ ଅନୁବାଦ ଅଛି ତାର ଏକ ବିଶେଷ ସ୍ଥାନ ରହିଛି, ଯାହା ଅନ୍ୟ କୌଣସି ଅନୁବାଦରେ ମିଳୁନାହିଁ ଓ ଏହା ଜମାତି ଭାଷାଶାସ୍ତ୍ର ଓ ଜ୍ଞାନଶାସ୍ତ୍ର ଯୋଗୁ ବହୁତ ଆଦୃତ ହୋଇଛି । ଏହାର ପ୍ରକାଶନ ପରେ ଚିନ ଓ ଅନ୍ୟାନ୍ୟ ଦେଶର ଭାଷାବିତମାନଙ୍କ ଠାରୁ ଅସଂଖ୍ୟ ମତାମତ ମିଳିଥିଲା । ଯେଉଁଥିରେ ଉକ୍ତ ଅନୁବାଦକୁ ସର୍ବଶ୍ରେଷ୍ଠ ବିବେଚିତ କରାଯାଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଜମାଅତର ଅନୁବାଦ ସର୍ବତ୍ର ବେଶ ସ୍ୱୀକୃତି ଅର୍ଜନ କଲା ଏବଂ ଏହାର ଅନେକ ଚାହିଦା ରହିଛି । ସାଧାରଣରେ ଏହି ଅନୁବାଦର ସ୍ତର ବେଶ୍ ଉଚ୍ଚ ହେବାର ମାନ୍ୟତା ଅର୍ଜନ କଲା । କିଛି ଲୋକ ଏ ଅଭିଯୋଗ ମଧ୍ୟ କରୁଛନ୍ତି କି ଜମାତ୍‌ର ପ୍ରଥାଗୁଡିକୁ ତା ମଝିରେ ପୁରାଇ ଦିଆଯାଇଛି ବା ନିଜ ମନ ମୁତାବକ ତଫ୍‌ସିର୍ (ବ୍ୟାଖ୍ୟା) କରାଯାଇଛି । କିନ୍ତୁ ସାଧାରଣତଃ ଏହାର ଅନୁବାଦ ସ୍ତରକୁ ପ୍ରତ୍ୟେକ ବ୍ୟକ୍ତି ବହୁତ ଉଚ୍ଚତମ ସ୍ତର ବୋଲି ଅଭିହିତ କରିଛନ୍ତି । ଚୀନ୍‌ର ଜଣେ ପ୍ରଫେସର୍ ଲିନ୍‌ସାଙ୍ଗ୍ (Lin Song), ସେ ଗୋଟିଏ ପୁସ୍ତକ "ଏ ଶତାବ୍ଦିର ଚିନୀ ଭାଷାରେ କୋରାନ୍ ଅନୁବାଦ" ଲେଖିଛନ୍ତି । ଯେଉଁଥିରେ ଆମ ଅନୁବାଦ କୋରାନ୍ ବିଷୟରେ ମଧ୍ୟ ଚର୍ଚ୍ଚା କରିଛନ୍ତି ଓ ପାଖାପାଖି ତାହା ପନ୍ଦର ପୃଷ୍ଠା ବିଶିଷ୍ଟ, ଯେଉଁଥିରେ ଜମାତ୍ ଅହେମଦୀୟାର ଚିନୀ ଭାଷାରେ କରାଯାଇଥିବା କୋରାନ୍‌ର ଚର୍ଚ୍ଚା କରାଯାଇଛି । ପ୍ରଫେସର ସାହେବ୍ ବହୁତ ସ୍ୱଷ୍ଟ ରୂପେ ଆମ ପବିତ୍ର କୋରାନ୍‌ର ଅନୁବାଦର ବିଶେଷତା ବିଷୟରେ ଚର୍ଚ୍ଚା କରିଛନ୍ତି । ଉଦାହରଣ ସ୍ୱରୂପ ସେ କହିଛନ୍ତି କି ସାଧାରଣ ଓ୍ୱଲେମାମାନେ ଯେବେ ଅନୁବାଦ କରିଥାନ୍ତି ସେତେବେଳେ କିଛି ଶବ୍ଦର ଅନୁବାଦ କରନ୍ତି ନାହିଁ । ବରଂ ଅନୁବାଦର ସ୍ଥାନରେ ସେହି ଆରବୀ ଶବ୍ଦଟିକୁ ଲେଖିଦିଅନ୍ତି ବା ହାସିୟା (ଫୁଟ୍‌ନୋଟ୍‌ସ୍) ରେ ତାର ବ୍ୟାଖ୍ୟା କରିଦିଅନ୍ତି । କିନ୍ତୁ ଶେଷ ପର୍ଯ୍ୟନ୍ତ ଏପରି ଲାଗେ ଯେପରି ସେହି ଅଂଶଟି ତାଙ୍କ ପାଇଁ ବୁଝା ପଡ଼ିଲା ନାହିଁ । ଯେବେ କି ଉସ୍‌ମାନ୍ ସାହେବ୍‌ଙ୍କ ଅନୁବାଦର ବିଶେଷତା ହେଉଛି କି ଓ ସେ ଏପରି ସ୍ଥାନରେ ଅନୁବାଦ ମଧ୍ୟ କରିଥାନ୍ତି ଓ ଯେଉଁ ଆଧାରରେ ସେ ତର୍ଜମା କରିଥାନ୍ତି ତାର ସାହାଯ୍ୟକାରୀ ହଓ୍ୱାଲା ଗୁଡିକୁ ହାସିୟାରେ ଦରଜ କରିଥାନ୍ତି । ଏହା ପ୍ରଫେସର ସାହେବ୍ ଲେଖୁଛନ୍ତି କି କୋରାନ୍ ଅନୁବାଦ ସମ୍ବନ୍ଧରେ ମୁଁ ଏହି ତବ୍‌ସରା (ସମୀକ୍ଷା) ଲେଖିଥିଲି । ଏହାପରେ ଅନେକ ଥର ଉସ୍‌ମାନ୍ ସାହେବ୍‌ଙ୍କ ସହିତ ସାକ୍ଷାତ୍ ମଧ୍ୟ କରିଛି । ଏହା ଜଣେ ବାହାର ଲୋକ ଓ ପଢ଼ାଲେଖା ପ୍ରଫେସରଙ୍କର ମନୋଭାବ ଅଟେ । ଯିଏ ଇସ୍‌ଲାମ୍ ଉପରେ ନିଜକୁ ପଥରଟିଏ ଭାବୁଛି କି ଇଏ ଅର୍ଥାତ୍ ଉସ୍‌ମାନ୍ ଚିନୀ ସାହେବ୍ ଜଣେ ସାଧାସିଧା ଅଧମ, ନିଷ୍ଠାବାନ୍ ଓ ଏହ୍‌କାମ୍ ଉପରେ ନିଷ୍ଠାର ସହିତ ଅମଲ କରିବାବାଲା ବ୍ୟକ୍ତି ଅଟନ୍ତି । ସେ କହୁଛନ୍ତି ରମ୍‌ଜାନ୍ ମାସରେ ମୁଁ ତାଙ୍କୁ ଦାଓ୍ୱତ୍ (ନିମନ୍ତ୍ରଣ) କରି ଡାକିଥିଲି । ଉସ୍‌ମାନ୍ ସାହେବ୍ ରୋଜା ରଖନ୍ତି । ସେ ପବିତ୍ର କୋରାନ୍‌କୁ ଶରୀୟତ୍‌ର ସର୍ବୋତମ ପୁସ୍ତକ ବୋଲି ବିବେଚନା କରନ୍ତି । ପୁଣି ଆଗକୁ ଲେଖୁଛନ୍ତି କି ଯଦିଚ ତାଙ୍କର ଅନୁବାଦ ଓ ତାଙ୍କ ତଫସିର୍‌ର କିଛି

ଅଂଶ ଆମ ଚିନୀ ସୁନି ଫିର୍‌କାର ଲୋକମାନଙ୍କ ଦୃଷ୍ଟିକୋଣ ମୁତାବକ ସମାନ ନୁହେଁ କିନ୍ତୁ ଆମେ ଏକଥାକୁ ଅସ୍ୱୀକାର କରିପାରିବୁ ନାହିଁ କି ଏ ବ୍ୟକ୍ତି ଜଣକ ଏକେଶ୍ୱରବାଦକୁ ମାନୁଥିଲେ । ହଜୁର ସ:ଆ:ସଙ୍କ ସହିତ ପ୍ରେମ କରୁଥିଲେ ଓ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ମୁତାବକ କାର୍ଯ୍ୟ କରୁଥିଲେ । (ଉଦ୍ଧୃତ ରୋଜ୍‌ନାମା ଅଲ୍‌ଫଜଲ୍, ତା ୧ ୨ ମାର୍ଚ୍ଚ୍ ୨୦୧୨, ପୃଷ୍ଠା-୩, ଖଣ୍ଡ-୯୭, ସଂଖ୍ୟା ୬୦,୬୨)

ଚିନୀ ସାହେବ ନିଜ ତତ୍ତ୍ୱାବଧାନରେ ଚିନୀ ଭାଷାରେ ଯେଉଁ ପତ୍ରିକାମାନ ପ୍ରସ୍ତୁତ କରିଥିଲେ ସେଗୁଡିକର ଇଂରାଜୀ ଟାଇଟେଲ୍ ହେଉଛି ଏପରି - My life and ancestary ଏହା ଚିନୀ ଭାଷାରେ ଲେଖାଯାଇଛି Introduction to morality ଏହା ଚିନୀ ଭାଷାରେ ଲେଖାଯାଇଛି । ସେଥିମଧ୍ୟରେ ସାତ ଗୋଟି ପୁସ୍ତକ ତାଙ୍କ ନିଜର ରଚିତ ଏବଂ ପାଖାପାଖି ୩୫ ଗୋଟି ପୁସ୍ତକ ସେ ସ୍ୱୟଂ ଅନୁବାଦ କରିଛନ୍ତି ଏବଂ ନିଜ ତତ୍ତ୍ୱାବଧାନରେ କରାଇଛନ୍ତି । An outline of Ahmadiyya Muslim Jamaat ଏହା ଜମାତ୍‌ର ପରିଚୟ ବିଷୟରେ Outline of Islam ଏହା ଇସ୍‌ଲାମ୍‌ର ପରିଚୟ ବିଷୟରେ Islamic concept of jihad and Ahmadiyya muslim jamat ଏହା ମଧ୍ୟ ସେ ଚିନୀ ଭାଷାରେ ରଚନା କରିଛନ୍ତି । Ahmadiyya muslim communities contribution to the world ଏହା ମଧ୍ୟ ଲେଖିଛନ୍ତି ଅର୍ଥାତ୍ ମଣିଷ ଜୀବନରେ ଇସ୍‌ଲାମ୍ ଧର୍ମର କଣ ଆବଶ୍ୟକତା ରହିଛି । ଏହା ହେଉଛି ତାଙ୍କର ଜ୍ଞାନସେବା । ମୁଁ ସଂକ୍ଷେପରେ ଏହା ଚର୍ଚ୍ଚା କଲି ।

ପାରିବାରିକ ଜୀବନ ସମ୍ବନ୍ଧରେ ତାଙ୍କ ପତ୍ନୀ ଲେଖିଛନ୍ତି- ଯେତେବେଳେ ମୋ ପାଇଁ ଉସମାନ୍ ସାହେବଙ୍କର ବିବାହ ପ୍ରସ୍ତାବ ଆସିଲା ସେତେବେଳେ ମୋ ପିତା ବୟସରେ (ଅତ୍ୟଧିକ) ତାରତମ୍ୟ ଯୋଗୁଁ (ପ୍ରସ୍ତାବରେ) ରାଜି ହେଲେ ନାହିଁ । ସେତେବେଳେ ମୋର ବୟସ ୨୦ ବର୍ଷ ଥିବାବେଳେ ଉସ୍‌ମାନ ସାହେବଙ୍କ ବୟସ ପାଖାପାଖି ୫୦ ବର୍ଷ ହେବ । ଉସମାନ୍ ସାହେବଙ୍କ ପତ୍ନୀ ଚିନ ଦେଶର ଅଟନ୍ତି । ସେ କୁହନ୍ତି ବହୁ ମାସ ପର୍ଯ୍ୟନ୍ତ ମୋ ପିତା ଉକ୍ତ ପ୍ରସ୍ତାବ ଗୋପନ ରଖିଥିଲେ ଶେଷରେ ପତ୍ର ମୋ ସମ୍ମୁଖରେ ରଖି କହିଲେ ତୁମେ ନିଜେ ନିଷ୍ପତି ନିଅ । ସେ କୁହନ୍ତି ମୁଁ ସ୍ୱପ୍ନରେ ଦେଖିଥିଲି କି ମୁଁ କୌଣସି ବାହାର ଦେଶର ଗୋଟିଏ ବିସ୍ତୀର୍ଣ୍ଣ ପଡ଼ିଆରେ ଶୂନ୍ୟ ହସ୍ତରେ ଛିଡ଼ା ହୋଇଛି ଏବଂ ହଠାତ୍ ଚିନ୍ତା କରୁଅଛି କି ମୋର (ଅବସ୍ଥା) କ'ଣ ହେବ ସେତେବେଳେ କିଛି ବ୍ୟବଧାନରେ ଜଣେ ଶ୍ୱେତ ବସ୍ତ୍ର ପରିହିତ ବ୍ୟକ୍ତିଙ୍କୁ ଛିଡ଼ା ହୋଇଥିବାର ଦେଖିଲି ଏବଂ ଗୋଟିଏ ଶବ୍ଦ ଶୁଣିଲି କି ତୁମର ସମସ୍ତ ଆବଶ୍ୟକତା ଏହି ବ୍ୟକ୍ତି ମାଧ୍ୟମରେ ପୂରଣ କରାଯିବ । ସେ କୁହନ୍ତି ଉକ୍ତ ପତ୍ରକୁ ଦେଖିବା ପରେ ମୁଁ ଉସମାନ୍ ସାହେବଙ୍କୁ ସ୍ୱପ୍ନରେ ଦେଖିଥିଲି ଯେ ଶ୍ୱେତ ବସ୍ତ୍ର ପରିଧାନ କରି ମୋ ନିକଟରେ ଛିଡ଼ା ହୋଇଥିଲେ । ମୁଁ ଶୋଇରହିଥିଲି । ପରେ ଯେତେବେଳେ ମୋତେ ତାଙ୍କର ଫଟୋ ଦେଖାଗଲା ସେତେବେଳେ ମୁଁ ଜାଣିଲି ଯେ, ଏ ସେହି ବ୍ୟକ୍ତି ଯାହାଙ୍କୁ ମୁଁ ସ୍ୱପ୍ନରେ ଦେଖିଥିଲି । ତେଣୁ ମୁଁ ଉକ୍ତ ପ୍ରସ୍ତାବରେ ରାଜି ହୋଇଗଲି । ଚାରିବର୍ଷ ପର୍ଯ୍ୟନ୍ତ ନିର୍ବନ୍ଧ ହୋଇ ରହିଲା । ପାସ୍‌ପୋର୍ଟ୍ ହୋଇପାରୁନଥିଲା । ସେଠିକାର ଅବସ୍ଥା ବହୁତ ଖରାପ ଥିଲା ଓ ରାଜନୈତିକ ଅବସ୍ଥା ଓ ସାଂସ୍କୃତିକ କ୍ରାନ୍ତି ଯୋଗୁ ତାଙ୍କର ଆସିବା ବହୁତ କଠିନ କାର୍ଯ୍ୟ ଥିଲା । ସେ କହୁଛନ୍ତି କି ଉସ୍‌ମାନ୍ ସାହେବ୍ ଗୋଟିଏ ସ୍ୱପ୍ନରେ ଦେଖିଥିଲେ କି ଯେବେ ମାଓ ସେ ତୁଙ୍ଗ୍ ଙ୍କ ମରିବେ ସେତେବେଳେ ମୋ ସ୍ତ୍ରୀ ଆସିବ ଓ ମାଓ ସେ ତୁଙ୍ଗ୍ ସାହେବ୍, ଯିଏ ସେ ସମୟରେ ଚାଇନାର ଚେୟାର୍‌ମ୍ୟାନ୍ ଥିଲେ ଓ ବହୁତ ସ୍ୱାସ୍ଥ୍ୟବାନ୍ ଥିଲେ ଓ ତାଙ୍କୁ କୌଣସି ରୋଗ ମଧ୍ୟ ନଥିଲା ଓ ବହୁତ ଖୁସିରେ ଜୀବନ ଜାପନ କରୁଥିଲେ । ସେ ଯାହା ହେଉ ଏଥିରେ ସେ କହିଲେ ଏହା ବହୁତ ସମୟ ସାପେକ୍ଷ । ଜଣାନାହିଁ କେବେ ଆସିବେ । ଏଥିରେ ଚିନୀ ସାହେବ୍ ଏ ନିଷ୍ପତି ନେଲେ କି ସେ ମାଓ ସେ ତୁଙ୍ଗ୍‌ଙ୍କ ନିକଟକୁ ପତ୍ର ଲେଖିବେ । କହୁଛନ୍ତି ମୁଁ ଚିଠି ଡାକରେ ପକାଇବା ପାଇଁ ଯାଉଥିଲି କି ମାଓ ସେ ତୁଙ୍ଗ୍ ଙ୍କ ନିଧନ ହେବାର ଖବର ମୋତେ ମିଳିଗଲା । ତାଙ୍କ ସ୍ତ୍ରୀ ଲେଖୁଛନ୍ତି କି ତାଙ୍କ ମୃତ୍ୟୁର କିଛି ଦିନ ପରେ ମୋତେ ମୋର ପାସ୍‌ପୋର୍ଟ୍ ମିଳିଗଲା । ପୁଣି କହୁଛନ୍ତି କି ତେଣୁ ମୁଁ ପାସ୍‌ପୋର୍ଟ୍ ନେଇ ମୋ ବାପଘରକୁ ଆସିଲି । ଯେବେ ମୁଁ ମୋ ବାପଘରକୁ ଆସିଲି ସେ ରାତିରେ ବହୁତ ବର୍ଷା ହେଲା । ଏହାପୂର୍ବରୁ ବହୁତ ଦିନ ପର୍ଯ୍ୟନ୍ତ ବର୍ଷା ନହୋଇ ଗଛପତ୍ର ଶୁଖି ଯାଇଥିଲା । ସେ ରାତିରେ ଏତେ ବର୍ଷ ହେଲା କି ପାଣିର ସ୍ରୋତ ଦ୍ୱାରା ଭୂମି ଉପରେ ବଡ଼ବଡ଼ ଗୋହି ସୃଷ୍ଟି ହୋଇଗଲା । ଜଣେ ଗଏର୍ ଅହେମଦୀ ପଡୋଶୀ ମୋତ ଦେଖି କହିଲେ କି ଯଦି ତୁମେ ପୂର୍ବରୁ ଆସିଯାଇଥାଆନ୍ତ ତ ଆମ ଏଠାରେ ଯେଉଁ ବର୍ଷାର ଅଭାବ ଥିଲା ତାହା ଦୂର ହୋଇଯାଇଥାଆନ୍ତା । ସେ ଯାହାହେଉ ସେ କହୁଛନ୍ତି କି ଏକ ସପ୍ତାହ ପରେ ମୁଁ ଚାଇନାରୁ ବାହାରିଲି ଓ ମୋ ପାଖରେ କିଛି ସାମାନ୍ ନଥିଲା । ଦୁଇହଳ ଡ୍ରେସ୍‌ଥିଲା ଯାହାକୁ ଉସ୍‌ମାନ୍ ସାହେବ୍‌ଙ୍କ ଛୋଟଭାଇ ମୋତେ ଦେଇଥିଲେ ଓ ସୋୟାସସ୍‌ର କିଛି ବୋତଲ ଥିଲା । ୧୨ ଅଗଷ୍ଟ ୧୯୭୮ କୁ ମୁଁ କରାଚିରେ ପହଂଚିଲେ । ସେଠାରେ ଚୌଧୁରୀ ଅହେମଦ୍ ମୁଖ୍‌ତାର୍ ସାହେବ୍ ନିକାହ୍ ପଢ଼ାଇଲେ ଓ ନିଜେ ହିଁ ମୋର ୱଲି ହେଲେ । ତୃତୀୟ ଦିନ ଆମକୁ ଚାଇନିଜ୍ ଆମ୍ବାସି ଜିବାର ଥିଲା । ଟ୍ରେନ୍ ଜରିଆରେ ଆମେ ଗଲୁ, ଯେଉଁଥିରେ ପୁରୁଷ ଓ ମହିଳାମାନଙ୍କର ଅଲଗା ଅଲଗା ବ୍ୟବସ୍ଥା ଥିଲା । ଓ ଏ ଫଇସଲା ହୋଇଥିଲା କି ଯେବେ ସବୁ ଲୋକ ଟ୍ରେନ୍‌ରୁ ଓହ୍ଲାଇଯିବେ ସେତେବେଳେ ଆମେ ଷ୍ଟେସନ୍‌ରେ ମିଶିବା । କିନ୍ତୁ ସେ କହୁଛନ୍ତି କି ମୁଁ ତ ନୂଆ ଥିଲି ଓ ଯେଉଁ ଡବାରେ ମୁଁ ବସିଥିଲି ସେଥିରେ ଥିବା ସମସ୍ତ ଲୋକେ ଅର୍ଥାତ୍ ଯାତ୍ରୀମାନେ ତାଙ୍କ ପୂର୍ବରୁ ଓହ୍ଲାଇଗଲେ । ମୁଁ ଭାବିଲି ଏହା ବୋଧେ ଶେଷ ଷ୍ଟେସନ୍ ବୋଲି । ତେଣୁ ମୁଁ ମଧ୍ୟ ଓହ୍ଲାଇଗଲି ଓ ଯେତେବେଳେ ଦେଖିଲି ଟ୍ରେନ୍‌ଟି ପୁଣି ଚାଲିବାକୁ ଆରମ୍ଭ କଲା ସେତେବେଳେ ମୋତେ ଅନୁଭବ ହେଲା କି ଏହା ଶେଷ ଷ୍ଟେସନ୍ ନୁହେଁ । କିନ୍ତୁ ସେତେବେଳେ ଟ୍ରେନ୍‌ରେ ଚଢ଼ିବା ବଡ଼ କଷ୍ଟକର କାର୍ଯ୍ୟ ଥିଲା । କାରଣ ଟ୍ରେନ୍‌ଟି ବହୁତ ଭିଡ ଥିଲା । ମୁଁ ସେତେବେଳେ ବହୁତ ବ୍ୟତିବ୍ୟସ୍ତ ହୋଇଯାଇଥିଲି । ସେ ଯାହା ହେଉ ଯେତେବେଳେ ଜଣେ ପୋଲିସ୍ ଅଫିସର୍ ମୋତେ ଏଣେତେଣେ ଘୁରିବାର ଦେଖିଲେ ସେ ରେଲ୍‌ୱେ ପୋଲିସ୍‌କୁ ଡାକି ମୋତେ ଚାଇନିଜ୍ ଆମ୍ବାସି ପଠାଇଦେଲେ । ସେ କହୁଛନ୍ତି ମୁଁ ନିକାବ୍ ଓ କୋଟ୍ ପିନ୍ଧିଥିଲି । ତେଣୁ ସେ ସମୟରେ ଆମ୍ବାସିବାଲାକୁ ଏ ବିଶ୍ୱାସ ହେଲାନାହିଁ କି ମୁଁ ଜଣେ ଚାଇନିଜ୍ ବୋଲି, କାରଣ ଜଣେ (ଚିନୀ) ମହିଳା ବୋର୍ଖାରେ କିପରି ହୋଇପାରେ । ସେ ଯାହା ହେଉ ସେମାନେ ଗୋଟିଏ ଚିନୀ ଭାଷାର ପତ୍ରିକା ମଗାଇଲେ ଓ ମୋତେ ପଢ଼ି ଶୁଣାଇବା ପାଇଁ କହିଲେ ଓ ଏହାପରେ ଟାକ୍‌ସିର ବ୍ୟବସ୍ଥା ହେଲା । ଯାହାହେଉ ଏହାଏକ ଲମ୍ବା କାହାଣୀ ଅଟେ । କୌଣସି ନା କୌଣସି ପ୍ରକାରେ ସେ ପହଂଚିଗଲେ । ଟାକ୍‌ସି ବାଲା ରାସ୍ତାରେ ବାରମ୍ବାର ଏହା ପଚାରୁଥିଲା କି କେଉଁଠାକୁ ଯିବ, ସେ ତାଙ୍କୁ ପହଂଚାଇଦେଲା । ବରଂ ଟାକ୍‌ସିବାଲା ଜଣକ ବହୁତ ଆଶ୍ଚର୍ଯ୍ୟ ହେଉଥିଲା କି ମୁଁ ଜଣେ ମହିଳାକୁ ଏପରି ଘୁରି ବୁଲିବାର କେବେ ଦେଖିନାହିଁ । ପୁଣି ସେ କହୁଛନ୍ତି କି ଏହା ଆମ ଜୀବନର ପ୍ରାରମ୍ଭ ଥିଲା । ଉସମାନ୍ ସାହେବଙ୍କ ସମ୍ବନ୍ଧରେ ତାଙ୍କ ପତ୍ନୀ ଲେଖିଛନ୍ତି ସେ ଜଣେ ଉତମ ସ୍ୱାମୀ ଥିଲେ ବରଂ ମୋର ଆଧ୍ୟାତ୍ମିକ ଗୁରୁ ଥିଲେ । ଯେତେବେଳେ ମୁଁ ପାକିସ୍ତାନ ଆସିଲି ସର୍ବପ୍ରଥମେ ସେ ମୋତେ ନମାଜ ପଢିବା ଶିଖାଇଲେ । ମସଜିଦ୍‌ରେ ନମାଜ ପଢିଆସି ପୁନଶ୍ଚ ମୋ ସହିତ ଘରେ ନମାଜ ପାଠ କରନ୍ତି । ଘଣ୍ଟା ଘଣ୍ଟା ଧରି ମୋତେ ନମାଜର ଆରବୀ ଶବ୍ଦଗୁଡ଼ିକ ଶିଖାନ୍ତି । ସେ ମୋତେ ଗୋଟି ଗୋଟି ଶବ୍ଦ ଓ ଧାଡ଼ି ଶିଖାଇ ଉପଦେଶ ଦିଅନ୍ତି କି ଏହାକୁ ସ୍ମରଣ କର ଏବଂ ଯଦି ଭୁଲିଯାଅ ତେବେ ଦୁଆର ପୁସ୍ତକକୁ ନିଜ ପାଖରେ ରଖ । ସେ ମୋତେ ଛ'ମାସ ମଧ୍ୟରେ କାଏଦା ପଢିବା ଶିଖାଇଦେଲେ ଏବଂ କୁରଆନ ପଢିବା ଶିଖାଇବା ସହିତ ସେ ମୋତେ ତାହାର ଅନୁବାଦ ମଧ୍ୟ ଶିଖାଉଥିଲେ ଯଦ୍ୱାରା ମୋର କୁରଆନ ପ୍ରତି ଆଗ୍ରହ ବଢିବ । ଅତ୍ୟନ୍ତ ଧର୍ଯ୍ୟବାନ ଓ ବେଶ୍ ସୁନ୍ଦର ଭାବରେ ବିଷୟ ବସ୍ତୁର ସାରତତ୍ତ୍ୱକୁ ବୁଝାଉଥିଲେ ବରଂ ବିସ୍ତୃତ ଉଦାହରଣମାନ ଦେଇ ବୁଝାଉଥିଲେ । ଅତ୍ୟନ୍ତ ଦୟାଳୁ, ନିଜ ମାତାଙ୍କୁ ଚିନରୁ ପାକିସ୍ତାନ ଆଣି ତାଙ୍କର ବହୁତ ସେବାଯତ୍ନ କଲେ । ସେ କହୁଛନ୍ତି ବେଳେବେଳେ ଆମର ଅବସ୍ଥା ଏପରି ଥିଲା ବା ଏପରି ସମୟ ଆସିଥିଲା କି ସମ୍ପୂର୍ଣ୍ଣ ଦିନରେ କ୍ଷୀରର କେବଳ ଗୋଟିଏ ବୋତଲ ଆମେ କିଣିପାରୁଥିଲୁ ଓ ସେ ମଧ୍ୟ ତାକୁ ନିଜ ମା'ଙ୍କୁ ଦେଇ ଦେଉଥିଲେ । ଯେଉଁଆଡେ ମଧ୍ୟ ଗସ୍ତରେ ଯାଉଥିଲେ ନିଜ ମା'ଙ୍କୁ ସାଙ୍ଗରେ ରଖୁଥିଲେ । ହଜୁର୍ କହୁଛନ୍ତି- ଚିନୀ ସାହେବ୍ ନିଜର ମା'ଙ୍କର ବହୁତ ସେବା କରିଛନ୍ତି । ସେ କୁହନ୍ତି ତାଙ୍କର ସମ୍ପୂର୍ଣ୍ଣ ଜୀବନ ନିଜ କାର୍ଯ୍ୟ ସମ୍ପାଦନ କରିବାରେ ଜଡ଼ିତ ଥିଲା । ଯେତେବେଳେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ଥିଲା ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟାଳୟରେ କାମ କରୁଥିଲେ ବରଂ ଅନେକ ସମୟରେ କାମ କରିକରି ସକାଳ ପାଇଯାଏ । ଘରେ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ ପିଲାମାନଙ୍କ ଉତମ ପ୍ରଶିକ୍ଷଣ କରିବା ଥିଲା, ବାକି ଛୋଟ ଛୋଟ ସାଂସାରିକ କାର୍ଯ୍ୟରେ ଆପଣଙ୍କର କୌଣସି ଆଗ୍ରହ ନଥିଲା ନିଜ ଖାଇବା ଓ ବସ୍ତ୍ର (ପରିଧାନ) ଆଦିରେ ଅତ୍ୟନ୍ତ ସାଧାରଣ ସ୍ୱଭାବୀ ଥିଲେ ।

ତାଙ୍କର ଜ୍ୟେଷ୍ଠ କନ୍ୟା ଡ଼ାଃ କୁର୍‌ରତୁଲ୍ ଐନ୍ ଲେଖିଛନ୍ତି ମୋ ପିତାଙ୍କ କେତେକ ବିଶେଷ ଗୁଣକୁ ଶବ୍ଦର ବର୍ଣ୍ଣନା କରିବା ବଡ଼ କଷ୍ଟସାଧ । ଆପଣ ଅତ୍ୟନ୍ତ ନମ୍ର, ଦୟାଳୁ, ପରିଶ୍ରମି, ସର୍ବଦା ସକାରତ୍ମକ ଚିନ୍ତା ବହନ କରୁଥିବା ମଣିଷ ଥିଲେ । ପ୍ରତ୍ୟେକ ମାମଲାରେ ଆମ (ଭାଇ ଭଉଣୀ) ଏବଂ ଜ୍ୱାଇଁମାନଙ୍କୁ ଏକତ୍ର ହୋଇ ପାରାମର୍ଶ କରିବାକୁ ପ୍ରୋତ୍ସାହିତ କରୁଥିଲେ । ଆମ ସ୍କୁଲ ପାଠପଢାରେ ମଧ୍ୟ ବିଶେଷ ଦୃଷ୍ଟି ରଖୁଥିଲେ, ଶିକ୍ଷକଙ୍କର ମତାମତ ପଚାରି ବୁଝୁଥିଲେ କି (ସ୍କୁଲରେ) ଶିକ୍ଷକ କ'ଣ କହିଲେ । ଆମକୁ କହୁଥିଲେ କି ତୁମ ଜୀବନର ଉଦ୍ଦେଶ୍ୟ (ଧର୍ମ) ପ୍ରଚାର କରିବା ଅଟେ ବିଶେଷ କରି ଚିନୀମାନଙ୍କୁ ଏବଂ ଆମକୁ ନିୟମିତ ଭାବରେ ଉପଦେଶ ଦେଉଥିଲେ କି ଆଧ୍ୟାତ୍ମିକତା, ଚରିତ୍ର ଗଠନ ଓ ଜ୍ଞାନ ହାସଲ କରିବାରେ ଉନ୍ନତି କର ଏବଂ **ଅଧିକାଂଶ ସମୟ କହୁଥିଲେ କି ତୁମମାନଙ୍କ ଆଚରଣ, ବ୍ୟକ୍ତିତ୍ୱ ଓ ଅମଲକୁ ଦେଖି ଲୋକମାନଙ୍କୁ ଅନୁଭବ ହେବା ଉଚିତ୍ ଯେ, ସ୍ୱୟଂ ଅଲ୍ଲାଃ ବିଦ୍ୟମାନ** । କାରଣ ଯେଉଁ ପିଲାମାନେ ଅଲ୍ଲାଃଙ୍କ ଉପରେ ଆସ୍ଥା ରଖିଥାନ୍ତି ସେମାନେ ସେହି ପିଲାମାନଙ୍କଠାରୁ ଶ୍ରେୟସ୍କର ଯେ ଅଲ୍ଲାଃଙ୍କ ଉପରେ ଆସ୍ଥା ରଖିନଥାନ୍ତି ଏହି ଉପଦେଶ ମଧ୍ୟ ଦେଉଥିଲେ କି ଯେଉଁ କାର୍ଯ୍ୟ ଆରମ୍ଭ କର ତାହାକୁ ନିୟମିତ ଭାବରେ ସମ୍ପାଦନ କର । କଦାପି ଏପରି ହୋଇ ନାହିଁ କି ଆପଣ ଆମକୁ ପିଲାବେଳେ ବିରକ୍ତ ହୋଇଛନ୍ତି । **ସର୍ବଦା ପ୍ରେମରେ ବୁଝାନ୍ତି ଯଦି କଦାଚିତ୍ ଆକଟ କରିଛନ୍ତି ତେବେ ନମାଜ ପଢିବାରେ ଏବଂ ସେଥିରେ ନିୟମିତ ଅବଲମ୍ବନ କରିବାପାଇଁ କରୁଥିଲେ** । ଓ କହୁଛନ୍ତି ବରଂ ଆମକୁ ପିଲାଦିନୁ ପାଂଚବେଳା ମସ୍‌ଜିଦ୍‌ର ନମାଜର ଅଭ୍ୟାସ ପକାଇବା ପାଇଁ ଆମକୁ ସାଥିରେ ନେଇଯାଉଥିଲେ । ଅବସର ସମୟରେ ଆମକୁ କିଛି ନା କିଛି ପୁସ୍ତକ ଅଧ୍ୟୟନ କରିବାକୁ ଦିଅନ୍ତି ଏବଂ ପରେ ତାହାର ପରୀକ୍ଷା ନିଅନ୍ତି । ସେ ଆହୁରି କୁହନ୍ତି କି ମୋ ପିତା **କଶତି ନୁହ୍‌**ର ଏକ ବହୁ ପୁରାତନ ଖଣ୍ଡ (ମୋତେ) ପଢିବାକୁ ଦେଇ କହିଲେ କି ଏହାକୁ ପଢ଼ । ଏ ପୁସ୍ତକର ଉର୍ଦ୍ଦୁ ଏତେଟା କଷ୍ଟ ନୁହେଁ ଯେତେ ଅନ୍ୟ ପୁସ୍ତକ ଗୁଡିକର ଉର୍ଦ୍ଦୁ କଷ୍ଟକର ଅଟେ । ଏହା ମୋର ପ୍ରଥମ ପୁସ୍ତକ ଯାହାକି ମୁଁ ଜାମିୟା ଅହେମଦିୟାରେ ପଢିଥିଲି । ପୁଣି ପର୍ଦ୍ଦା କରିବା ସମ୍ବନ୍ଧରେ ମଧ୍ୟ ତାଙ୍କୁ ଚିନ୍ତା ଥିଲା । ସେ କହୁଥିଲେ ଯେବେ ୟୁନିଭରସିଟି ଯିବ ସେଠାରେ ପର୍ଦ୍ଦା କରିବ । ଯଦି ନିକାବ୍ ବାହାର କରିବା ପାଇଁ ମଜ୍‌ବୁରି ଅର୍ଥାତ୍ ବାଧ୍ୟ ଅଟେ ତେବେ ମେକପ୍ କରିବ ନାହିଁ । ଓ କେବଳ ପାଠପଢ଼ା ସମୟରେ ତାହା ବାହାର କରିଦେବ । ଏହା ସେ ହଜ୍‌ରତ୍ ଖଲିଫା ରାବେଙ୍କୁ ପଚାରିଥିଲେ । ପୁଣି ଏହାର ଅନୁମତି ଦେଲେ । ଅର୍ଥାତ୍ ୟୁନିଭରସିଟିରେ ଏ ସର୍ତର ସହିତ ପଢ଼ିପାରିବ କି ତୁମେ ଯେତେବେଳେ ପର୍ଦ୍ଦା କରିବ । ଯଦି କ୍ଲାସ୍‌ରେ ବାହାର କରିବା ପାଇଁ ବାଧ୍ୟ ହେବାକୁ ପଡେ ତେବେ ମେକପ୍ ହେବା ଉଚିତ୍ ନୁହେଁ ଓ ଏହା ପରେ ତତ୍‌କ୍ଷଣାତ୍ ପୁଣି ପର୍ଦ୍ଦା କରିବା ଉଚିତ୍ ।

ଏହିପରି ତାଙ୍କର ଛୋଟ ଝିଅ, ଯାହାଙ୍କ ନାମ ହେଉଛି ମୁନଜାଃ, ସେ କହୁଛନ୍ତି କି ବାପା **ସର୍ବଦା କହୁଥିଲେ କି ତୁମମାନଙ୍କୁ ଚନ୍ଦ୍ରକୁ ପ୍ରାପ୍ତ କରିବା ନିମନ୍ତେ ଚେଷ୍ଟା କରିବା ଉଚିତ୍ ଯଦି ଚନ୍ଦ୍ର ନମିଳେ ତେବେ ତାରକା ତ ମିଳି ହିଁ ଯିବ** । ଅର୍ଥାତ ସର୍ବଦା ଉଚ୍ଚାଅଭିଳାଷୀ ହୁଅ ଏବଂ ପାଂଚବେଳା ନମାଜ ବାଜମାଅତ୍ ପାଠ କରିବା ସହିତ ଆମକୁ ତହଜୁଦ୍ ପାଠ କରିବାକୁ ମଧ୍ୟ ପ୍ରୋତ୍ସାହିତ କରନ୍ତି । ପାଣି ଛିଟ୍ଟା ମାରି ଫଜର୍ ନମାଜ ନିମନ୍ତେ ଜଗାନ୍ତି । ହଜରତ ମସିହ ମଉଦ ଆ.ସ ଓ ଖଲିଫାମାନଙ୍କ ପୁସ୍ତକ ଅଧ୍ୟୟନ କରିବା ପ୍ରତି ଧ୍ୟାନ ଆକର୍ଷିତ କରନ୍ତି ଏବଂ ଘଣ୍ଟା ଘଣ୍ଟା ଧରି ବେଶ୍ ଧର୍ଯ୍ୟ ସହକାରେ ଆମ ପ୍ରଶ୍ନର ଉତର ଦିଅନ୍ତି ଏପରି ନୁହେଁ କି ସାମାନ୍ୟ କଥାରେ ବିରକ୍ତ ହୋଇଉଠନ୍ତି । ଏହା ମା'ବାପାଙ୍କ ପାଇଁ ମଧ୍ୟ ଏକ ନମୁନା ଅଟେ । ସର୍ବଦା କୁହନ୍ତି ଅଲ୍ଲାଃତାଲା ତୁମକୁ ଯେଉଁ ସାମର୍ଥ୍ୟ ଓ କୌଶଳ ପ୍ରଦାନ କରିଛନ୍ତି ତାହାର ସଦ୍ ଉପଯୋଗ କର ନା କି ତାହାକୁ ନଷ୍ଟ କର ଏବଂ କୁହନ୍ତି ଯାହା କରୁଅଛ ତାହା କେବଳ ଅଲ୍ଲାଃଙ୍କ ଉପାସନା କରିବା ଉଦ୍ଦେଶ୍ୟରେ କରିବା ଉଚିତ୍ । ଆଧ୍ୟାତ୍ମିକ ଉନ୍ନତି କରିବା ସମ୍ବନ୍ଧରେ ଉଦାହରଣ ଦେଇ କୁହନ୍ତି ତାହା (ଏକ) ଶିଡ଼ି ପରି ଅଟେ ଯେଉଁଥିରେ କେବେ କେବେ ବିଘ୍ନ ଘଟିଥାଏ କିନ୍ତୁ ତତ୍‌ସହିତ ପାଦ ଉର୍ଦ୍ଧ୍ୱକୁ ମଧ୍ୟ ଉଠିଥାଏ ।

ପୁଣି ସେ ଲେଖୁଛନ୍ତି କି ସେ ଆମକୁ ନମ୍ର, ସରଳ ଓ ଅନ୍ୟମାନଙ୍କୁ ନିଜ ଉପରେ ପ୍ରାଧାନ୍ୟ ଦେବା ଶିକ୍ଷା ଦେଇଛନ୍ତି । ଯେବେ ସେ ଇସ୍‌ଲାମାବାଦ୍‌ର ସଦର୍ ଜମାତ୍ ଥିଲେ ସେତେବେଳେ ସମସ୍ତଙ୍କ ଘରେ ସେଂଟ୍ରାଲ୍ ହିଟିଙ୍ଗ୍ ଲଗାଯାଉଥିଲା । ସେତେବେଳେ ସେ ଏହା ନିଶ୍ଚିତ କରାଇଲେ କି ସମସ୍ତଙ୍କ

ପରେ ଅର୍ଥାତ୍ ଶେଷରେ ଆମ ଘରେ ଏ କାର୍ଯ୍ୟ ହେବ । ତାଙ୍କ ପୁତ୍ର ଡ଼ାଃ ଦାଉଦ ସାହେବ କୁହନ୍ତି- ମୋ ପିତା ମୋତେ କହିଥିଲେ କି ଜାମିଆରେ ଅଧ୍ୟୟନରତ ସମୟରେ ତାଙ୍କ ନିକଟକୁ ନିଜ ବଡ଼ ଭାଇ ଓ ପିତାଙ୍କ ଦେହାନ୍ତର ଟେଲିଗ୍ରାମ ଆସିଲା । ସେତେବେଳେ ସେ ଜାମିଆର ପରୀକ୍ଷାରେ ବ୍ୟସ୍ତ ଥିଲେ, ସେ ଚିନ୍ତା କଲେ ଏହି ଦୁଃଖଦ ଖବର ମଧ୍ୟ ଜାମିଆର ପରୀକ୍ଷା ପରି ଅଲ୍ଲାଃଙ୍କ ନିକଟରୁ ଏକ ପ୍ରକାର ପରୀକ୍ଷା ଅଟେ, ସୁତରାଂ ସେ ଜାମିଆର ପରୀକ୍ଷା ଦେଲେ ଓ ସମୟ ନଷ୍ଟ କଲେ ନାହିଁ ।

ତାଙ୍କ ପୁତ୍ର ଦାଉଦ ସାହେବ କୁହନ୍ତି ଚିନୀ ଲୋକଙ୍କୁ ତବଲିଗ୍ କରିବା ନିମନ୍ତେ ସେ ଯେଉଁ ସମାରୋହରେ ଯୋଗଦିଅନ୍ତି ସେଠାରେ ଉପସ୍ଥିତ ଲୋକମାନଙ୍କୁ ଅହେମଦିୟତ୍‌ର ବାର୍ତା ପହଂଚାଇ ପତ୍ରିକା ବଣ୍ଟନ କରନ୍ତି । ଏପରିକି ଯେତେବେଳେ ଆପଣ ବେମାର ହୋଇଗଲେ ଓ ଚାଲିପାରୁନଥିଲେ ସେତେବେଳେ ସେ Wheel Chair ରେ ଆସନ୍ତି, ତାହାର ଥାକରେ ବଡ଼ ବଡ଼ ପୁସ୍ତକ ରଖିବାକୁ ଜିଦି କରନ୍ତି କି ଏସବୁ (ମୁଁ) ଲୋକମାନଙ୍କୁ ବାଣ୍ଟିବି ।

ସେ ଆହୁରି କୁହନ୍ତି ଯେତେବେଳେ ମୁଁ ପିଲାଦିନେ କଦାଚିତ୍ ପିତାଙ୍କ କାର୍ଯ୍ୟାଳୟ ଚାଲିଗଲେ ତାଙ୍କ କଲମ କିମ୍ବା ପେନସିଲ୍ ନେବାକୁ ଚେଷ୍ଟା କରେ କିନ୍ତୁ ସେ ମୋତେ ତାହାକୁ ବ୍ୟବହାର କରିବାକୁ ଦିଅନ୍ତି ନାହିଁ ଏବଂ ମୋ ମା'ଙ୍କୁ କୁହନ୍ତି ତାହା ପାଇଁ ଅଲଗା କଲମ କିଣ କାରଣ ତାହାକୁ କଲମର ଆବଶ୍ୟକତା ରହିଛି ଏବଂ ଯଦି କଦାଚିତ୍ Xerox କରିବାକୁ ଥାଏ ତେବେ ମୋତେ କୁହନ୍ତି ଘରୁ କାଗଜ ଧରି ଆସିଲେ ଏଠାରେ Xerox କରାଯିବ । ପୁଣି ସେହି ପୁତ୍ର ତାଙ୍କ ସମ୍ବନ୍ଧରେ ଲେଖୁଛନ୍ତି କି ଖୁଦାତାଲାଙ୍କ ସିଫାତି (ବିଶେଷ ଗୁଣ ସମ୍ପର୍କୀୟ ନାମ) ମନେରଖିବା ପାଇଁ ଉତ୍ସାହିତ କରୁଥିଲେ ଅର୍ଥାତ୍ ଅଲ୍ଲାଃତାଲାଙ୍କର ଯେତେକ ଗୁଣବାଚକ ନାମ ରହିଛି ତାହା ସବୁ ମନେରଖ । ସେ ଆମକୁ ଅଲ୍ଲାଃଙ୍କ ଗୁଣବାଚକ ନାମ ମନେରଖିବାକୁ ନିର୍ଦ୍ଦେଶ ଦିଅନ୍ତି । ଚିନୀ ଭାଷାରେ ସେ ଏକ କବିତା ରଚନା କରିଥିଲେ ଯେଉଁଥିରେ ଅଲ୍ଲାଃତାଲାଙ୍କ ଶହେ ଗୋଟି ଗୁଣବାଚକ ନାମର ବର୍ଣ୍ଣନା ରହିଥିଲା । ଉକ୍ତ କବିତାକୁ ସେ ପ୍ରତିଦିନ ରାତିରେ ପଢନ୍ତି ଏବଂ ଖେଳଖେଳରେ ଆମ ଭାଇ ଭଉଣୀଙ୍କୁ ଅଧିକରୁ ଅଧିକ ଅଲ୍ଲାଃଙ୍କ ଗୁଣବାଚକ ନାମ ମନେରଖିବାର ପ୍ରତିଯୋଗିତା କରାଇ ପୁରସ୍କାର ମଧ୍ୟ ପ୍ରଦାନ କରନ୍ତି ।

ହଜୁର୍ ଅନ୍ୱୁର୍ ଅ:ବ:ଅ କହୁଛନ୍ତି - ଦୁଇ ତିନିମାସ ପୂର୍ବେ ସେ ନିଜ ଜ୍ୱାଇଁ ଓ ଫ୍ୟାମିଲି ଲୋକଙ୍କ ସହିତ ମୋ ନିକଟକୁ ସାକ୍ଷାତ୍ କରିବା ପାଇଁ ଆସିଲେ । ତାଙ୍କ ଜ୍ୱାଇଁ ଲେଖୁଛନ୍ତି କି ମୋତେ ସେ ତିନିଗୋଟି ପଏଂଟ୍ ଲେଖିକି ଦେଲେ କି ମୁଁ ତ କହିପାରିବି ନାହିଁ । ସେ ମୋତେ ପଚାରିବା ପାଇଁ ଯେଉଁ କଥା ଲେଖିଥିଲେ ତାହା ହେଉଛି ଏପରି । ମୁଁ ଦୁର୍ବଳ ଅଟେ, ନିଜେ ଛିଡ଼ା ହୋଇପାରୁନାହିଁ । ସେଥିଯୋଗୁ ହୁଇଲ୍ ଚେୟାର୍‌ରେ ବସିଛି । ଏଇଥିପାଇଁ ମୋତେ କ୍ଷମା ଦେବେ । ଖିଲାଫତ୍ ସହିତ ଶ୍ରଦ୍ଧା ଥିଲା । ଓ ଏହା ମଧ୍ୟ କି ଏ ଦୁଆ କରନ୍ତୁ । ମୁଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ତବଲିଗ୍ କାର୍ଯ୍ୟ କରିଚାଲିବି । ଏଥିପାଇଁ ମୋତେ ଅନୁମତି ମଧ୍ୟ ଦିଅନ୍ତୁ ଓ ପୁଣି ଏହା ଲେଖିଥିଲେ କି ମୁଁ ଦଫ୍ତର୍ ଯାଇପାରୁନାହିଁ । ତେଣୁ ମୋତେ ମୋ ଘରେ ରହି କାର୍ଯ୍ୟ କରିବା ପାଇଁ ଅନୁମତି ଦିଅନ୍ତୁ । କାମ କରିବାର ତାଙ୍କୁ ବହୁତ ନିଶା ଲାଗିଥିଲା । ଏପରି ନଥିଲେ କି ଘରେ ବସିଛି ତ ବେକାର୍‌ରେ ବସି ରହିବି । ଘରେ ମଧ୍ୟ କାମ କରିବି । ସେ ଯେତେବେଳେ ହଜ୍ କରିବା ପାଇଁ ଗଲେ ତାଙ୍କ ସହିତ ତାଙ୍କ ଜାମାତା ମଧ୍ୟ ଥିଲେ । ସେ କହୁଛନ୍ତି କି ଉସ୍‌ମାନ୍ ସାହେବ୍ ନିଜ ଦୁଆ କରିବାର ଭାବନାକୁ ଚିନୀ ଭାଷାରେ କବିତା ଆକାରରେ ଲେଖିଥିଲେ ଓ ସେ ତାଙ୍କୁ ଏହା ବତାଇଲେ କି ମୁଁ ଏହି ଭାବନାକୁ ଏଥିପାଇଁ କବିତା ଆକାରରେ ଲେଖିଛି ଯଦ୍ୱାରା ଆସନ୍ତାକୁ ଏଥିରୁ ଲାଭ ଉଠାଇପାରିବି । ଏବଂ ହଜ୍ ସମୟରେ ଗୋଟିଏ ଅବସରରେ ଆମ ଗ୍ରୁପରେ ଥିବା କିଛି ଲୋକେ ଚିନୀ ସାହେବଙ୍କୁ ପଚାରିଲେ କି ଆପଣ କଣ ଲେଖୁଛନ୍ତି ? ଏଥିରେ ସେ ବହୁତ ସଂକ୍ଷିପ୍ତରେ ବତାଇଲେ କି ମୁଁ ଆମ ଚିନୀ ଜାତୀୟ ଲୋକମାନଙ୍କ ପାଇଁ ପ୍ରାର୍ଥନା କରୁଅଛି କି ଅଲ୍ଲାଃତାଲା ସେମାନଙ୍କୁ ବାସ୍ତବିକ ଇସ୍‌ଲାମ୍ ପ୍ରତି ମାର୍ଗଦର୍ଶନ କରାନ୍ତୁ । ସେହି ପ୍ରଶ୍ନ ପଚାରୁଥିବା ଲୋକମାନେ ବହୁତ ଆଶ୍ଚର୍ଯ୍ୟ ହୋଇଗଲେ କି ଜଣେ ବୟସ୍କ ବୁଢ଼ା ବ୍ୟକ୍ତି ଯିଏ ବର୍ତମାନ ବିନା ସାହାଯ୍ୟରେ ଚାଲି ପାରୁନାହାଁନ୍ତି ତାଙ୍କୁ କେବଳ ନିଜ ଜାତିର ଲୋକମାନେ କିପରି ହିଦାୟତ୍ ପାଇବେ ସେ ଚିନ୍ତା ଘାରିଛି ।

ପୁଣି ଚିନୀ ସାହେବ୍ ନିଜ ଅବସ୍ଥା ବିଷୟରେ ଗୋଟିଏ ସ୍ଥାନରେ ଲେଖୁଛନ୍ତି ଚିନ୍‌ରେ ବୁଦ୍ଧିଜିମ୍, କନ୍‌ଫୁସିୟସ୍‌ଜିମ୍ ଏବଂ ତାଓଇଜିମ୍ କିଛି ଶିକ୍ଷା ଆପୋଷରେ ମିଶିଯାଇଛି ଓ ବହୁତ ଚିନି ଲୋକେ ଏକ ସମୟରେ ଏହି ତିନିଗୋଟି ଧର୍ମର ଶିକ୍ଷା ଉପରେ ଅମଳ କରିଥାନ୍ତି । କିନ୍ତୁ ଏ ଯୁଗରେ ସେମାନେ ସେହି ବିଭିନ୍ନ ଶିକ୍ଷାଗୁଡିକୁ ଏକତ୍ରିତ କରି ନିଜଆଡୁ ଗୋଟିଏ ଧର୍ମ ବନାଇଛନ୍ତି ଓ ଏହି ଧର୍ମରେ ମନୁଷ୍ୟର ଚାରିତ୍ରିକ ଅବସ୍ଥା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । ଚିନି ସାହେବ୍ ଲେଖୁଛନ୍ତି କି ଯେତେବେଳେ ତିନୋଟି ଚିନି ଖବରକାଗଜରେ ମୋ ଇଂଟରଭ୍ୟୁ ପ୍ରକାଶ ହେଲା ସେତେବେଳେ ମାଲେସିୟାର ଦାସ୍‌ତା ସୋସାଇଟି, ଯେଉଁ ନୂଆ ଧର୍ମ ଦେଇଜିମ୍ ଅଛି, ସେହି ଶୋସାଇଟି ମୋ ଠାରୁ ଏ ଆଶା କଲା କି ମୁଁ ଇସ୍‌ଲାମ୍‌ରେ ଥିବା ଚାରିତ୍ରିକ ଶିକ୍ଷାଗୁଡିକ ବିଷୟ ଉପରେ ଗୋଟିଏ ନିବନ୍ଧ ଲେଖିବି ଯଦ୍ୱାରା ସେମାନେ ଇସ୍‌ଲାମ୍‌ର ଚାରିତ୍ରିକ ଶିକ୍ଷାଗୁଡିକୁ ଅନ୍ୟ ଧର୍ମର ଶିକ୍ଷାଗୁଡିକ ସହିତ ଗୋଟିଏ ପତ୍ରିକାରେ ପ୍ରକାଶ କରିବେ । ସୁତରାଂ ମୁଁ ଏ ସମ୍ବନ୍ଧରେ ଗୋଟିଏ ନିବନ୍ଧ ଲେଖିଲି । ଏଥିରେ ସେମାନେ ଚିନି ସାହେବଙ୍କୁ ଉତର ଦେଇ କହିଲେ କି ଆମକୁ ଆପଣ ଇସ୍‌ଲାମ୍ ସମ୍ବନ୍ଧରେ ଏକ ମହାନ୍ ନିବନ୍ଧ ପ୍ରଦାନ କରିଛନ୍ତି । ସେଥିଯୋଗୁ ଆମେ ଆପଣଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଆପଣ ନିରପେକ୍ଷ ଶୈଳୀରେ ଇସ୍‌ଲାମ୍‌ର ବାସ୍ତବିକତାକୁ ବର୍ଣ୍ଣନା କରିଛନ୍ତି । ଆପଣଙ୍କର ତର୍କ ବହୁତ ସୂକ୍ଷ୍ମ ସୁନ୍ଦର ଥିଲା । ଏଥିରୁ ଜଣାପଡୁଛି କି ଆପଣ ବହୁତ ଭଲ ରୂପେ ଧର୍ମର ଜ୍ଞାନକୁ ହାସଲ କରିଛନ୍ତି । ଚିନି ଲୋକମାନଙ୍କୁ ଏପର୍ଯ୍ୟନ୍ତ ଇସ୍‌ଲାମ୍ ବିଷୟରେ ବିଶେଷ କିଛି ଜଣାନାହିଁ । ଏହାର କାରଣ ହେଉଛି ଚିନୀ ଭାଷାରେ ଇସ୍‌ଲାମ୍‌ର ତବ୍‌ଲିଗ୍ ହୋଇନାହିଁ । ଏବେ ଆପଣ ସିଙ୍ଗାପୁର୍ ଇସ୍‌ଲାମ୍‌ର ପ୍ରଚାରପାଇଁ ଆସିଯାଇଛନ୍ତି । (ଯେବେ ସେ ସିଙ୍ଗାପୁର୍‌ରେ ଥିଲେ) । ତେବେ ଏହା ଜରୁରୀ ଅଟେ କି ଇସ୍‌ଲାମ୍ ଏହି ଦେଶ ଗୁଡିକରେ ଅର୍ଥାତ୍ ଚିନି ଲୋକମାନଙ୍କ ମଧ୍ୟରେ ବ୍ୟାପିଯାଉ ଓ ଚିନି ଲୋକମାନେ ମଧ୍ୟ ଏଥିରୁ ବରକତ୍ ହାସଲ କରନ୍ତୁ ।

ଆଗା ସଏଫୁଲ୍ଲାଃ ସାହେବ ଯେ ତାଙ୍କର ସହପାଠୀ ଥିଲେ ସେ ଲେଖୁଛନ୍ତି ଉସମାନ୍ ଚିନୀ ସାହେବ ପୂର୍ଣ୍ଣ ଯୁବାବସ୍ଥାରେ ଅତ୍ୟନ୍ତ ସଞ୍ଜମୀ, ଚରିତ୍ରବାନ, ପୁଣ୍ୟବନ୍ତ ମଣିଷ ଥିଲେ । ଅତ୍ୟନ୍ତ ବ୍ୟାକୁଳତାର ସହିତ ନମାଜ ଓ ଦୁଆ କରୁଥିଲେ, ନଫ୍‌ଲି ରୋଜା ରଖିବା, ନଫିଲ୍ ନମାଜ ପାଠ କରିବାରେ ଅଭ୍ୟସ୍ତ ଥିଲେ । ଅଲ୍ଲାଃଙ୍କ ଗୁଣଗାନ କରିବା ସହିତ ତଶବିଃ ବହୁ ଆଗ୍ରହର ସହିତ କରୁଥିଲେ । ଅହେମଦିୟତ୍‌ରେ ସାମିଲ୍ ହେବାର ସୌଭାଗ୍ୟ ଅର୍ଜନ କରିଥିବାରୁ ସର୍ବଦା ଅଲ୍ଲାଃଙ୍କୁ କୃତଜ୍ଞତା ଜ୍ଞାପନ କରୁଥିଲେ ଏବଂ ସର୍ବଦା ପ୍ରେମ, ନିଷ୍ଠା ଓ ଉତ୍ସର୍ଗ ହେବାର ଭାବନା ପ୍ରକାଶ କରୁଥିଲେ । ସେ ଲେଖୁଛନ୍ତି କି ଏହା ସତ୍ୟ ସାକ୍ଷୀ ଅଟେ କି ସେ ଶିକ୍ଷା ହାସଲ କରିବା ସମୟରେ ବେଳେବେଳେ ବହୁତ ନିରାଶା ଓ ଚିନ୍ତାରେ ରହି ଅଶ୍ରୁ ବୁହାଉଥିଲେ । ନିଜ ମା' ଓ ଭାଇମାନଙ୍କ ସହିତ ସାକ୍ଷାତ୍ କରିବା ଓ ସେମାନଙ୍କର ଭଲମନ୍ଦ ଖବର ନେବା ସମ୍ବନ୍ଧରେ ଓ ସେହିପରି ସେଠିକାର ସ୍ଥାପନ ହୋଇଥିବା ସରକାର ବିଷୟରେ ସେ ବେଳେବେଳେ ଦୁଃଖ ପ୍ରକାଶ କରୁଥିଲେ ଓ ବହୁତ ବିନୟ ଓ ବିକଳ ହୋଇ କାନ୍ଦି କାନ୍ଦି ନିଜ ବାସ୍ତବିକ ସୃଷ୍ଟିକର୍ତାଙ୍କ ନିକଟରେ ନିଜର ଉଦ୍ଦେଶ୍ୟ ସାଧନ ନିମନ୍ତେ ପ୍ରାର୍ଥନା କରୁଥିଲେ । ସେ ପୁଣି କହୁଛନ୍ତି କି ସେହି ଦୃଶ୍ୟ ଏବେ ମୁଁ ବୟସ୍କ ହୋଇଯାଇଥିଲେ ମଧ୍ୟ ମୋ ପାଇଁ ଈର୍ଷାର ବିଷୟ ଅଟେ । ପୁଣି ସେ ଲେଖୁଛନ୍ତି କି ଏହା ସତ୍ୟ ଅଟେ କି ସେହି ଈଶ୍ୱରଙ୍କ ଭକ୍ତ ସେ ସେତେବେଳର ବିପତି ସମୟରେ ଯାହା କିଛି ମାଗିଥିଲେ ଅଲ୍ଲାଃତାଲା ତାଙ୍କର ନିଷ୍ଠା ଓ ପ୍ରାର୍ଥନାକୁ ଗ୍ରହଣ କଲେ ଓ ଅହେମଦୀୟତ୍‌ର ବରକତ୍‌ରୁ ସବୁକିଛି ପ୍ରଦାନ କଲେ । ଓ ତାଙ୍କ କରୁଣାର ଅଂଶ ମଧ୍ୟ ପ୍ରଦାନ କଲେ । ବରଂ ଈଶ୍ୱରଙ୍କ ସୃଷ୍ଟଜ ଅର୍ଥାତ୍ ଲୋକମାନେ ମଧ୍ୟ ତାଙ୍କ ଦୁଆ ଗ୍ରହଣୀୟ ହେବାର ଫଳରୁ ଲାଭାନ୍ୱିତ ହେଲେ । ସେ କହୁଥିଲେ ମୁଁ ମଧ୍ୟ ଛାତ୍ର ଜୀବନରେ ହଜରତ ମୌ. ଗୁଲାମ ରସୁଲ୍ ସାହେବ ରାଜେକି, ହଜରତ ମୌ. ଅବଦୁଲ୍ ଲତିଫ୍ ସାହେବ ବାହ୍‌ୱଲ୍‌ପୁରୀ, ସାହବଜାଦାଃ ସୟଦ ଅବୁଲ୍ ହସନ୍ ସାହେବ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହିତ ବସିବା, ତାଙ୍କ ନିକଟରେ ଦୁଆର ନିବେଦନ କରିବା ଓ ସେମାନଙ୍କ ଦୁଆ ସ୍ୱୀକାର ହେବାର ନିଦର୍ଶନ ଦେଖିବାର ସୌଭାଗ୍ୟ ଲାଭ କରିଛି । **ସେ ଲେଖିଛନ୍ତି ମୁଁ ପୂର୍ଣ୍ଣ ସତ୍ୟତାର ସହିତ ସାକ୍ଷୀ ଦେଉଅଛି କି ବ୍ୟାକୁଳ ହୋଇ ଉପାସନା କରିବାରେ, ଅଶ୍ରୁ ଝରାଇ ଦୁଆ କରିବାରେ ଶ୍ରୀମାନ ଉସମାନ୍ ଚିନୀ ସାହେବଙ୍କର ଗଣନା ସେହି ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱମାନଙ୍କ ପ୍ରତିଛବି ମୋହତରମ୍ ଉସ୍‌ମାନ୍ ଚିନୀ ସାହେବଙ୍କ ବ୍ୟକ୍ତିତ୍ୱରେ ମିଳୁଥିଲା ।** ସେ ଆହୁରି କୁହନ୍ତି ମୁଁ ବ୍ୟକ୍ତିଗତ ମାମଲାରେ ମଧ୍ୟ ତାଙ୍କ ଦୁଆ ସ୍ୱୀକାର ହେବାର ନିଦର୍ଶନ ଦେଖିଛି । ଓ ପୁଣି ସେ ଲେଖୁଛନ୍ତି କି ଆପଣ ସର୍ବଦା ମୋତେ ଓ ମୋ ସହିତ ମିଳାମିଶା କରିଥିବା ଲୋକମାନଙ୍କୁ ଦୁଆ କରିବା ପାଇଁ ପ୍ରୋତ୍ସାହନ କରୁଥିଲେ । ଆପଣ ଅତ୍ୟନ୍ତ ବୁଦ୍ଧିମାନ, ମୋମିନ୍ ସ୍ୱଭାବର ମଣିଷ ଥିଲେ । ଜମାଅତର ବ୍ୟବସ୍ଥାମୂଳକ ମାମଲା ସମ୍ବନ୍ଧରେ ମତବ୍ୟକ୍ତ କରିବାରେ ଅତ୍ୟନ୍ତ ସର୍ତକତା ଅବଲମ୍ବନ କରୁଥିଲେ । ସ୍ୱୟଂ ଜମାଅତର ବ୍ୟବସ୍ଥା ପ୍ରତି ପୂର୍ଣ୍ଣ ମର୍ଯ୍ୟାଦା ପ୍ରଦାନ କରିବା ସହିତ ନିଜ ବନ୍ଧୁ ଓ ସାକ୍ଷାତକାରୀଙ୍କୁ ଏଥିପ୍ରତି ସର୍ବଦା ଧ୍ୟାନ ଆକର୍ଷିତ କରୁଥିଲେ । ଖିଲାଫତ୍ ସହିତ ପୂର୍ଣ୍ଣ ଆଧ୍ୟାତ୍ମିକ ଆସ୍ଥା ରଖିବା ସହିତ ତାଙ୍କ (ଅସୀମ) କୃପାର କୃତଜ୍ଞତା ଜ୍ଞାପନ କରୁଥିଲେ । ଯେତେବେଳେ ମଧ୍ୟ ଆପଣଙ୍କୁ କେହି (ଦୁଆ କରିବାର) ନିବେଦନ କରୁଥିଲେ, ଆପଣ ତାଙ୍କୁ ପଚାରୁଥିଲେ କ'ଣ ଖଲିଫାଙ୍କ ନିକଟକୁ ଦୁଆର ଦରଖାସ୍ତ କରିଛ କି ?

ଏଠି ଇସ୍‌ଲାମ୍‌ବାଦ୍‌ର ସଦର ଜମାତ୍ ଡାକ୍ତର ରିଜ୍‌ୱାନ୍ ସାହେବ୍ କହୁଛନ୍ତି କି ନମାଜ ସହିତ ପ୍ରେମର ଅବସ୍ଥା ତାଙ୍କର ଏପରି ଥିଲା କି ଶେଷ ଜୀବନର କିଛି ବର୍ଷ ସେ ନିଜ ଘରୁ ମସ୍‌ଜିଦ୍ ପର୍ଯ୍ୟନ୍ତ ଯିବା ପାଇଁ, ଯାହା କେବଳ କିଛି ମିନିଟ୍‌ର ଦୂରତା ଥିଲା, ସେ ବହୁତ ସମୟ ଲଗାଇ ଦେଉଥିଲେ ଓ ରାସ୍ତାରେ ଅନେକ ସ୍ଥାନରେ ରହି ତାଙ୍କୁ ନିଶ୍ୱାସ ନେବାକୁ ପଡୁଥିଲା । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ମୁଁ କଦାପି ତାଙ୍କୁ ନମାଜ ଜମା କରିବାର ଦେଖିନାହିଁ । ଥରେ ଯେତେବେଳେ ମଗ୍‌ରିବ୍ ଓ ଇସା ନମାଜ ମଧ୍ୟରେ ବହୁତ କମ୍ ସମୟ ବାକି ଥିଲା ସେତେବେଳେ ମୁଁ ତାଙ୍କୁ କହିଲି କି ଆପଣ ଘରକୁ ଯିବା ପରିବର୍ତେ ମସ୍‌ଜିଦ୍‌ରେ ଇସା ନମାଜ ପାଇଁ ଅପେକ୍ଷା କରିନିଅ ବା ଜମା କରିନିଅ । ଏଥିରେ ସେ କହିଲେ କି ଚାଲିବା ଦ୍ୱାରା ବ୍ୟାୟାମ ମଧ୍ୟ ହୋଇଯାଉଛି ଓ ଘରୁ ମସ୍‌ଜିଦ୍ ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରିବାରେ ପୁଣ୍ୟ ମଧ୍ୟ ମିଳିଯାଉଛି । ସେଥିଯୋଗୁ ମୁଁ ଯାଉଛି ମଧ୍ୟ ଓ ଆସୁଛି ମଧ୍ୟ ।

ରଶିଦ୍ ବଶିରୁଦ୍ଦିନ୍ ସାହେବ୍ ଯିଏ ଅବୁଧାବିରେ ଅଛନ୍ତି, ସେ କହୁଛନ୍ତି କି ତାଙ୍କ ଦୁଆରୁ ଗଏର୍ ଅହେମଦୀ ଓ ଅହେମଦୀ ସମସ୍ତେ ଲାଭ ଉଠାଉଥିଲେ । ଯେତେବେଳେ ସେ ଡରିଗ୍ ରୋଡ୍ କରାଚିରେ ମୁରବୀ ରୂପେ କାର୍ଯ୍ୟରତ ଥିଲେ ସେଠାରେ ଗଏର୍ ଅହେମଦୀ ପୁରୁଷ ଓ ମହିଳାମାନେ ଚିନୀ ସାହେବଙ୍କ ଠାରୁ ନିଜର ଓ ଅନ୍ୟ ମାମଲା ବିଷୟରେ ରାଏ ନେଉଥିଲେ ଓ ସେମାନେ ଏ ସାକ୍ଷୀ ଦେଉଥିଲେ କି ତାଙ୍କ ରାୟ ଉପରେ ଅମଳ କରିବା ଦ୍ୱାରା ଓ ଚିନୀ ମୌଲବୀ ସାହେବଙ୍କ ଠାରୁ ପ୍ରାର୍ଥନା କରାଇବା ପରେ ସେମାନଙ୍କର ବଡ଼ ବଡ଼ ସମସ୍ୟା ସମାଧାନ ହୋଇଯାଉଛି । ତେବେ ସଂକ୍ଷେପରେ ହେଉଛି କି ଡ୍ରିଗ୍‌ରୋଡ୍ କରାଚିର ପ୍ରସିଦ୍ଧ ଚାନି ମୌଲବୀ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ କରୁଣାମୟ ଅସ୍ତିତ୍ୱ ଥିଲେ ଓ ବହୁତ ପ୍ରେମ ବାଂଟୁଥିଲେ । ତାଙ୍କ ଇଂଲଣ୍ଡ ଚାଲିଯିବା ପରେ ବହୁତ ଦିନ ପର୍ଯ୍ୟନ୍ତ ଗଏର୍ ଅହେମଦୀ ଲୋକମାନଙ୍କ ନିକଟରେ ତାଙ୍କର ସ୍ମୃତି ଓ ଗୁଣଗାନ ବାକି ରହିଥିଲା ।

ସେ କହୁଛନ୍ତି କି ମୁଁ ଏହା ମଧ୍ୟ ଦେଖିଛି କି ଚିନୀ ସାହେବ୍ ତାଙ୍କ ମା'ଙ୍କର ବହୁତ ସେବା କରୁଥିଲେ । ବେଳେବେଳେ ତାଙ୍କ ମା' ତାଙ୍କ ଉପରେ ରାଗିଯାଇ ତାଙ୍କୁ ଆକଟ କରୁଥିଲେ । ସେତେବେଳେ ସେ ତାଙ୍କ ମା'ଙ୍କୁ କୁଣ୍ଢାଇ ସ୍ନେହ କରୁଥିଲେ । ତାଙ୍କ ଆବଶ୍ୟକତାର ଧ୍ୟାନ ରଖୁଥିଲେ ଓ ତାଙ୍କ ସେବାରେ ଏତେ ମାତିଯାଉଥିଲେ କି ଆଖପାଖରେ କିଏ ଏହା ଦେଖୁଛି ସେଥିପ୍ରତି ତାଙ୍କର ଧ୍ୟାନ ନଥିଲା । ମା'ଙ୍କ ସହିତ ଯେଉଁ ପ୍ରେମ ଓ ଏହାର ଯେଉଁ ପ୍ରକାଶ ତାହା ଅସାଧାରଣ ଥିଲା ।

ଜମାତ୍ ଅହେମଦୀୟା ତୋକମୁକ୍ କଜାକିସ୍ତାନ୍‌ର ମଜାନୁଫ୍ ମହମ୍ମଦ୍ ସାହେବ୍ ଲେଖୁଛନ୍ତି କି ଉସ୍‌ମାନ୍ ଚୁ ସାହେବ୍‌ଙ୍କ ସହିତ ମୋର ସାକ୍ଷାତ୍ ୧୯୯୪ ମସିହାରେ ଗୋଟିଏ ଗସ୍ତ ସମୟରେ ଜାହାଜରେ ହୋଇଥିଲା । ପ୍ରଥମତଃ ମୁଁ ଏହା ଜାଣିପାରିଲି ନାହିଁ କି ସେ ମୁସଲମାନ୍ ଅଟନ୍ତି ବା ଜମାତ୍ ଅହେମଦୀୟାର ଜଣେ ଜ୍ଞାନୀ ଅଟନ୍ତି ବୋଲି । କିନ୍ତୁ ଯେତେବେଳେ ଜାହାଜ ଉଡିବାକୁ ଲାଗିଲା ସେତେବେଳେ ସେ ବିସ୍‌ମିଲ୍ଲାଃ ପଢ଼ିଲେ । ତେବେଯାଇ ମୁଁ ଜାଣିପାରିଲି କି ସେ ହେଉଛନ୍ତି ଜଣେ ମୁସଲମାନ୍ । କିଛି ସମୟ ପରେ ମୁଁ ତାଙ୍କୁ ସଲାମ୍ କଲି । ଆମର ପରିଚୟ ଆଦାନ ପ୍ରଦାନ ହେଲା ଓ ଆମେ ବିଭିନ୍ନ ବିଷୟରେ କଥା ଆରମ୍ଭ କଲୁ । ସେ ମୋତେ ପଚାରିଲେ କି କଣ ଆପଣ ଜମାତ୍ ଅହେମଦୀୟା ବିଷୟରେ କିଛି ଜାଣିଛନ୍ତି ? ମୁଁ କହିଲି ନା ମୁଁ କିଛି ଜାଣିନାହିଁ । ଏହାପରେ ସେ ମୋତେ ପଚାରିଲେ କି କଣ ଆପଣ ଚିନୀ ଭାଷାରେ ଅନୁବାଦ ହୋଇଥିବା ପବିତ୍ର କୋରାନ୍ ପଢୁଛନ୍ତି ? ମୁଁ ଉତର ଦେଲି ହଁ ମୁଁ ପଢୁଛି । ଏଥିରେ ସେ କହିଲେ କି ଚିନୀ ଭାଷାରେ ପବିତ୍ର କୋରାନ୍‌ର କେତେ ଅନୁବାଦ ବିଷୟରେ ଆପଣ ଜାଣିଛନ୍ତି ? ମୁଁ କହିଲି ବର୍ତମାନ ଯେତେ ଅନୁବାଦ ହୋଇଛି ମୁଁ ସେ ସବୁଗୁଡିକ ଅଧ୍ୟୟନ କରିଛି ଓ କରୁଅଛି । ଉସ୍‌ମାନ୍ ସାହେବ ପଚାରିଲେ କି ଯେଉଁ ଅନୁବାଦକମାନେ

ଚିନୀ ଭାଷାରେ ଅନୁବାଦ କରିଛନ୍ତି କଣ ଆଣପ ତାଙ୍କୁ ଜାଣିଛନ୍ତି ? ମୁଁ କହିଲି ମୁଁ ତ ସମସ୍ତଙ୍କୁ ଜାଣିଛି । ଏଥିରେ ଉସ୍‌ମାନ୍ ସାହେବ୍ କହିଲେ ସେହି ଅନୁବାଦକ ମଧ୍ୟରୁ ଜଣେ ହେଉଛନ୍ତି ଉସ୍‌ମାନ୍ ଚୁ । କଣ ଆପଣ ତାଙ୍କୁ ଜାଣିଛନ୍ତି । ମୁଁ କହିଲି ହଁ ମୁଁ ତାଙ୍କୁ ଜାଣିଛି । କିନ୍ତୁ ମୁଁ ତାଙ୍କ ଦ୍ୱାରା ଅନୁବାଦ ହୋଇଥିବା କୋରାନ୍ ପଢ଼ିନାହିଁ ଓ ନା କେବେ ତାଙ୍କ ସହିତ ମୋର ସାକ୍ଷାତ୍ ହୋଇଛି । ସେ କହିଲେ ଆପଣ ଉସ୍‌ମାନ୍ ଚୁ ଙ୍କୁ କିପରି ଜାଣିଛନ୍ତି ? ମୁଁ କହିଲି କି ବାସ୍ ମୋତେ ଏତିକି ଜଣା କି ସେ ଜଣେ ଜ୍ଞାନୀ ଓ ପବିତ୍ର କୋରାନ୍‌କୁ ଚିନୀ ଭାଷାରେ ଅନୁବାଦ କରିଛନ୍ତି । କିନ୍ତୁ ମୁଁ ତାଙ୍କୁ କେବେ ଦେଖିନାହିଁ । ଏଥିରେ ସେ କହିଲେ କି ମୁଁ ହେଉଛି ସେହି ଉସ୍‌ମାନ୍ ଚୁ । ମୋତେ ବିଶ୍ୱାସ ହେଉନଥିଲା କି ଉସ୍‌ମାନ୍ ଚୁ ସାହେବ୍‌ଙ୍କ ସହିତ ସାକ୍ଷାତ୍ କରୁଅଛି ବୋଲି । ସେ ମୋତେ ତାଙ୍କର ଠିକଣା ଦେଲେ ଓ ପୁଣି ସେ ଯେଉଁଠି ଅସ୍ଥାୟୀ ଭାବେ ରହୁଥିଲେ ସେଠିକାର ଠିକଣା ଦେଲେ । ମୁଁ ମଧ୍ୟ ତାଙ୍କୁ ମୋର ନମ୍ବର ଦେଲି । ଦିନେ ଦୁଇଦିନ ପରେ ଚିନୀ ସାହେବ୍ ମୋତେ ଫୋନ୍ କଲେ ଓ କହିଲେ କି ଆପଣଙ୍କ ଘରକୁ ଆସି ମୁଁ ଆପଣଙ୍କ ସହିତ ସାକ୍ଷାତ୍ କରିବାକୁ ଚାହୁଁଛି । ମୁଁ ତ ଏକଥା ଭାବିପାରିନଥିଲି କି ଏତେ ଉଚ୍ଚସ୍ତରର ଜ୍ଞାନୀ ମୋ ସହିତ ମିଳିବା ପାଇଁ ମୋ ଘରକୁ ଆସିବେ । ମୁଁ ତାଙ୍କୁ ମୋ ଘରେ ସ୍ୱାଗତ କଲି । ତାଙ୍କ ସହିତ ଦୁଇଜଣ ପାକିସ୍ତାନୀ ବନ୍ଧୁ ଥିଲେ । ଆମେ ଦଶମିନିଟ୍ ପର୍ଯ୍ୟନ୍ତ କଥା ହେଲୁ । ଏହାପରେ ଉସ୍‌ମାନ୍ ଚୁ ସାହେବ୍ ମୋତେ ଗୋଟିଏ ରେଷ୍ଟୁରାଂଟ୍‌ରେ ନିମନ୍ତ୍ରଣ କଲେ । ମୁଁ ତାଙ୍କୁ କହିଲି କି ଆପଣ ମୋ ଅତିଥି । ତେଣୁ ମୋତେ ଆପଣଙ୍କୁ ନିମନ୍ତ୍ରଣ ଦେବା ଉଚିତ୍ ହେବ । କିନ୍ତୁ ସେ କହିଲେ କି ଆପଣ ହେଉଛନ୍ତି ଜଣେ ଶିକ୍ଷାର୍ଥୀ ଓ ମୁଁ ଆପଣଙ୍କ ଠାରୁ ବଡ଼ ଓ ବାପାଙ୍କ ସ୍ଥାନରେ ଅଛି । ସେଥିଯୋଗୁ ମୋତେ ଆପଣଙ୍କୁ ସାହାଯ୍ୟ କରିବା ଉଚିତ୍ ହେବ । ଏହାପରେ ଆମେ ରେଷ୍ଟୁରାଂଟ୍ ଗଲୁ । ଭୋଜନ କଲୁ । ବିଭିନ୍ନ ପ୍ରକାରର କଥା ହେଲୁ । ପୁଣି ସେ କହୁଛନ୍ତି ଦିନେ ମୁଁ ତାଙ୍କ ପାଖକୁ ସାକ୍ଷାତ୍ ପାଇଁ ଗଲି । ସେଂଟ୍ରାଲ୍ ବ୍ୟାଙ୍କ୍‌ର କୋଠି ଥିଲା । ଆମେ ତାଙ୍କ ଆବାସସ୍ଥଳୀରେ ବସି କଥା ହେଲୁ । ସେ ମୋତେ ଓଫାତେ ମସିହ୍, ଖତ୍‌ମେ ନବୁଓ୍ୱତ୍‌ର ମସ୍‌ଅଲା, ଯାଜୁଜ୍ ମାଜୁଜ୍, ଜିନ୍ନ, ଇମାମ୍ ମେହ୍‌ଦୀ ଓ ଏହିପରି କୋରାନ୍ ଓ ହଦିସ୍ ସମ୍ବନ୍ଧରେ ପ୍ରଶ୍ନ ପଚାରିଲେ । ମୁଁ ତାଙ୍କୁ ସେହି ଉତର ଦେଲି ଯାହା ସାଧାରଣତଃ ଜଣେ ମୁସଲ୍‌ମାନ୍ ଦେଇଥାଏ । ଏଥିରେ ଉସ୍‌ମାନ୍ ସାହେବ୍ ହସିଲେ ଓ ପୁଣି ସେ ମୋତେ ସେହି ପ୍ରଶ୍ନଗୁଡିକର ସଠିକ୍ ଉତର ବତାଇଲେ । ମୋ ପାଖରେ ଶବ୍ଦ ମିଳୁନଥିଲା କି ମୁଁ କଣ କହିବି । ମୋ ଉପରେ ତାଙ୍କ ଉତରଗୁଡିକୁ ଗଭୀର ପ୍ରଭାବ ପକାଇଲା । ଏହିପରି ସେ ମୋତେ ପବିତ୍ର କୋରାନ୍‌ର ଅନୁବାଦ ଓ କିଛି ପୁସ୍ତକ ମଧ୍ୟ ଉପହାର ସଦୃଶ ଦେଲେ ଓ କହିଲେ କି ଏଗୁଡିକୁ ତୁମେ ପଢ଼ ଓ ନିଶ୍ଚିତ ରୂପେ ମୋତେ ଲେଖିବ ଓ ବତାଇବ କି ଏଗୁଡିକୁ ପଢ଼ି ତୁମକୁ କିପରି ଲାଗିଲା । ଓ ପୁଣି କହୁଛନ୍ତି କି ମୁଁ ସେହି ପୁସ୍ତକ ଗୁଡିକୁ ପଢ଼ିଲି । ଏହାଦ୍ୱାରା ମୋର ଭାବନା ସମ୍ପୂର୍ଣ୍ଣ ରୂପେ ପରିବର୍ତନ ହୋଇଗଲା । ସେ ସମୟରେ ମୋର ଅଧିକ ଜ୍ଞାନ ନଥିଲା । ପୁଣି ପରେ ମୁଁ ବୟତ୍ ମଧ୍ୟ କରିନେଲି । ପୁଣି ସେ ଲେଖୁଛନ୍ତି କି ମୁଁ ସବୁବେଳେ ସେ କଥାକୁ ସମ୍ମାନର ସହିତ ଜାଣେ କି ମୋତେ ହଜ୍‌ରତ୍ ଇମାମ୍ ମେହ୍‌ଦୀଙ୍କ ଆବିର୍ଭାବ ଓ ଇମାମ୍ ମେହ୍‌ଦୀଙ୍କ ସଚ୍ଚା ଜମାତ୍‌ର ଜ୍ଞାନ ମିଳିଲା ।

ଦୁଆ ଗ୍ରହଣୀୟ ହେବା ବିଷୟରେ ଲୋକମାନେ ବହୁତ ଘଟଣା ଲେଖିଛନ୍ତି । ମଞ୍ଜୁର୍ ଶାଦ୍ ସାହେବ୍ ଲେଖୁଛନ୍ତି କି ଥରେ ରବ୍‌ୱାରୁ କରାଚି ଟ୍ରେନ୍‌ରେ ସଫର କରୁଥିଲେ । ଷାଠିଏ ଜଣ ପିଲା ସାଙ୍ଗରେ ଥିଲେ । ରବ୍‌ୱାର ଅତ୍‌ଫାଲ୍ ପିଲାମାନଙ୍କର କୌଣସି ଫଙ୍କ୍‌ସନ୍ ଥିଲା । ରାସ୍ତାରେ ବାଜମାତ୍ ନମାଜ ପଢ଼ିଲୁ । ଏ ବିଷୟ ଗଏର୍ ଅହେମଦୀମାନେ ଜାଣିଗଲେ କି ଏମାନେ ତ ଅହେମଦୀ ଅଛନ୍ତି । ଏଥିରେ ମୌଲବୀମାନେ ରେଳ ଡବା ଭିତରେ ଏହା କହିବା ଆରମ୍ଭ କରିଦେଲେ କି ଏହି ଅହେମଦୀ ମାନଙ୍କ ବିରୋଧରେ କାରବାଇ କରାଯାଉ । ଆମେ ବହୁତ ବ୍ୟତିବ୍ୟସ୍ତ ହୋଇଯାଇଥିଲୁ । ଉସ୍‌ମାନ ଚିନୀ ସାହେବ୍ ମଧ୍ୟ ସାଥିରେ ଥିଲେ । ସେତେବେଳେ ସିକ୍ୟୁରିଟି ଦୃଷ୍ଟିକୋଣରୁ ମଧ୍ୟ ବିଭିନ୍ନ ଲୋକମାନଙ୍କର ଭିନ୍ନ ଭିନ୍ନ ଡ୍ୟୁଟି ଲଗାଯାଇଥିଲା । ଚିନୀ ସାହେବ୍ କହିଲେ ମୋର ମଧ୍ୟ ଡ୍ୟୁଟି ଲଗାଓ । ଏଥିରେ ସେ କହୁଛନ୍ତି କି ମୁଁ ତାଙ୍କୁ କହିଲି ଆପଣଙ୍କର କାମ ହେଉଛି ବର୍ଥରେ ବସିଯାଓ ଓ ଦୁଆକର । ମୌଲବୀ ମାନଙ୍କର ଏ ଯୋଜନା ଥିଲା କି ମୁଲ୍‌ତାନ୍‌ରେ ପହଂଚି ଅହେମଦୀମାନଙ୍କ ବିରୋଧରେ କାରବାଇ କରିବେ ଓ ମାରିବେ । କିନ୍ତୁ ସେ କହୁଛନ୍ତି କି ମୁଲ୍‌ତାନ୍ ଚାଲିଗଲା । କିଛି ସମୟ ପରେ ମୌଲବୀ ମାନଙ୍କ ତରଫରୁ ନୀରବତା ଛାଇଗଲା । ଯେତେବେଳେ ଯାଇ ଦେଖିଲୁ ସେତେବେଳେ ମୌଲବୀ ଶୋଇଯାଇଥିଲା । ମୌଲବୀ ସାହେବଙ୍କୁ ତ ମୁଲ୍‌ତାନ୍‌ରେ ଓହ୍ଲାଇବାର ଥିଲା । କିନ୍ତୁ ସେ ଏପରି ଶୋଇଲେ କି ମୁଲ୍‌ତାନ୍ ଷ୍ଟେସନ୍ ମଧ୍ୟ ଚାଲିଗଲା । କିନ୍ତୁ ତାର ଆଖି ଖୋଲିଲା ନାହିଁ ଓ ଆଗ ଷ୍ଟେସନ୍‌ରେ ଯାଇ ସେ ଓହ୍ଲାଇଲା । ପୁଣି ସେ କହୁଛନ୍ତି କି ଏହିପରି ଆମ ଜୀବନ ରକ୍ଷା ହୋଇଗଲା ।

ସେହିପରି ଅଦ୍‌ନାନ୍ ଜଫର୍ ସାହେବ୍ କହୁଛନ୍ତି କି ମୋର ହୋମ୍ ଅଫିସ୍‌ରେ କାମ ହେଉନଥିଲା । ପାସ୍‌ପୋର୍ଟ୍ ଯେତେବେଳେ ମାଗୁଥିଲି ସେମାନେ କହୁଥିଲେ କି ଆମ ରେକର୍ଡ୍‌ରେ ଆପଣଙ୍କର ୟୁ.କେ ର ରେକର୍ଡ୍ କିଛି ନାହିଁ । ମୁଁ ଋକିରୀରୁ ଛୁଟି ନେଇ ତିନି ଚାରିମାସ ପର୍ଯ୍ୟନ୍ତ ଦୌଡିଲି, ଶେଷରେ ନିରାଶ ହୋଇଗଲା । ଦିନେ ଇସ୍‌ଲାମ୍‌ବାଦ୍‌ରେ ଚିନୀ ସାହେବଙ୍କ ସହିତ ସାକ୍ଷାତ୍ ହେଲା । ସେ ନମାଜ ପଢ଼ି ଘରକୁ ଯାଉଥିଲେ । ମୁଁ ପାସ୍‌ପୋର୍ଟ୍‌ର ସମସ୍ୟା ବିଷୟ ତାକୁ ଜଣାଇଲି । ସେ ସେହିଠାରେ ଛିଡ଼ା ହୋଇ ଦୁଆ କଲେ । ଦୁଆ ଏପରି କଲେ କି ଭାବ ବିହୋଳ ହୋଇ ତାଙ୍କ ମୁହଁରୁ ଶବ୍ଦ ବାହାରୁଥିଲା । ସେ କହୁଛନ୍ତି କି ମୁଁ ଏଥିରେ ଡରିଗଲି କି ମୋ ପାଇଁ ଏତେ ଦୁଆ କରୁଛନ୍ତି । ବିନା କାରଣରେ ମୁଁ ତାଙ୍କୁ ଦୁଃଖ ଦେଲି । ଆଉ କିଛି ଲୋକେ ମଧ୍ୟ ସେ ଦୁଆରେ ସାମିଲ୍ ହୋଇଗଲେ । ସେ କହୁଛନ୍ତି ଆସନ୍ତା ଦିନ ମୋ ଓକିଲ ଯେତେବେଳେ ହୋମ୍ ଅଫିସ୍‌କୁ ଫୋନ୍ କଲେ ସେଠାରେ କେହି ଆଟେଣ୍ଡାଂଟ୍ ନଥିଲେ ଓ ବହୁତ ଲମ୍ବା ଘଂଟି ବାଜିଲା । ସେଠିକାର ଯେଉଁ ଡିରେକ୍ଟର୍ ଥିଲେ ସେ ସେହି ଫୋନ୍‌କୁ ଉଠାଇଲେ । ସେ ତାଙ୍କୁ ସବୁ ସମସ୍ୟା ଜଣାଇଲେ । ଏଥିରେ ଡିରେକ୍ଟର୍ କହିଲେ କି ଠିକ୍ ଅଛି ତାଙ୍କୁ କୁହ, ସକାଳେ ଆସି ଅଫିସ୍‌ରେ ମୋ ସାଙ୍ଗେ ଦେଖା କରନ୍ତୁ । ସେ କହୁଛନ୍ତି- ମୁଁ ଅଫିସ୍ ଗଲି, ମିଷ୍ଟର୍ ରିଚାର୍ଡ୍ ତାଙ୍କ ନାମ ଥିଲା । ମୁଁ ରିସିପ୍‌ସନ୍‌ରେ ପହଂଚିଲି ଓ କହିଲି ତାଙ୍କ ସହିତ ମୁଁ ସାକ୍ଷାତ୍ କରିବି । ରିସିପ୍‌ସନ୍‌ବାଲା କହିଲେ ସେ ବହୁତ ବଡ଼ ଅଫିସର୍, ତୁମ ସହିତ କାହିଁକି ମିଳିବେ, ତୁମେ କୁହ ତୁମର କଣ କାମ ଅଛି । ଏଥିରେ ସେ କହିଲେ- ନୁହେଁ ମୋତେ ସେ ନିଜେ ଡାକିଛନ୍ତି । କେହି ଅଫିସର୍‌ଙ୍କୁ ସୁଚନା ଦେବା ପାଇଁ ପ୍ରସ୍ତୁତ ନଥିଲେ । ଶେଷରେ ଜଣେ ପ୍ରସ୍ତୁତ ହେଲା । ସେ ଯାଇ ବତାଇବାରୁ ମିଷ୍ଟର୍ ରିଚାର୍ଡ୍ ନିଜେ ଅଫିସ୍‌ରୁ ଉଠି ଆସିଲେ ଓ ତାଙ୍କୁ ନିଜ ସହିତ କୋଠରୀ ଭିତରକୁ ନେଇଗଲେ ଓ ନିଜ କମ୍ପ୍ୟୁଟର୍‌ରେ ସମସ୍ତ ରେକର୍ଡ୍ ଖୋଜିଲେ । ପୁଣି ନିଜ ସେକ୍ରେଟାରୀଙ୍କୁ ଡାକିଲେ ଓ ଗୋଟିଏ ଚିଠି ଦେଇ କହିଲେ- ୟାଙ୍କୁ ପାସ୍‌ପୋର୍ଟ୍ ଇସୁ କରିଦିଆଯାଉ । ଏହାପରେ ପୁଣି ବାହାରକୁ ଛାଡ଼ିବା ପାଇଁ ଆସିଲେ । ଏ ସମସ୍ତ ଦୃଶ୍ୟ କାର୍ଯ୍ୟାଳୟର କର୍ମୀମାନେ ଦେଖୁଥିଲେ । ଅନ୍ୟ ଦେଶର କୌଣସି ବଡ଼ ଲୋକ ଆସିଛି ଯାହାକୁ ଛାଡ଼ିବା ପାଇଁ ଏତେବଡ଼ ଅଫିସର୍ ବାହାରକୁ ଆସିଲେ ଓ କବାଟ ଖୋଲି ତାଙ୍କୁ ବିଦାୟ ଦେଲେ । ସେ କହୁଛନ୍ତି, ସେ ସମୟରେ ମୋର ଯେଉଁ ଅବସ୍ଥା ଥିଲା ତାହା ଉସ୍‌ମାନ୍ ଚୁ ସାହେବଙ୍କ ଭାବ ବିହୋଳିତ ଦୁଆର ଫଳ ଥିଲା । ଯେଉଁ କାମ ଚାରିମାସ ହେଲା ପଡ଼ିକି ଥିଲା ସେହି କାମ କେବଳ ଗୋଟିଏ ଦିନରେ ହୋଇଗଲା । ନା କେବଳ ଗୋଟିଏ ଦିନରେ ହେଲା ବରଂ ବଡ଼ ଅଫିସରଙ୍କ ହାତ ଦ୍ୱାରା ହେଲା ।

ଘଟଣା ତ ବହୁତ ଅଛି । ଏତେ ଅଧିକ ଅଛି କି ଯେପରିକି ମୁଁ କହିଥିଲି ଏଠାରେ ତାହା ବର୍ଣ୍ଣନା ହୋଇପାରିବ ନାହିଁ । କିଛିଟା ତାଙ୍କ ନିକଟ ସମ୍ପର୍କୀୟଙ୍କ ବିଷୟରେ ବତାଇଦେଉଛି ।

ସୟଦ୍ ହୁସେନ୍ ଅହେମଦ୍ ସାହେବ୍ ମୁରବୀ ସିଲ୍‌ସିଲା ଲେଖୁଛନ୍ତି କି ଆମର ସାପ୍ତାହିତ ଇଜ୍‌ଲାସ୍ ହୁଏ । ଆମ ମୁରବୀ ମାନଙ୍କ ପାଖରେ କୌଣସି ଗାଡ଼ି ଯିବା ଆସବା ପାଇଁ ନଥିଲା । ଆମେ ବସ୍‌ରେ ବସି ଯାଉଥିଲୁ । ଅଧା ରାତି ପର୍ଯ୍ୟନ୍ତ ମିଟିଂ ହେଉଥିଲା । ଏହାପରେ ଯେବେ ଯିବାକୁ ପଡୁଥିଲା ତ ଆମେ ଏ ଅପେକ୍ଷାରେ ରହୁଥିଲୁ କି କୌଣସି ନା କୌଣସି ଆମେଲା (କର୍ମୀ)ଙ୍କ ସହିତ ଚାଲିଯିବୁ । କିନ୍ତୁ ଉସ୍‌ମାନ୍ ଚିନୀ ସାହେବ୍ କେବେ ଅପେକ୍ଷା କରିନାହାଁନ୍ତି । ବରଂ ପାଦରେ ଚାଲିକରି ଯାଉଥିଲେ ବା କୌଣସି ବସ୍ ଯଦି ମିଳିଯାଏ ରାସ୍ତାରେ ବା ଅନ୍ୟ କୌଣସି ଗାଡ଼ି ଯଦି ମିଳିଯାଏ ସେଥିରେ ଚାଲିଯାଉଥିଲେ । ସେ ଯେଉଁ ମିଶନ୍ ହାଉସ୍‌ରେ ରହୁଥିଲେ ତାହା ଏତେ ଛୋଟ ଥିଲା କି ଥରେ ଯେବେ ସେ ଆମକୁ ନିମନ୍ତ୍ରଣ କଲେ ଆମେ ତାଙ୍କୁ ପଚାରିଲୁ କି ଆପଣ କେଉଁଠାରେ ରହୁଛନ୍ତି ? ସେ କହିଲେ- ଏହି ଘରେ ଯାହା ହେଉଛି ମହିଳା ମାନଙ୍କର ହଲ୍ । ଯେବେ ମହିଳାମାନେ ନମାଜ ପଢ଼ିବାକୁ ଆସୁଛନ୍ତି ସେତେବେଳେ ମୁଁ ମୋର ସାମାନ୍ ଗୁଡିକ ଏକାଠି କରି ନେଉଛି । ପୁଣି ନମାଜ ପରେ ଏଠାରେ ଶୋଇବା ପାଇଁ ଜାଗା ହୋଇଯାଉଛି, ଏହା ଆମର ଖାଇବା ଜାଗା ସ୍ଥାନ, ଏ ଯାଗା ସବୁକିଛି । ବହତୁ ବିନମ୍ରତାର ସହିତ ଏହି ଛୋଟିଆ ସ୍ଥାନରେ ସେ ରହୁଥିଲେ ।

ରଶିଦ ଅରଶଦ୍ ସାହେବ କୁହନ୍ତି ମୋତେ ୩୩ ବର୍ଷ ପର୍ଯ୍ୟନ୍ତ ତାଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ମିଳିଲା । ସେ ଲେଖିଛନ୍ତି ନିୟମିତ ବାଜମାଅତ୍ ନମାଜ ପାଠ କରିବାରେ ଏବଂ ଉପାସନାରେ ତାଙ୍କର ଏଭଳି ଆଗ୍ରହ ଓ ଉତ୍ସାହ ଆମମାନଙ୍କ ପାଇଁ ଏକ ନମୁନା ଥିଲା । **ବର୍ଷା ହେଉ ଅବା ତୋଫାନ୍ ଅବା ତୁଷାରପାତ ହେଉ ନିୟମିତ ଭାବରେ ସେ ମସଜିଦ୍ ଆସି ବାଜମାଅତ ନମାଜ ପାଠ କରନ୍ତି** । ଓ ପୁଣି କହୁଛନ୍ତି ଆମେ ତାଙ୍କୁ ଏପରି ଅବସ୍ଥାରେ ମଧ୍ୟ ଦେଖିଛୁ କି ବୃଦ୍ଧ ଅବସ୍ଥାରେ ଯେତେବେଳେ ସେ ବହୁତ ଦୁର୍ବଳ ହୋଇଯାଇଥିଲେ ଓ ଇସ୍‌ଲାମାବାଦ୍ ମସ୍‌ଜିଦ୍‌ରୁ ଘରକୁ ଆସିବା ପାଇଁ କିଛି ମିନିଟ୍‌ର ଦୂରତାକୁ ପନ୍ଦର କୋଡିଏ ମିନିଟ୍‌ରେ ରହିରହି ନିଶ୍ୱାସ ନେଇ ନେଇ ଅତିକ୍ରମ କରୁଥିଲେ । କିନ୍ତୁ ମସ୍‌ଜିଦ୍ ନିଶ୍ଚିତ ରୂପେ ଆସୁଥିଲେ । ତହଜୁଦ୍ ନମାଜ୍ ନିୟମିତ ପାଠ କରୁଥିଲେ । ସେ ପୁଣି କହୁଛନ୍ତି କି ଥରେ ଆମେ ବହୁତ ଲମ୍ବା ରାସ୍ତା ଅତିକ୍ରମ କରି ଚୀନ୍‌ର ଗୋଟିଏ ଇଲାକାକୁ ଗଲୁ । ଓ ପୁଣି ସେଠିକାର ସ୍ଥାନୀୟ ଅହେମଦୀ ମାନଙ୍କ ସହିତ ଡେରି ରାତି ପର୍ଯ୍ୟନ୍ତ କଥାବାର୍ତା ଚାଲିଲା । ମୋର ଧାରଣା ଥିଲା କି ତହ୍‌ଜୁଦ୍ ନମାଜ ପାଇଁ ଉଠିବା କଷ୍ଟକର ହୋଇଯିବ । କିନ୍ତୁ ସକାଳେ ଯେତେବେଳେ ଦେଖିଲି କି ଚିନୀ ସାହେବ୍ ତହ୍‌ଜୁଦ୍ ନମାଜ ପଢୁଛନ୍ତି । ଯଦିଚ ଅଳ୍ପ, କିନ୍ତୁ ସେ ନାଗା ନକରି ପଢ଼ିନେଲେ । ଚିନୀ ସାହେବ୍ ନିଜେ ମଧ୍ୟ ଏ ବାବଦରେ ଲେଖିଛନ୍ତି । ସେ ଏହା ବର୍ଣ୍ଣନା କରିଛନ୍ତି କି ଯେବେ ସେ ଚୀନ୍‌ରୁ ରବ୍‌ୱା ଆସିଲେ ସେତେବେଳେ ଦେଖିଲେ କି ରବ୍‌ୱାର ବୁଜ୍‌ରୁଗ୍ (ବୟଜ୍ୟେଷ୍ଠ ଲୋକେ) କି ପ୍ରକାର ଭାବ ବିହୋଳ ହୋଇ ନମାଜ ପଢୁଛନ୍ତି, ରୋଜା ରଖୁଛନ୍ତି, ଏତ୍‌କାଫ୍ କରୁଛନ୍ତି, ଦୁଆ କରୁଛନ୍ତି ଓ ଅଲ୍ଲାଃତାଲା ସେମାନଙ୍କ ପ୍ରାର୍ଥନା ମଧ୍ୟ ଶୁଣୁଛନ୍ତି । ଏକଥା ଆପଣଙ୍କ ଉପରେ ବିଶେଷ ପ୍ରଭାବ ପକାଇଲା ଓ ଆପଣ ଏ ସଂକଳ୍ପ ନେଲେ କି ମୁଁ ମଧ୍ୟ ଉକ୍ତ ବୁଜ୍‌ରୁଗ୍‌ଙ୍କ ପଦାଙ୍କ ଅନୁସରଣ କରି ଚାଲିବି । ସେ ସମୟରେ ଆପଣଙ୍କୁ ଖଲିଫାଏ ଓ୍ୱକ୍ତ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ସାନି ର:ଅ ଙ୍କ ମାର୍ଗ ଦର୍ଶନ ମିଳୁଥିଲା । ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଓ ହଜ୍‌ରତ୍ ମିର୍ଜା ଶରିଫ୍ ଅହେମଦ୍ ସାହେବ୍ ର:ଅଙ୍କ ପରି ଅସ୍ତିତ୍ୱଙ୍କ ସୋହବତ୍ (ସଂଗତ) ମିଳିଥିଲା । ମୌଲାନା ଗୁଲାମ୍ ରସୁଲ୍ ରାଜିକ୍ ସାହେବ୍, ହଜ୍‌ରତ୍ ମୁଖ୍‌ତାର୍ ଅହେମଦ୍ ସାହେବ ଶାହାଜାହାନ୍ ପୁରୀ, ହଜ୍‌ରତ୍ ଇବ୍ରାହିମ୍ ସାହେବ୍ ବକାକୁରୀ ଓ ସୟଦ୍ ଓ୍ୱଲିଉଲ୍ଲାଃ ଶାହ୍ ସାହେବ୍ ଇତ୍ୟାଦିଙ୍କ ସଂଗତରୁ ଲାଭାନ୍ୱିତ ହେଉଥିଲେ । ଅଲ୍ଲାଃତାଲା ଉକ୍ତ ବୁଜ୍‌ରୁଗ୍ ମାନଙ୍କ ସଂଗତ ଯୋଗୁ ଆପଣଙ୍କ ବ୍ୟକ୍ତିତ୍ୱକୁ ଆହୁରି ଅଧିକ ମସୃଣ କରିଦେଲା ଓ ଅଲ୍ଲାଃତାଲାଙ୍କ ସହିତ ଆପଣଙ୍କର ଅଧିକ ସମ୍ପର୍କ ସୃଷ୍ଟି ହେଲା । ପୁଣି ସେ କୁହନ୍ତି ଉସମାନ୍ ସାହେବଙ୍କର ତବଲିଗ୍ କରିବାରେ ପୂର୍ଣ୍ଣ ବ୍ୟଗ୍ରତା ଥିଲେ । ସାଧାରଣତଃ ସେ ଜଣେ ନିରବ ଓ କମ୍ କହୁଥିବା ବ୍ୟକ୍ତିତ୍ୱ ଥିଲେ କିନ୍ତୁ ଯେତେବେଳେ ତବଲିଗ୍ କରିବା ଆରମ୍ଭ କରନ୍ତି ସେତେବେଳେ ତାଙ୍କ ଭିତରେ ଅସାଧାରଣ ଉତ୍ସାହ ଓ ଶକ୍ତି ଉତ୍ପନ୍ନ ହୋଇଯାଉଥିଲା ଏବଂ ସେ ଘଣ୍ଟା ଘଣ୍ଟା ଧରି (ଧର୍ମ) ଚର୍ଚ୍ଚା କରୁଥିଲେ । ଅତିଥି ପରାୟଣତା ମଧ୍ୟ ଆପଣଙ୍କୁ ଉତରାଧିକାରୀ ସ୍ୱରୂପ ମିଳିଥିଲା । ସେ କହୁଥିଲେ କି ଆମର ବାପା ବହୁତ ଅତିଥି ସତ୍କାର କରୁଥିଲେ । କାରଣ ଆମ ଗାଁରେ କୌଣସି ହୋଟେଲ୍ ନଥିଲା । ସେଥିଯୋଗୁ ତାଙ୍କ ବାପା କହୁଥିଲେ ଆମ ଘର ହିଁ ହୋଟେଲ୍ ଅଟେ । ଅତିଥି ସତ୍କାର କରିବାରେ ଚିନୀ ସାହେବ୍‌ଙ୍କ ସ୍ତ୍ରୀ ମଧ୍ୟ ଆପଣଙ୍କ ଭରପୁର୍ ସାହାଯ୍ୟ କରୁଥିଲେ ।

ସେହିପରି ସେ ଯେତେ ଥକି ଯାଇଥିଲେ ମଧ୍ୟ ପ୍ରତ୍ୟେକଙ୍କ ଭାବନାର ଧ୍ୟାନ ରଖୁଥିଲେ । ଥରେ ଅଧରାତି ପର୍ଯ୍ୟନ୍ତ ମିଟିଂ ଚାଲିଲା । ସେ ଯେତେବେଳେ କାର୍‌ରେ ବସିବାକୁ ଲାଗିଲେ କେହିଜଣେ କହିଲେ ମୋ ଘର ନିକଟରେ ଅଛି । ସେଠାକୁ ଚାଲନ୍ତୁ । ରଶିଦ୍ ସାହେବ୍ କହୁଛନ୍ତି ଆମେ ଭାବିଥିଲୁ କି ସେ ମନା କରିଦେବେ । କିନ୍ତୁ ଯିବା ପାଇଁ ବାହାରି ପଡ଼ିଲେ ଓ ସେଠାକୁ ଯାଇ ସେ ବ୍ୟକ୍ତି ଜଣକ ଖାଦ୍ୟପେୟର ବ୍ୟବସ୍ଥା ମଧ୍ୟ କଲେ । ବହୁତ ସମୟ ପର୍ଯ୍ୟନ୍ତ ସେଠାରେ ରହିଲେ । ଆପଣ ବିଳମ୍ବରେ ପାଖାପାଖି ରାତି ୧ଟା ସମୟରେ ପହଂଚିଲେ । କିନ୍ତୁ ଏହା ନଥିଲା କି ତାଙ୍କୁ ମନା କରିଦେବେ ବା ଏହା କହିଦେବେ କି ଶିଘ୍ର କରନ୍ତୁ, ମୋତେ ପୁଣି ଯିବାକୁ ହେବ ।

ମୁରବୀ ନସିର୍ ଅହେମଦ ବଦର୍ ସାହେବ ଲେଖିଛନ୍ତି କି ଯେବେ ମୋତେ ଚିନୀ ଭାଷା

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...

ସେଥିରେ ବେଳେବେଳେ କଠିନତା ସୃଷ୍ଟି ହୁଏ ।

ଆଉ ଗୋଟିଏ ପିଲା ଏ ପ୍ରଶ୍ନ ପଚାରିଲା କି ମୁଁ ୱକ୍‌ଫେ ନୌରେ ନାହିଁ, କିନ୍ତୁ ମୋ ମନ ଚାହୁଁଛି କି ମୁଁ ଆଫ୍ରିକା ଦେଶରେ ଯାଇ କିପରି ସେବା କରିପାରିବି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତୁମେ ଯଦି ୱକ୍‌ଫେ ନୌରେ ସାମିଲ୍ ନାହଁ ତେବେ ମୁଁ କଣ କରିପାରିବି । ତୁମ ମା' ବାପାଙ୍କୁ ପଚାର କି ସେମାନେ କାହିଁକି ତୁମକୁ ୱକ୍‌ଫ୍ କଲେନାହିଁ । ଏବେ ଯଦି ୱକ୍‌ଫ୍ କରିବା ପାଇଁ ଚାହୁଁଛି ତେବେ କିଛିଟା କରି ଦେଖାଓ । ଟିଚର୍ ହୁଅ, ଡାକ୍ତର୍ ହୁଅ ପୁଣି ଆଫ୍ରିକା ଯାଇ ଜମାତ୍‌ର ସେବା କରିବ । ୱକ୍‌ଫେ ନୌ ତ ଏବେ ହୋଇପାରିବ ନାହିଁ । ୱକ୍‌ଫେ ନୌର ଅର୍ଥ ହେଉଛି ଜନ୍ମ ପୂର୍ବରୁ ମା' ବାପାଙ୍କ ଦ୍ୱାରା ୱକ୍‌ଫ କରିବା । ଏବେ ବଡ଼ ହୋଇ ପାଠ ପଢ଼ି କିଛି କାମ କରି ଡାକ୍ତର ହୋଇ ୱକ୍‌ଫ କରିନେବ ।

ଆଉ ଗୋଟିଏ ଝିଅ ପ୍ରଶ୍ନ ପଚାରିଲେ କି ସିହା ଲୋକମାନେ ଯେଉଁ ନୋହା (ବିଳାପ) କରୁଛନ୍ତି କଣ ଆମେ ତାକୁ ଶୁଣିପାରିବା ?

ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ-ଯଦି ଏପରି କୌଣସି ସିହା ଏହା ପାଠ କରୁଛି ବା ଟି.ଭିରେ ଏପରି ପ୍ରୋଗ୍ରାମ୍ ଆସୁଛି ତେବେ ଶୁଣିବାରେ କୌଣସି ପାପ ନୁହେଁ । କିନ୍ତୁ ସେମାନଙ୍କ ପରି ଆଚରଣ କରିବା ମନା, କାନ୍ଦିବା ମନା । ତେଣୁ ଅଧିକ ଶୁଣନାହିଁ । ଏତଦ୍‌ଭିନ୍ନ ଆହୁରି ମଧ୍ୟ ଭଲଭଲ ନଜମ୍ ଅଛି, କସିଦା ଅଛି, ନାତ୍ ମଧ୍ୟ ଅଛି । ତାହା ସବୁ ଶୁଣ । ଅଧିକ ଦୁଃଖପୁର୍ଣ୍ଣ ପଦଗୁଡ଼ିକୁ ଶୁଣିବାର ଯଦି ସଉକ୍ ଅଛି ତେବେ ତାହା ଶୁଣିପାରିବ । ଏଥିରେ ସେହି ପିଲାଟି ପୁଣି ପଚାରିଲା ମୋତେ ସମସ୍ତେ ମନା କରୁଛନ୍ତି କି ଏହା ଶୁଣନାହିଁ ବୋଲି । କହୁଛନ୍ତି- ଯଦି ତୁମେ ସିହା ମାନଙ୍କର ନୋହା ଶୁଣିବା ସେମାନେ ଆପଣଙ୍କ ନିକଟରେ ମୋ ବିଷୟରେ ଅଭିଯୋଗ କରିବେ । ତେଣୁ ମୁଁ ଏହା ଭାବିଲି କି ନିଜେ ହିଁ ପଚାରି ବୁଝିନେବି । ହଜୁର୍ ଅନୁଓ୍ୱର୍ କହିଲେ-ଯେବେ ଅଭିଯୋଗ କରିବେ ମୁଁ ନିଜେ ବୁଝିନେବି । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ସିହା ମାନଙ୍କ ପରି ମାଡ ଖାଉନାହଁ ତେବେ ଶୁଣିବାରେ କୌଣସି ଅସୁବିଧା ନାହିଁ । ସେମାନଙ୍କର କିଛି ବହୁତ ଭଲ ଶେର୍ (ପଦ) ରହିଛି । ଯେପରି ''ଭୟା କୋ ନା ପାଏଗି ତୋ ଘବ୍‌ରାଏଗି ଜୈନବ୍'' ଏହିଭଳି ଆହୁରି ମଧ୍ୟ ଭଲ ଭଲ ଶେର୍ ଅଛି । ଶୁଣିବାରେ କୌଣସି ଅସୁବିଧା ନାହିଁ । ଆଉଜଣେ ପିଲା ପ୍ରଶ୍ନ ପଚାରିଲା କି ଆପଣ ଯେବେ ଖଲିଫା ନିର୍ବାଚିତ ହେଲେ ସେତେବେଳେ ଆପଣ କଣ ଦୁଆ ମାଗିଥିଲେ ?

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଅଲ୍ଲାଃତାଲାଙ୍କ ଠାରୁ ଏ ଦୁଆ ମାଗିଥିଲି କି ମୋର ତ କୌଣସି ଜ୍ଞାନ ନାହିଁ । ତେଣୁ ମୋର ଯେଉଁ କାମ ଅଛି ତୁ ନିଜେ ହିଁ କରିଚାଲେ ।

ଆଉ ଜଣେ ଝିଅ ପ୍ରଶ୍ନ ପଚାରିଲେ କି ଯେବେ ଦୁନିଆରେ ଅହେମଦୀୟତ୍‌ର ଗଲ୍‌ବା ହୋଇଯିବ ତେବେ କଣ ସାରା ସଂସାରରେ ଶାନ୍ତି ସ୍ଥାପନ ହୋଇଯିବ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଗଲ୍‌ବାର ଅର୍ଥ ହେଉଛି ବହୁ ସଂଖ୍ୟାରେ ଅହେମଦୀ ହୋଇଯିବେ । କିନ୍ତୁ ଇସାଇୟତ୍ ମଧ୍ୟ ରହିବ । ୟହୁଦୀୟତ୍ ମଧ୍ୟ ରହିବ । ସୁରା ଫାତେହାର ଦୁଆ ''ଗଏରିଲ୍ ମଗ୍‌ଯୁବେ ଆଲୈହିମ୍ ୱଲଜ୍ ଜୁଓ୍ୱାଲ୍ଲିନ୍'' ଆମେ ପଢୁଛେ । ତେଣୁ ବିଗିଡ଼ି ଯାଇଥିବା ଅର୍ଥାତ୍ ନଷ୍ଟ ହୋଇଯାଇଥିବା ମୁସଲ୍‌ମାନ୍ ମାନେ ମଧ୍ୟ ହୋଇପାରେ ରହିବେ ଓ ସେହିପରି ଅନ୍ୟ ଧର୍ମର ଲୋକମାନେ ମଧ୍ୟ ଥିବେ । କିନ୍ତୁ ଅଧିକାଂଶ ଲୋକେ ଅହେମଦୀ ହୋଇଯିବେ ଓ ସେ ସମୟର ଅବସ୍ଥା ସାଧାରଣତଃ ଶାନ୍ତିପ୍ରିୟ ହେବ । କିନ୍ତୁ ଯେବେ କୟାମତ୍ ଆସିବ ସେତେବେଳେ ପୁଣି ଦୁନିଆ ବିଗିଡ଼ି ଯିବ । କୟାମତ୍ ଏପରି ଲୋକମାନଙ୍କ ଭିତରେ ଆସିବ ଯେଉଁମାନେ ଭ୍ରଷ୍ଟ ହୋଇଥିବେ । ଇନ୍‌ଶାଅଲ୍ଲାଃ ଶାନ୍ତି ହେବ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ପ୍ରଥମେ ଅହେମଦୀୟତ୍ ଭିତରେ ଅର୍ଥାତ୍ ନିଜ ଭିତରେ ଶାନ୍ତି ସ୍ଥାପନ କରନ୍ତୁ ।

ଆଉଜଣେ ଝିଅପିଲା ପ୍ରଶ୍ନ ପଚାରିଲେ କି ନୁଆ ଯୁବପିଢ଼ୀ ଏପରି କି ସ୍ୱିଡେନ୍‌ର ପିଲାମାନେ ମଧ୍ୟ ଚରମପନ୍ଥୀ ଆଡକୁ ଟଳୁଛନ୍ତି । ଆମେ ଅହେମଦୀମାନେ ସେମାନଙ୍କୁ କିପରି ରୋକିପାରିବୁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସେମାନଙ୍କୁ ବତାଓ କି ଯେବେ କାହାର ଅଧିକାର ତାକୁ ଦିଆନଯିବ ତେବେ Frustration ସୃଷ୍ଟି ହେବ । ଲୋକମାନଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କରିବା ଉଚିତ୍ । ୨୦୦୮ ମସିହାର Economic Crisis ପୂର୍ବରୁ ଏହି Extremism ନଥିଲା । ଏହି Crisis ପରେ ଏଥିପ୍ରତି ଲୋକମାନେ ଆକର୍ଷିତ ହେଲେ । ଯେବେ ଲୋକମାନଙ୍କର ସାମାଜିକ ଆବଶ୍ୟକତା ପୂରଣ ନହେବ ତେବେ ଏହିପରି ଅବସ୍ଥା ସୃଷ୍ଟି ହୋଇଥାଏ । Frustration ସୃଷ୍ଟି ହୋଇଥାଏ । ଏହାଦ୍ୱାରା ଚରମପନ୍ଥୀ ସଂଗଠନ ଗୁଡ଼ିକ ଲାଭ ଉଠାଇଥାନ୍ତି ଓ ନିଜର ମନସ୍କାମନା ପୂରଣ କରିବା ନିମନ୍ତେ ସେମାନଙ୍କର ଚେଷ୍ଟା ଅଧିକ ହୋଇଥାଏ । ସେହି ଲୋକମାନଙ୍କ ମଧ୍ୟରୁ କିଛି ମୁସଲ୍‌ମାନ ହୋଇ ଉକ୍ତ ଚରମପନ୍ଥୀ ସଂଗଠନରେ ବା ଦାଇଶ୍ ସହିତ ମିଶିଗଲେ । ଏହାର ସମାଧାନ ଏହା କି ସେମାନଙ୍କୁ ବୁଝାଯାଉ । ଏହା ମୁ ସବୁବେଳେ କହୁଛି । ତୁମେମାନେ ନିଜର ଲିଟେର୍‌ଚର୍‌କୁ ନେଇ ସେମାନଙ୍କୁ ବତାଓ କି ଶାନ୍ତିର ସହ ରହିବା ଦ୍ୱାରା ଲାଭ ହୁଏ । ଯେଉଁ ଲୋକମାନେ ମୁସଲ୍‌ମାନ ହୋଇ ଏହି ସଂଗଠନରେ ସାମିଲ୍ ହେଉଛନ୍ତି ସେମାନଙ୍କର ଇସ୍‌ଲାମ୍‌ର କିଛି ଜ୍ଞାନ ନାହିଁ । ସେମାନଙ୍କୁ ଗାଇଡ୍ କରିବା ବାଲା କେହି ନାହାଁନ୍ତି । ପୁଣି କହିଲେ କି ଅହେମଦୀମାନଙ୍କ ଭିତରୁ ଏପରି କୌଣସି ଲୋକେ ହୁଅନ୍ତି ନାହିଁ । ଯଦି କିଏ ଥିବେ ତେବେ ସେ ଅହେମଦୀୟତ୍ ରୁ ଅଲଗା ହୋଇ ଥିବ । ଅହେମଦୀୟତ୍‌ରେ ରହି କରେନାହିଁ । ଯେବେ କି ଅହେମଦୀୟତ୍ ସର୍ବଦା ସିଧା ରାସ୍ତାଆଡକୁ ତାର ଯୁବଗୋଷ୍ଠୀକୁ ମାର୍ଗଦର୍ଶନ କରାଇଥାଏ । କିନ୍ତୁ ମୁଲା ମାନେ ଇସ୍‌ଲାମ୍‌ର ଶିକ୍ଷାକୁ ନିଜ ମନ ମୁତାବକ ବିଗାଡ଼ି ରଖିଦେଇଛନ୍ତି ।

ଏହି ଲୋକମାନଙ୍କୁ ସଠିକ୍ ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧରେ ବତାଇବାକୁ ହେବ । ମୁଁ ଏହି କାମ କରୁଅଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁ ସବୁ ଅଭିଭାଷଣ ମୁଁ ବିଭିନ୍ନ ପାର୍ଲିଆମେଂଟ୍‌ରେ ଦେଇଛି କଣ ତୁମେ ତାକୁ ପଢୁଛ ? ସେଗୁଡ଼ିକୁ ଲୋକମାନଙ୍କ ଭିତରେ ବାଂଟିବାର କାର୍ଯ୍ୟ ମଧ୍ୟ କର ।

ଆଉଜଣେ ନାସେରା ଏ ପ୍ରଶ୍ନ ପଚାରିଲେ କି ତା ମନ ଚାହୁଁଛି ସେ ଡାକ୍ତର ହେବ । ଏଥିରେ ହଜୁର୍ କହିଲେ ହୋଇଯାଓ । ତୁମକୁ କିଏ ରୋକିଛି । ପାଠ ପଢ଼ । ମୋର କୌଣସି ଅଭିଯୋଗ ନାହିଁ ।

ଆଉଜଣେ ଝିଅ କହିଲେ କି ସେ ଏଠାରେ ଟିଚିଂ କରୁଛି । ଗୋଟିଏ କଲେଜ୍‌ରେ ପଢ଼ାଉଛି । କଣ ତାକୁ ଆଫ୍ରିକା ପଠାଯାଇପାରିବ ?

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ତୁମେ କଣ ବିବାହିତ ? ସେ କହିଲେ ନୁହେଁ । କିନ୍ତୁ ମୋତେ ଆଫ୍ରିକାରେ ଖିଦ୍‌ମତ୍ କରିବା ପାଇଁ ବହୁତ ସଉକ୍ ଅଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଲେଖିକରି ଦିଅ, ଯଦି କୌଣସି ୱକ୍‌ଫେ ଜିନ୍ଦେଗି ସହିତ ବିବାହ ହୋଇଯିବ ତେବେ ଭଲ ହେବ । ହଜୁର୍ ଅନୁଓ୍ୱର୍ ପଚାରିଲେ କି କଣ ତୁମର ବିବାହ ହେବା ପାଇଁ ବୟସ ହୋଇଗଲାଣି କି ? ସେ କହିଲେ ହଁ ହଜୁର୍ । ଏଥିରେ ହଜୁର୍ କହିଲେ- ପ୍ରଥମେ ରିସ୍ତା କର । ପୁଣି ଚାଲିଯାଓ ।

ଆଉଜଣେ ଝିଅ ପ୍ରଶ୍ନ ପଚାରିଲେ କି ଆପଣଙ୍କୁ ସବୁଠାରୁ ଅଧିକା ଖୁସି ଓ ସବୁଠାରୁ ଅଧିକା ଦୁଃଖ କେଉଁ ଘଟଣାରେ ହୋଇଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କଣ କହିବି । ତେଣୁ ଦୁଆ କରନ୍ତୁ କି ଖୁସି ପହଂଚୁ ।

ଆଉଜଣେ ଝିଅ ପ୍ରଶ୍ନ ପଚାରିଲେ କି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଖଲିଫା ମାନଙ୍କ ନାମ ସହିତ ରଜିଅଲ୍ଲାଃହୋ ଅନ୍‌ହୋ ଆସେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରଥମ ଦୁଇଜଣ ଖଲିଫାଙ୍କ ନାମ ସହିତ ମଧ୍ୟ ରଜିଅଲ୍ଲାଃହୋ ଅନ୍‌ହୋ ଆସୁଛି । ଯେବେକି ତୃତୀୟ ଓ ଚତୁର୍ଥ ଖଲିଫାଙ୍କ ସହିତ ରହେମୁଲ୍ଲାଃ ଆସିଥାଏ । ଏହାର କାରଣ କଣ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁମାନେ ସାହାବା ଅଟନ୍ତି ଅର୍ଥାତ୍ ନବୀଙ୍କ ତା ଜୀବ ଦଶାରେ ସେମାନେ ମାନିନେଇଥାଆନ୍ତି ଓ ତାଙ୍କୁ ଦର୍ଶନ କରିଥାନ୍ତି ଓ ତାଙ୍କ ହାତରେ ବୟତ କରିଥାନ୍ତି, ସେମାନଙ୍କ ଦେହାନ୍ତ ପରେ ତାଙ୍କ ନାମ ସହିତ ରଜିଅଲ୍ଲାଃହୋ ଅନ୍‌ହୋ ଆସିଥାଏ । ଯେବେ କି ପରେ ଆସିଥିବା ଲୋକମାନଙ୍କ ସହିତ ରହେମୁଲ୍ଲାଃ ଅର୍ଥାତ୍ ଅଲ୍ଲାଃ ତାଙ୍କ ଉପରେ ନିଜର କରୁଣା ପ୍ରଦାନ କରନ୍ତୁ । ଏପରି ତ ରଜିଅଲ୍ଲାଃ ଅନ୍‌ହୋର ଅର୍ଥ ହେଉଛି ଅଲ୍ଲାଃ ତାଙ୍କ ଉପରେ ରାଜି ହୁଅନ୍ତୁ । ଏଥିରେ କୌଣସି ଫରକ ନାହିଁ । ଫରକ କେବଳ ନବୀଙ୍କ ଜୀବଦଶାରେ ମାନିଥିବା ଲୋକମାନେ ଓ ପରେ ତାକୁ ମାନିଥିବା ଲୋକମାନଙ୍କ ମଧ୍ୟରେ ରହିଛି । ଏହା ଏକ ଶୈଳୀ ଅଟେ । ସାଉଦୀର ରାଜକୁମାର ମାନେ ଯେବେ ମରିଥାନ୍ତି ସେମାନଙ୍କ ନାମ ସହିତ ମଧ୍ୟ ରଜିଅଲ୍ଲାଃ ଲଗାଯାଇଥାଏ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାକି ଦୁଇଜଣ ଖଲିଫା ସାହାବି ନଥିଲେ । ସେମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦେଖିନାହାଁନ୍ତି । ସେଇଥିପାଇଁ ତାଙ୍କ ନାମ ସହିତ ରହେମୁଲ୍ଲାଃ ଲଗାଯାଉଛି । ଏହା ଏକ ପ୍ରକାର ଶୈଳୀ ଯାହା ପୂର୍ବରୁ ଚାଲିଆସିଛି । କିନ୍ତୁ ଯଦି ରଜିଅଲ୍ଲାଃ ମଧ୍ୟ କହିଦିଆଯାଏ ତେବେ କୌଣସି ଅସୁବିଧା ନାହିଁ । ପବିତ୍ର କୋରାନ୍ ମଧ୍ୟ ସାହାବାମାନଙ୍କ ନିମନ୍ତେ ରଜିଅଲ୍ଲାଃ ଅନ୍‌ହୋର ଶବ୍ଦ ବ୍ୟବହାର କରିଛି । ସେଇଥିପାଇଁ ତାଙ୍କ ସହିତ ରଜିଅଲ୍ଲାଃହୋ ଅନ୍‌ହୋ ଲେଖାଯାଏ । ନବୀଙ୍କୁ ସେମାନେ ଦେଖିଛନ୍ତି ଓ ତାଙ୍କ ସହିତ ସେମାନେ ରହିଛନ୍ତି ।

ସେହି ଝିଅଟି ପ୍ରଶ୍ନ ପଚାରିଲା କି ଯେବେ ଆପଣଙ୍କୁ ପାକିସ୍ତାନ ଯିବା ପାଇଁ ଅନୁମତି ମିଳିବ ତେବେ ଆପଣ ରବ୍‌ୱାକୁ ମର୍କଜ ବନାଇବେ ବା ଲଣ୍ଡନ୍‌କୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏଥିରେ କହିଲେ ମୋତେ ତ କେହି ରୋକି ନାହାଁନ୍ତି । ଏବେ ମଧ୍ୟ ଅନୁମତି ଅଛି । କିନ୍ତୁ ମୁଁ ଯଦି ସେଠାକୁ ଯିବି ତାହାହେଲେ ଖୁତ୍‌ବା ଦେଇପାରିବି ନାହିଁ । ନା କୌଣସି ନମାଜ ପଢ଼ାଇ ପାରିବି । ନା ନିଜକୁ ମୁସଲ୍‌ମାନ୍ ବୋଲି ବୋଲାଇ ପାରିବି । ଏହିଭଳି ପରିସ୍ଥିତିରେ ମୁଁ ସେଠାକୁ ଯାଇ କଣ କରିବି । ପାକିସ୍ତାନ୍‌ରେ କାନୁନ୍‌ରେ ଖଲିଫାଙ୍କ ହାତକୁ ବାନ୍ଧି ଦିଆଯାଇଛି । ଯଦ୍ୱାରା ସେ କିଛି କରିନପାରୁ । ତେଣୁ ସେଠାକୁ ଯାଉନାହିଁ । ହଁ ଏହା କହିପାରିବା ଯେବେ ପାକିସ୍ତାନ୍‌ର ଅବସ୍ଥା ଠିକ୍ ହୋଇଯିବ ସେତେବେଳେ ଖଲିଫାଏ ୱକ୍ତ୍ ସେଠାକୁ ଯାଇପାରିବେ । ସ୍ୱାଧୀନତାର ସହିତ ନିଜ ଉପରେ ଥିବା ଦାୟିତ୍ୱ ଗୁଡ଼ିକ ସେଠାରେ ତୁଲାଇ ପାରିବ । ରବ୍‌ୱାକୁ ମର୍କଜିର ପଦବୀ ତ କାଏମ୍ ଅଛି । କାଦିଆନ୍‌ର ମଧ୍ୟ ପଦବୀ ଅଛି । ହୋଇପାରେ କି ସେଠାକୁ ଯିବି । କିନ୍ତୁ ଏ ଯୁଗ ଏପରି ଚାଲିଛି ଯାହାକିଛି ସାଧନ ୟୁରୋପ୍‌ରେ ରହିଛି ତାହା ସବୁ ଯେବେ କାଦିଆନ୍ ବା ରବ୍‌ୱାରେ ଉପଲବ୍ଧ ହେବ । ତେବେ ସେଠାକୁ ନିଶ୍ଚିତ ଯିବି । ସାଧାରଣତଃ ଥରେ ହିଜ୍‌ରତ୍ ଯଦି ହୁଏ ତେବେ ପୁଣି ହିଜ୍‌ରତ୍ ହିଁ ରହିଥାଏ । ସେ ସମୟରେ ଯେ ମଧ୍ୟ ଖଲିଫା ହେବ ସେ ଅବସ୍ଥାକୁ ଦେଖିବ ଓ କିଛି ମାସ ନିମନ୍ତେ ସେଠାରେ ଯାଇ ରହିବ । ଯେବେ ଏପରି ମଉକା ଆସିବ ସେତେବେଳେ ଦେଖାଯିବ ।

ଆଉଜଣେ ଝିଅ ପ୍ରଶ୍ନ ପଚାରିଲା କି ଅଲ୍ଲାଃତାଲା ପ୍ରତ୍ୟେକ ଜିନିଷକୁ ମଣିଷର ଲାଭ ପାଇଁ ସୃଷ୍ଟି କରିଛନ୍ତି । ତେବେ ସୁଅର୍ (ଘୁଷୁରି)କୁ କି ଲାଭ ପାଇଁ ସୃଷ୍ଟି କରିଛନ୍ତି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ତାକୁ ମଧ୍ୟ କୌଣସି ଲାଭ ପାଇଁ ସୃଷ୍ଟି କରାଯାଇଛି । ଆମେ ତାହା ଜାଣିନାହୁଁ । ଅଲ୍ଲାଃତାଲାଙ୍କୁ ତ ଜଣାଅଛି । ତାର ବହୁତ ଗୁଡ଼ିଏ ଜିନିଷ ମେଡିକାଲ୍ ରିସର୍ଚ୍‌ରେ କାମ ଆସିପାରିବ । ଆଜିକାଲି ରିସର୍ଚ୍‌ରେ ଘୁଷୁରି ମାନଙ୍କ ଅଙ୍ଗକୁ ମଧ୍ୟ ବ୍ୟବହାର କରାଯାଉଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ତୁମେ ସାପ ବିଷୟରେ ପଚାରିଲ ନାହିଁ । ସୁଅର ଖାଇବା, ତାର ଚାଲିଚଳନ ଓ କୁଅଭ୍ୟାସ ଯୋଗୁ ଅବୈଧ କରାଯାଇଛି । ପ୍ରତ୍ୟେକ ପଶୁମାନଙ୍କର ବିଶେଷ ଗୁଣ ରହିଛି । ତେଣୁ ତାର ହୃଦୟ ଉପରେ ରିସର୍ଚ୍ଚ୍ କରାଯାଉଛି । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଇଂଟରନେଟ୍ ଦ୍ୱାରା ଉପରୋକ୍ତ ଜ୍ଞାନ ହାସଲ କରାଯାଇପାରିବ । ୱାକିଫାତେ ନୌ ଓ ଝିଅପିଲାମାନଙ୍କ ସହିତ ଅନୁଷ୍ଠିତ ହୋଇଥିବା ଏହି କ୍ଲାସ୍ ୯:୩୦ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ମଗ୍‌ରିବ୍ ଓ ଇସା ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଆବାସସ୍ଥଳୀକୁ ଚାଲିଗଲେ ।

(ବହୱାଲା ଅଖ୍‌ବାର୍ ବଦର୍ ୩୦ ଜୁନ୍ ୨୦୧୬)

**୧୪ ମଇ ୨୦୧୬ (ଶନିବାର)**

ପ୍ରତ୍ୟୁଷ ୪:୧୫ ରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍ଜିଦ୍ ମେହମୁଦ୍‌ରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପଢ଼ାଇବା ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳବେଳା ହଜୁର୍ ଅନୁୱର୍ ଅ:ବ:ଅ ନିଜର ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଲିପ୍ତ ରହିଲେ । ଆଜି ଦୁଇପ୍ରହର ମସ୍ଜିଦ୍ ମେହମୁଦ୍‌ର ଉଦ୍‌ଘାଟନ ହେବା ପ୍ରସଙ୍ଗରେ ମସ୍ଜିଦ୍‌ର ଗୋଟିଏ ହଲ୍‌ରେ ଉତ୍ସବର ଆୟୋଜନ କରାଯାଇଥିଲା, ଯେଉଁଠି ବହୁ ସଂଖ୍ୟାରେ ସ୍ଥାନୀୟ ସ୍ୱିଡିଶ୍ ଅତିଥିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା ।

ଆଜିର ଏହି ଉତ୍ସବରେ ୧୪୦ ଜଣରୁ ଅଧିକା ସ୍ୱିଡିଶ୍ ଅତିଥି ସାମିଲ୍ ହୋଇଥିଲେ । ସେହି ଅତିଥି ମାନଙ୍କ ଭିତରୁ Kent Andersson ମେୟର୍ ମାଲ୍‌ମୋ ସିଟି, Mr. Jonas Otterbeck ପ୍ରଫେସର୍ Lund ୟୁନିଭରସିଟି, Catarinna Kinnvall ପ୍ରଫେସର୍ ପଲିଟିକାଲ୍ ସାଇନସ୍ Lund ୟୁନିଭର୍‌ସିଟି, Hillevi Larsson ମେୟର୍ ଅଫ୍ ପାର୍ଲିଆମେଂଟ୍, Stefan Sinteus ପୋଲିସ୍ ଚିଫ୍ ମାଲ୍‌ମୋ ସିଟି, ସ୍ୱିଡିଶ୍ ଚର୍ଚ୍ଚର ପ୍ରତିନିଧି Anders Ekhem, Mr. Rickard Lagervall ପ୍ରଫେସର୍ Lund ୟୁନିଭର୍‌ସିଟି, Mr. Jonas Alwall ପ୍ରଫେସର୍ ଥିଓଲୋଜି ମାଲ୍‌ମୋ ୟୁନିଭର୍‌ସିଟି, Mujo Halilovic ପ୍ରଫେସର୍ ସୋସିଆଲ୍ ସାଇନସ୍ ମାଲ୍‌ମୋ ୟୁନିଭର୍‌ସିଟି ଏବଂ Mr. Torbjorn Tegnhammar ଡେପୁଟି ମେୟର୍ ମାଲ୍‌ମୋ ସିଟି ଏବଂ ଏମାନଙ୍କ ବ୍ୟତୀତ ଡାକ୍ତର, ଟିଚର୍, ଇଞ୍ଜିନିୟର୍, ଓକିଲ ଓ ବିଭିନ୍ନ ସଂସ୍ଥା ସହିତ ଜଡ଼ିତ ଥିବା ଉଚ୍ଚ ପଦାଧିକାରୀମାନେ ସାମିଲ୍ ହୋଇଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ଆଗମନ ପୂର୍ବରୁ ଏହି ସମସ୍ତ ଅତିଥିମାନେ ନିଜ ନିଜ ସ୍ଥାନରେ ବସିସାରିଥିଲେ । ଏହି ଅତିଥିମାନଙ୍କ ବ୍ୟତୀତ ବିଭିନ୍ନ ଦେଶରୁ ଆସିଥିବା ଜମାତ୍‌ର ଓହ୍‌ଦାଦାରମାନେ ଓ ଅତିଥିଗଣ ମଧ୍ୟ ଉକ୍ତ ଉତ୍ସବରେ ସାମିଲ୍ ଥିଲେ ।

ପ୍ରୋଗ୍ରାମ୍ ମୁତାବକ ୧୧:୧୫ ରେ ହଜୁର୍ ଅନୁୱର୍ ଅ:ବ:ଅ ଏହି ଉତ୍ସବରେ ସାମିଲ୍ ହେବାପାଇଁ ଆସିଲେ ।

ଅତିଥିମାନଙ୍କ ନିମନ୍ତେ ଅଭିଭାଷଣ

କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର କୋରାନ୍ ପାଠରୁ ହିଁ ହେଲା, ଯାହା ଅଜିଜମ୍ ମସ୍‌ହାବ୍ ରଶିଦ୍ ସାହେବ୍ ଜାମିଆ ଅହେମଦୀୟା ୟୁ.କେ ର ଶିକ୍ଷାର୍ଥୀ ପାଠ କଲେ ଓ ମୋକରମ୍ ମୁହମ୍ମଦ୍ ଦାଉଦ୍ ଖାନ୍ ସାହେବ୍ ସଦର୍ ଜମାତ୍ ଅହେମଦୀୟା ମାଲ୍‌ମୋ ଏହାର ଇଂରାଜୀ ଅନୁବାଦ ପଢ଼ି ଶୁଣାଇଲେ ।

ଏହାପରେ ମୋକରମ୍ ମାମୁନୁର୍ ରଶିଦ୍ ସାହେବ୍ ଅମୀର୍ ଜମାତ୍ ସ୍ୱିଡେନ୍ ନିଜର ସ୍ୱାଗତ ଅଭିଭାଷଣ ଉପସ୍ଥାପନ କଲେ । ଏହାପରେ ଅତିଥି ବକ୍ତା Mr. Kent Andersson ମେୟର୍ ମାଲ୍‌ମୋ ସିଟି ଏବଂ Mr. Jonas Otterbeck ପ୍ରଫେସର୍ Lund ୟୁନିଭର୍‌ସିଟି ନିଜ ନିଜର ଅଭିଭାଷଣ ଉପସ୍ଥାପନ କଲେ ।

ସର୍ବପ୍ରଥମେ ମାଲ୍‌ମୋ ସହରର ମେୟର୍ Kent Andersson ନିଜର ଅଭିଭାଷଣ ଉପସ୍ଥାପନ କଲେ । ସେ ୨୦୧୦ ମସିହା ଠାରୁ ମାଲ୍‌ମୋ ସହରର ମେୟର୍ ରୂପେ କାର୍ଯ୍ୟରତ । ସେ ନିଜର ଅଭିଭାଷଣରେ କହିଲେ:-

ମୁଁ ହଜୁର୍ ଅନୁୱର୍, ଜମାତ୍ ଅହେମଦୀୟା ମାଲ୍‌ମୋ ଏବଂ ସମସ୍ତ ସମ୍ମାନୀୟ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ଆଜି ଓ କାଲିର ଦିନଟି ମାଲ୍‌ମୋ ପାଇଁ ବହୁତ ସ୍ମରଣୀୟ ଦିନ ଥିଲା । ଏହି ମସ୍ଜିଦ୍‌ର ଉଦ୍‌ଘାଟନ ମାଧ୍ୟମରେ କିଛି ଜିନିଷର ପରିସମାପ୍ତି ଘଟିଲା ଓ କିଛି ଜିନିଷର ଶୁଭାରମ୍ଭ ହେଲା । ପରିସମାପ୍ତି ଏ କ୍ଷେତ୍ରରେ କି ଏହି ମସ୍ଜିଦ୍‌ର ନିର୍ମାଣ ମାଧ୍ୟମରେ ଏ ସମାଜରେ ଏକତା ଓ ଭାଇଚାରା ସମ୍ପୂର୍ଣ୍ଣତା ଲାଭ କଲା ଓ ଏକ ବହୁତ ବଡ଼ ଲମ୍ବା ରାସ୍ତା ଯେଉଁଥିରେ ବହୁତ ଲୋକେ ବହୁତ ପରିଶ୍ରମ କରିଛନ୍ତି ଏବଂ ମୁଁ ଏହା ମଧ୍ୟ ଦେଖିଛି । ସେ ସବୁର ଆଜି ପରିସମାପ୍ତି ଘଟିଲା ଓ ଅନ୍ୟପଟେ ଶୁଭାରମ୍ଭ ଏପରି ହେଲା କି ଏହି ମସ୍ଜିଦ୍‌ର ନିର୍ମାଣ ସହିତ ମାଲ୍‌ମୋଠାରେ ଜମାତ୍ ଅହେମଦୀୟାର ନିୟମିତ ଆରମ୍ଭ ହେଲା । ଏହି ନୂଆ ମସ୍ଜିଦ୍ ଜରିଆରେ ଜମାତ୍ ଅହେମଦୀୟା ଏବେ ଏହି ମସ୍ଜିଦ୍‌ରେ ସେହି କାମ ମଧ୍ୟ କରିପାରିବ ଯାହାକୁ ସେ ତା ପୁରୁଣା ସ୍ଥାନରେ କରିପାରୁନଥିଲା । ଏଥିରେ କୌଣସି ଶଙ୍କା ନାହିଁ କି ଏହି ମସ୍ଜିଦ୍‌ର ନିର୍ମାଣ ଫଳରେ ଆପଣମାନଙ୍କ ପାଇଁ ଗୋଟିଏ ବଡ଼ ପରିବର୍ତ୍ତନ ଆସିଛି ।

ପୁଣି ସେ କହିଲେ-ପରିବର୍ତ୍ତନର କଥା ଯେଉଁଠି ଉଠିଛି ମୁଁ ଆପଣମାନଙ୍କୁ ମାଲ୍‌ମୋ ସହର ଭିତରେ ହୋଇଥିବା ପରିବର୍ତ୍ତନ ସମ୍ବନ୍ଧରେ ମଧ୍ୟ ସଂକ୍ଷିପ୍ତରେ କିଛି କହିବି । ଯାହା ବିଗତ ବର୍ଷ ଗୁଡିକରେ ବରଂ ବିଗତ ଦଶରେ ହୋଇଛି । ମାଲ୍‌ମୋ ଗୋଟିଏ ପାରମ୍ପରିକ ଇଣ୍ଡଷ୍ଟ୍ରିଆଲ୍ ସହରରୁ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ ହୋଇ ଗୋଟିଏ ବଡ଼ ଆର୍ଥିକ ସହର ହୋଇଯାଇଛି ଯେଉଁଥିରେ ବଡ଼ ବଡ଼ ଫ୍ୟାକ୍ଟ୍ରି ସ୍ଥାନରେ ଏବେ ଛୋଟ ଛୋଟ ଓ ମଧ୍ୟମ ଧରଣର ବେପାର ବାଣିଜ୍ୟ ସ୍ଥାନ ନେଇସାରିଛି । ଏଥିରୁ ଜଣାପଡୁଛି କି ଏହା ଏକ କାରବାରି ସମାଜରେ ପରିବର୍ତ୍ତନ ହୋଇସାରିଛି । ଆଜିଠାରୁ ୩୦-୩୫ ବର୍ଷ ପୂର୍ବେ ଏଠାରେ ଓ୍ୱେଷ୍ଟର୍ନ୍ ହାର୍‌ବର୍ ଠାରେ ଜଳଜାହାଜ ବନାଇବାର କେବଳ ଗୋଟିଏ କମ୍ପାନୀ ଥିଲା, ଯାହା ଏ ପରିବେଶକୁ ଖରାପ କରୁଥିଲା । କିନ୍ତୁ ଆଜି ଓ୍ୱେଷ୍ଟନ୍ ହାର୍‌ବର୍‌ର ଗଣନା ଦୁନିଆର ପ୍ରତିଷ୍ଠିତ ସହରଗୁଡିକ ମଧ୍ୟରୁ ହେଉଛି ଯାହା ଜଳଜାହାଜ ବନାଉଥିବା କମ୍ପାନୀ ଅପେକ୍ଷା କାହିଁ କେତେ ଅଧିକ ଲୋକମାନଙ୍କୁ ଚାକିରି ଓ ରୋଜଗାରର ସୁଯୋଗ ଦେଇଛି । ଏବେ ଏଠାରେ ୨୦୦ ରୁ ଅଧିକା ବିଭିନ୍ନ ପ୍ରକାରର କମ୍ପାନୀ ପ୍ରତିଷ୍ଠା ହୋଇସାରିଛି । ପୁଣି ଏଠିକାର ଅଧିବାସୀମାନଙ୍କର ଜନଗଣନା ଅନୁସାରେ ମଧ୍ୟ ବହୁତ ପରିବର୍ତ୍ତନ ଆସିଛି । ବିଗତ ଦଶକରେ ମାଲ୍‌ମୋ ସହରରେ ୯୬ ପ୍ରତିଶତ ଲୋକେ ସ୍ଥାନୀୟ ଅଧିବାସୀ ଥିଲେ ଏବଂ ବାକି ଯେଉଁମାନେ ଥିଲେ ସେଥିମଧ୍ୟରୁ ଅଧାଧିକଙ୍କ ସମ୍ପର୍କ ସ୍କାଣ୍ଡିନିଭିଆନ୍ ଦେଶ ସହିତ ଥିଲା । ଅର୍ଥାତ୍ ମାଲ୍‌ମୋରେ ପାଖାପାଖି ଗୋଟିଏ ହିଁ ଜାତିର ଲୋକେ ବସବାସ କରୁଥିଲେ । ଯେବେ କି ଆଜି ଏହି ସହରରେ ବିଭିନ୍ନ ସଂସ୍କୃତି ଓ ବିଭିନ୍ନ ଧର୍ମ ସହିତ ସମ୍ପର୍କ ରଖିଥିବା ଲୋକମାନେ ରହୁଛନ୍ତି । ଆଜି ଏହି ସହରର ଅଧିବାସୀମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ଏପରି ଅଛନ୍ତି ଯେଉଁମାନେ ମାଲ୍‌ମୋର ବାହାରେ ଜନ୍ମ ହୋଇଛନ୍ତି । ଜନଗଣନାକାରୀଙ୍କ ମୁତାବକ ସେଥିମଧ୍ୟରୁ ଚାଳିଶି ପ୍ରତିଶତ ଏପରି ଅଛନ୍ତି ଯେଉଁମାନଙ୍କର ସମ୍ବନ୍ଧ ବାହାର ଦେଶଗୁଡିକ ସହିତ ରହିଛି । ମାଲ୍‌ମୋରେ ବର୍ତ୍ତମାନ ୧୯ ବର୍ଷରୁ କମ୍ ବୟସର ପିଲାମାନଙ୍କ ମଧ୍ୟରୁ ପଚାଶ ପ୍ରତିଶତରୁ ଅଧିକ ସ୍ୱିଡିଶ୍ ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟ ଜାଣିଛନ୍ତି ଓ ସେମାନଙ୍କର ମା' ବାପାଙ୍କ ମଧ୍ୟରୁ ଜଣେ ସ୍ୱିଡିଶ୍ ନୁହଁନ୍ତି । ସୁତରାଂ ମାଲ୍‌ମୋରେ ୧୭୯ଟି ଜାତି ସହିତ ସମ୍ପର୍କ ରଖିଥିବା ଲୋକେ ବସବାସ କରୁଛନ୍ତି । ସେଥିରେ ବଡ଼ ବଡ଼ କମ୍ୟୁନିଟି ମଧ୍ୟ ସାମିଲ୍ ଅଛନ୍ତି ଓ ଛୋଟ କମ୍ୟୁନିଟିର ଲୋକ ମଧ୍ୟ ଅଛନ୍ତି ଓ ସେମାନଙ୍କର ଭାଷା ବାକି ଦୁନିଆର ପ୍ରତିନିଧିତ୍ୱ କରୁଅଛି । ସୁତରାଂ ଗୋଟିଏ ସହର ଯିଏ ନିଜ ଭିତରେ ଏହିଭଳି ପରିବର୍ତ୍ତନ ଦେଖିସାରିଛି ସେଥିରେ କିଛି ସମସ୍ୟା ମଧ୍ୟ ରହିଛି । ନିଶ୍ଚିତ ରୂପେ ଆମ ସମସ୍ତଙ୍କୁ ମାଲ୍‌ମୋର ପରିବେଶ, ଏହାର ସାମାଜିକ ପରିସ୍ଥିତି ଓ ଅନ୍ୟାନ୍ୟ ବିଭାଗ ଗୁଡିକୁ ସୁଦୃଢ଼ କରିବା ପାଇଁ କଠିନ ପରିଶ୍ରମ କରିବାକୁ ହେବ ଓ ସବୁଠାରୁ ବଳି ସମାଜର ସୁଦୃଢ଼ତା ଓ ଅନ୍ୟମାନଙ୍କ ସହିତ ବିଶେଷ ବ୍ୟବହାରର ରୋକ୍‌ଥାମ୍ କରିବା ଜରୁରୀ ଅଟେ । ମନର ଶାନ୍ତି ଓ ଏହି ସହର ଓ ଏହି ସମାଜର ଶାନ୍ତି ନିମନ୍ତେ ଆମକୁ ନ୍ୟାୟର ଓ୍ୱସୁଲ୍ ଉପରେ କାଏମ୍ ରହି ମାନବିକ ଅଧିକାରର ସୁରକ୍ଷା କରିବାକୁ ହେବ ।

ପୁଣି ସେ କହିଲେ ମୁଁ ହଜରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍ ଇମାମ୍ ଜମାତ୍ ଅହେମଦୀୟାଙ୍କ ଶାନ୍ତି ସ୍ଥାପନା ନିମନ୍ତେ ଯେଉଁ ଚେଷ୍ଟା ଓ ତାଙ୍କର ସାରା ସଂସାରରେ ଏଥିନିମନ୍ତେ କରୁଥିବା ଯାତ୍ରା ବିଷୟରେ ଜାଣିଛି । ସେଥିଯୋଗୁ ମୁଁ ତାଙ୍କୁ ଧନ୍ୟବାଦ ଜଣାଉଛି । ଆପଣ ଏହି ମିଶନ୍ ପାଇଁ ଯେଉଁପ୍ରକାରର ଉତ୍ସାହ ପ୍ରକାଶିତ କରିଛନ୍ତି ସେଥିରେ ମୁଁ ବହୁତ ପ୍ରଭାବିତ ହୋଇଛି । ମୁଁ ଏକଥା ମଧ୍ୟ ଜାଣିବାକୁ ପାଇଲି କି ଇମାମ୍ ଜମାତ୍ ଅହେମଦୀୟା ହଜରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍‌ଙ୍କ ଏହି ମସ୍ଜିଦ୍‌ର ଉଦ୍‌ଘାଟନୀ ଉତ୍ସବର ଐତିହାସିକ ଅବସରରେ ଏଠାରେ ଉପସ୍ଥିତ ହେବା କେତେ ଗୁରୁତ୍ୱପୂର୍ଣ୍ଣ ଅଟେ । ସେଥିପାଇଁ ମୁଁ ଖଲିଫାଙ୍କୁ ବହୁତ କୃତଜ୍ଞତା ଜ୍ଞାପନ କରୁଛି ।

ଏହାପରେ Lund University ର ଜଣେ ପ୍ରଫେସର୍ Mr. Jonas Otterbeck ନିଜର ଅଭିଭାଷଣରେ କହିଲେ:- ବହୁତ ବହୁତ ଧନ୍ୟବାଦ । ମୋତେ ବହୁତ ଖୁସି ଅନୁଭବ ହେଉଛି କି ମୁଁ ଏଠାରେ ଉପସ୍ଥିତ ଅଛି ଏବଂ ମୋତେ ପୁଣିଥରେ ଖଲିଫାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ମୌକା ମିଳୁଅଛି, ଯାହାଙ୍କ ସହିତ ମୁଁ କିଛି ବର୍ଷ ପୂର୍ବେ ଲଣ୍ଡନ୍‌ରେ ମଧ୍ୟ ମିଳିସାରିଛି । ମୁଁ ଗୋଟିଏ ମାନବିକ ଅଧିକାର ରିପୋର୍ଟରେ ଭାଗ ନେଇଥିଲି ଯାହା ପାକିସ୍ତାନ୍‌ରେ ଜମାତ୍ ଅହେମଦୀୟାର ବିରୋଧ ସମ୍ବନ୍ଧରେ ଥିଲା । ଏହାର ନାମ "A Beleaguered Community on the rising persecution of the Ahmediyya Muslim Community" ରଖାଯାଇଥିଲା । ଯେବେ ମୁଁ ପାକିସ୍ତାନ୍‌ର ରବ୍‌ୱା ଗଲି ତେବେ ସେଠାରେ ମୋତେ ଯେଉଁ କଥା ସବୁଠାରୁ ଅଧିକ ଦୃଷ୍ଟିଗୋଚର ହେଲା ତାହା ହେଉଛି ସେହି ସହରର ଘେରାବନ୍ଦି ଥିଲା । ମୋ ମତରେ ଏହି ଘେରାବନ୍ଦି ଗୋଟିଏ ବାହ୍ୟ ଘେରାବନ୍ଦି ନଥିଲା ବରଂ ଗୋଟିଏ ମାନସିକ ଘେରାବନ୍ଦି ମଧ୍ୟ ଥିଲା । କଂଟକିତ ତାର ଓ ସିକ୍ୟୁରିଟି ଗାର୍ଡ଼ଙ୍କ ସହିତ କରାଯାଇଥିବା ସେହି ଘେରାବନ୍ଦି ଉକ୍ତ ପ୍ରଭାବଶାଳୀ ମୁଲା ମାନଙ୍କର ସମ୍ଭବତଃ ଅତ୍ୟାଚାରରୁ ବଂଚିବା ପାଇଁ କରାଯାଇଥିଲା । ଯେଉଁମାନେ ଏହି ସହରର ଚାରିପଟେ ଘୁରିବୁଲୁଛନ୍ତି ଓ ଅହେମଦୀ ମାନଙ୍କ ବିରୋଧରେ ଘୃଣ୍ୟ ପ୍ରପୋଗଣ୍ଡା କରୁଛନ୍ତି । ଏତଦ୍‌ବ୍ୟତୀତ ଏହା ଏକ କାନୁନି ଘେରାବନ୍ଦି ମଧ୍ୟ ଥିଲା, ଯାହା ମାଧ୍ୟମରେ ପ୍ରତ୍ୟହ ଅହେମଦୀମାନଙ୍କୁ ହଇରାଣ ହରକତ କରାଯାଉଛି ଏବଂ ସରକାର, କାନୁନ କାର୍ଯ୍ୟାଳୟ, ପୋଲିସ୍, ମିଡ଼ିଆ ଏବଂ ରାଜନିତିଆ ଲୋକେ, ଯେଉଁମାନେ ଅଳ୍ପସଂଖ୍ୟକ ମାନଙ୍କୁ ସୁରକ୍ଷା ଦେବା ଉଚିତ୍ ସେହି ଲୋକମାନେ ଅତ୍ୟାଚାର କରୁଥିଲେ । ଅହେମଦୀ ମାନଙ୍କ ବିରୋଧରେ ଖତ୍‌ମେ ନବୁୱତ୍‌ର କଠୋରପନ୍ଥୀ ତହ୍‌ରିକ୍ କେବଳ ପାକିସ୍ତାନ୍‌ରେ ହିଁ ନୁହେଁ ବରଂ ଦକ୍ଷିଣ ଏସିୟା, ମଧ୍ୟପ୍ରାଚ୍ୟ ଓ ବ୍ରିଟେନ୍ ପରି ଦେଶ ଗୁଡିକରେ ମଧ୍ୟ ଜମାତ୍ ବିରୋଧରେ କାର୍ଯ୍ୟରତ ଓ ଏହି ଦେଶଗୁଡିକରେ ସେମାନେ ଅହେମଦୀମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ପଛରେ ରହି ସାହାଯ୍ୟ କରୁଛନ୍ତି । ତେଣୁ ଆଜି ମୁଁ ଏହା କହିବାକୁ ଚାହିଁବି କି ଜମାତ୍ ଅହେମଦୀୟା ସର୍ବଦା ଚରମପନ୍ଥୀ, କଠୋରପନ୍ଥୀ ଓ ଏହା ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ତ ପ୍ରକାର କୁକାର୍ଯ୍ୟକୁ ମୁକାବିଲା କରିଛି । ଯଦିଚ ତାହାର ସମ୍ପର୍କ ୟୁରୋପ୍‌ର ଅତ୍ୟନ୍ତ ଚରମପନ୍ଥୀ ସଂଗଠନ ସହିତ ସମ୍ପର୍କ ରଖିଥିବା ଲୋକମାନଙ୍କ ସହିତ ହେଉ ବା ସେହି ଚରମପନ୍ଥୀମାନଙ୍କ ସହିତ ହେଉ, ଯେଉଁମାନେ ୟୁରୋପ୍‌ର ଯୁବପିଢ଼ୀମାନଙ୍କୁ ଇସ୍‌ଲାମ୍ ନାମରେ ଫୁସୁଲାଇ ତାଙ୍କ ଜରିଆରେ ଘୃଣ୍ୟ କାର୍ଯ୍ୟ କରାଉଛନ୍ତି । ତେଣୁ ଏହା ଅତ୍ୟନ୍ତ ଜରୁରୀ କଥା ଅଟେ କି ଆମେ ୟୁରୋପରେ ଓ ଦୁନିଆର ଅନ୍ୟ ଭାଗରେ ପ୍ରତ୍ୟେକ ସ୍ତରରେ ସେଥିରେ ସ୍କୁଲ୍, ସମାଜ, କାନୁନ୍ ଓ ରାଜନିତୀ କ୍ଷେତ୍ରରେ ଚରମପନ୍ଥୀମାନଙ୍କର ମୁକାବିଲା କରିବା ଓ ଏପରି ଏକ ସମାଜ ପାଇଁ କାର୍ଯ୍ୟ କରିବା ଯିଏ ନିଜ ଭିତରେ ପ୍ରତ୍ୟେକ ପ୍ରକାରର ଲୋକଙ୍କୁ କୋଳେଇ ଧରିପାରିବ ଓ ସେହି ଲୋକମାନଙ୍କ ବିରୋଧରେ କାମ କରିବା, ଯିଏ ଦେଶଗୁଡିକର ସୀମାକୁ ବନ୍ଦ କରିବାକୁ ଚାହୁଁଛନ୍ତି ଓ ଫିତ୍‌ନା ଓ ଘୃଣା ପ୍ରସାର କରିବାକୁ ଚାହୁଁଛନ୍ତି । ସୁତରାଂ ଜମାତ୍ ଅହେମଦୀୟାର ବାର୍ତ୍ତା ହେଉଛି 'ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ' ଅର୍ଥାତ୍ ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ' ଏହା ଏକ ଗଣତନ୍ତ୍ରର ବାର୍ତ୍ତା ଅଟେ, ଶିକ୍ଷା ପ୍ରସାର କରିବାର ବାର୍ତ୍ତା ଅଟେ, ନ୍ୟାୟ ପ୍ରତିଷ୍ଠା କରିବାର ବାର୍ତ୍ତା ଅଟେ ଓ ଧର୍ମ ଇତ୍ୟାଦି ଅର୍ଥାତ୍ ଧର୍ମୀୟ ସ୍ୱାଧୀନତାକୁ ପ୍ରସାର କରିବାର ବାର୍ତ୍ତା ଅଟେ । ପରିଶେଷରେ ମୁଁ ଆପଣଙ୍କ ଧନ୍ୟବାଦ ଜଣାଉଛି ।

ଅତିଥିମାନଙ୍କ ଅଭିଭାଷଣ ପରେ ୧୧:୪୦ରେ ହଜୁର୍ ଅନୁୱର୍ ଅ:ବ:ଅ ଉପସ୍ଥିତ ଶ୍ରୋତାଗଣଙ୍କ ନିମନ୍ତେ ଇଂରାଜୀ ଭାଷାରେ ଅଭିଭାଷଣ ପ୍ରଦାନ କଲେ ।

**ହଜୁର୍ ଅନୁୱର୍ ଅ:ବ:ଅଙ୍କ ଅଭିଭାଷଣ**

ତଉଜ ଏବଂ ତସ୍‌ମିଆ ପରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ସମସ୍ତ ଉପସ୍ଥିତ ସମ୍ମାନୀୟ ଅତିଥିବୃନ୍ଦ ! ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହେମତୁଲାହି ଓ୍ୱ ବରକାତୁହୁ ଆପଣ ସମସ୍ତଙ୍କ

ଉପରେ ଅଲ୍ଲାଃଙ୍କ ଶାନ୍ତି, କରୁଣା ଓ ବର୍‌କତ୍ ଅବତୀର୍ଣ୍ଣ ହେଉ । ସର୍ବପ୍ରଥମେ ଏ ଅବସରରେ ମୁଁ ସହୃଦୟତାରୁ ସମସ୍ତ ଅତିଥିବୃନ୍ଦମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି, ଯେଉଁମାନେ ମାଲ୍‌ମୋଠାରେ ଆମ ନୂଆ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ନିମନ୍ତେ ନିମନ୍ତ୍ରଣ ଗ୍ରହଣ କରିଛନ୍ତି । ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କର ଜମାତ୍ ଅହେମଦୀୟା ସହିତ ସମ୍ପର୍କ ନାହିଁ । ତେଣୁ ଗୋଟିଏ ଇସ୍‌ଲାମୀୟ ଉତ୍ସବରେ ଆପଣମାନଙ୍କର ଯୋଗଦେବା ଏହା ପ୍ରମାଣିତ କରୁଛି କି ଆପଣମାନଙ୍କର ହୃଦୟ ବହୁତ ଖୋଲା ଓ ଆପଣମାନଙ୍କ ନିକଟରେ ସହିଷ୍ଣୁତା ଓ ଭାଇଚାରା ଭରି ରହିଛି । ସୁତରାଂ ଆପଣମାନେ ହେଉଛନ୍ତି ବିଶେଷ ରୂପେ ଆମ ଧନ୍ୟବାଦର ଅଧିକାରୀ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୋର ଏ ବିଶ୍ୱାସ ଅଛି କି ଆପଣମାନେ ଯେଉଁମାନେ ବର୍ତମାନ ଏଠାରେ ଉପସ୍ଥିତ ଅଛନ୍ତି ସେମାନଙ୍କ ମଧ୍ୟରୁ କିଛି ଏପରି ମଧ ଥିବେ ଯେଉଁମାନଙ୍କ ମନରେ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ପ୍ରସଙ୍ଗରେ କିଛି ଶଙ୍କା ରଖୁଥିବେ । ବିଶେଷ କରି ସେହି ଲୋକମାନେ ଯେଉଁମାନଙ୍କର ମୁସଲ୍‌ମାନ୍‌ମାନଙ୍କ ସହିତ ବହୁତ କମ୍ ବା ବିଲ୍‌କୁଲ୍ କୌଣସି ସମ୍ପର୍କ ନାହିଁ । ସେମାନେ ଏହା ମଧ ଭାବୁଥିବେ କି ୟୁରୋପ୍‌ରେ ବା ଉନ୍ନତଶୀଳ ରାଷ୍ଟ୍ରମାନଙ୍କରେ ମସ୍‌ଜିଦ୍ ତିଆରି ହେବା ଉଚିତ୍ ନୁହେଁ । ସେମାନେ ବୋଧହୁଏ ମସ୍‌ଜିଦ୍‌କୁ ନିଜ ଜାତି ପାଇଁ ଅନୁନ୍ନତ ଓ ଶତ୍ରୁତାରେ ବୃଦ୍ଧି କରିବାର କାରଣ ଭାବୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବହୁତ ଦୁଃଖର ସହିତ କହିବାକୁ ପଡୁଛି କି ବୋଧହୁଏ ଏପରି ଲୋକମାନଙ୍କର ଶଙ୍କା କିଛିକାଂଶରେ ଠିକ୍ ମଧ ଥିବ କାରଣ କିଛି ତଥାକଥିତ ମୁସଲ୍‌ମାନ୍‌ମାନେ ମସ୍‌ଜିଦ୍ ଗୁଡିକୁ ନିଜର ଘୃଣ୍ୟ କର୍ମର ଲକ୍ଷ୍ୟକୁ ହାସଲ କରିବା ପାଇଁ ବ୍ୟବହାର କରୁଛନ୍ତି । ଏହିପରି ଲୋକେ ଚରମପନ୍ଥୀ ଓ କଠୋରପନ୍ଥୀ କାର୍ଯ୍ୟକଳାପକୁ ବଢ଼ାଉଛନ୍ତି । ତେଣୁ ସର୍ବପ୍ରଥମେ ମୁଁ ମୋର ସମସ୍ତ ଅତିଥିଗଣକୁ ଓ ଏହି ସହରର ଅଧିବାସୀମାନଙ୍କୁ ଏ କଥା ନିଶ୍ଚିତ କରାଇଦେବାକୁ ଚାହିଁବି କି ଏହି ମସ୍‌ଜିଦ୍‌କୁ ଭୟ କରିବାର କୌଣସି ଆବଶ୍ୟକ ନାହିଁ । ବାସ୍ତବିକ ମୁସଲ୍‌ମାନ୍ ଓ ପ୍ରକୃତ ମସ୍‌ଜିଦ୍ ସମାଜରେ ଘୃଣା ଓ କପଟତା ପ୍ରସାର କରିବା ପରିବର୍ତେ କେବଳ ଓ କେବଳ ପ୍ରେମ, ସ୍ନେହ, ଭାଇଚାରା ହିଁ ପ୍ରସାର କରିଥାଏ । ପ୍ରକୃତ କଥା ହେଉଛି ଯଦି କେହି ବାସ୍ତବିକ ମୁସଲ୍‌ମାନ୍ ସହିତ ମିଶେ ତେବେ ତାଠାରୁ କେବଳ ଶାନ୍ତି ହିଁ ମିଳିବା ଉଚିତ୍ । ସେହିପରି ଯେବେ କେହି ମସ୍‌ଜିଦ୍‌ରେ ପ୍ରବେଶ କରେ ତେବେ ତାକୁ ଶାନ୍ତି ମିଳିବା ଉଚିତ୍ । ଯଦି ଏହାର ବିପରୀତ ହୋଇଥିବ ତେବେ ତାହାର ଅର୍ଥ ହେଉଛି ସେହି ମସ୍‌ଜିଦ୍‌କୁ ଆବାଦ କରୁଥିବା ଲୋକେ ପ୍ରକୃତ ମୁସଲ୍‌ମାନ୍ ନୁହଁନ୍ତି ଓ ସେମାନେ ବାସ୍ତବିକ ଇସ୍‌ଲାମୀୟ ଶିକ୍ଷାର ଜ୍ଞାନ ରଖିନାହାଁନ୍ତି ବା ଏହାର ଅର୍ଥ ଏପରି ହେବ କି ସେହି ମସ୍‌ଜିଦ୍ ପୁଣ୍ୟ ଇଛା ଓ ସଦିଚ୍ଛାର ସହିତ ନିର୍ମାଣ କରାଯାଇନାହିଁ ବା ନିଜର ପ୍ରକୃତ ଉଦ୍ଦେଶ୍ୟକୁ ପୁରଣ କରିବା ପାଇଁ ବନାଯାଇନାହିଁ । ଏହିପରି ମସ୍‌ଜିଦ୍ ଯେଉଁଠି କୁକର୍ମକୁ ପ୍ରସାର କରିଥାଏ, ସେହି ମସ୍‌ଜିଦ୍‌ର ଇସ୍‌ଲାମ୍‌ରେ କୌଣସି ସ୍ଥାନ ନାହିଁ । ପବିତ୍ର କୋରାନ୍‌ର ଗୋଟିଏ ଘଟଣାର ଚର୍ଚ୍ଚା ମିଳୁଛି, ଯେବେ ରସୁଲେ କରିମ୍ ସ:ଆ:ସ ଗୋଟିଏ ମସ୍‌ଜିଦ୍‌କୁ ଭାଙ୍ଗି ଦେବା ପାଇଁ ହୁକୁମ୍ ଦେଇଥିଲେ । କାରଣ ସେହି ମସ୍‌ଜିଦ୍ ଗୋଟିଏ ଶାନ୍ତି ସ୍ଥାନ ରୂପେ ନିର୍ମାଣ ହୋଇନଥିଲା ବରଂ ଫିତ୍‌ନା ଓ ଫସାଦ୍ ପ୍ରସାର କରିବା ପାଇଁ ନିର୍ମାଣ କରାଯାଇଥିଲା । ସେହି ମସ୍‌ଜିଦ୍‌କୁ ମୁନାଫିକ୍‌ମାନେ ନିର୍ମାଣ କରିଥିଲେ, ଯେଉଁମାନେ ସେହି ଇଲାକାରେ ଓ ସେହି ସମାଜରେ ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ଓ ମୁସଲମାନ୍ ଓ ଅଣମୁସଲ୍‌ମାନ୍‌ଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବା ପାଇଁ ଚାହୁଁଥିଲେ । ତେଣୁ ପବିତ୍ର କୋରାନ୍ ସେ ବିଷୟରେ ବହୁତ ସ୍ୱଷ୍ଟର ସହିତ କହୁଛି କି ଏହିପରି ମସ୍‌ଜିଦ୍ ଯେ ଏପରି ଖରାପ୍ ଧାରଣା ନେଇ ନିର୍ମାଣ ହୋଇଥିବ ତାକୁ ଭାଙ୍ଗି ଦିଆଯାଉ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପୁଣି ଆହୁରି ଏହା କି ଆମେ ଅହେମଦୀ ମୁସଲ୍‌ମାନ୍ ମାନେ ଏ ବିଶ୍ୱାସ ରଖିଛୁ କି ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ଅଫ୍ କାଦିଆନୀ ଆ:ସ ପବିତ୍ର କୋରାନ୍ ଓ ରସୁଲେ କରିମ୍ ସ:ଆ:ସଙ୍କ ପେଶ୍‌ଗୋଇ ମୁତାବକ ଅଲ୍ଲାଃଙ୍କ ତରଫରୁ ପ୍ରେରଣ କରାଯାଇଥିଲେ । ଆମେ ତାଙ୍କୁ ଏ ଯୁଗର ସଂସ୍କାରକ ରୂପେ ମାନୁଛୁ, ଯାହାଙ୍କୁ ନିଜେ ରସୁଲେ କରିମ୍ ସ:ଆ:ସ ଶେଷ ଯୁଗର ମସିହ୍ ଓ ମେହ୍‌ଦୀ ଅର୍ଥାତ୍ ହିଦାୟତ୍ ଯାଫ୍‌ତା ବୋଲି କହିଛନ୍ତି । ଆମର ଏ ବିଶ୍ୱାସ ଅଛି କି ଆପଣ ଆ:ସଙ୍କୁ ଦୁଇଗୋଟି ଉଦ୍ଦେଶ୍ୟ ନିମନ୍ତେ ପ୍ରେରଣ କରାଯାଇଥିଲା । ଗୋଟିଏ ହେଉଛି ଏ ମାନବଜାତିକୁ ଇଶ୍ୱରଙ୍କ ଉପାସନା ନିମନ୍ତେ ଏକତ୍ରିତ କରାଯାଉ ଓ ଦ୍ୱିତୀୟଟି ହେଉଛି ମାନବଜାତିକୁ ଜଣେ ଅନ୍ୟଜଣକର ଅଧିକାର ପ୍ରଦାନ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଉ । ଆପଣ ଆ:ସଙ୍କୁ ସାରା ଦୁନିଆ ପାଇଁ ଏକ ଶାନ୍ତିର ମାଧ୍ୟମ ରୂପେ ପ୍ରେରଣ କରାଯାଇଥିଲା । ସେଥିପାଇଁ ଆପଣ ଆ:ସଙ୍କ ଅନୁଗାମୀ ମାନେ ମଧ ଏପରି ଲୋକ ଅଟନ୍ତି, ଯେଉଁମାନେ ଏ ସମାଜରେ ପ୍ରେମ ଓ ସ୍ନେହର ମାର୍ଗକୁ ଉନ୍ନତ କରିବା ପାଇଁ ଚେଷ୍ଟା କରୁଛନ୍ତି । ଜମାତ୍ ଅହେମଦୀୟାର ୧୨୭ ବର୍ଷ ଇତିହାସ ଏକଥାର ସାକ୍ଷୀ ଅଛି କି ଆମେ ସର୍ବଦା ଏକଥାର ତବ୍‌ଲିଗ୍ କରିଥାଉ ଯାହା ଉପରେ ଆମେ ନିଜେ ପରିଚାଳିତ ହୋଇଥାଉ । ଆମର କୌଣସି ସାଂସାରିକ ବା ରାଜନୈତିକ ଉଦ୍ଦେଶ୍ୟ ନାହିଁ ବରଂ ଆମର ବାର୍ତା ଶାନ୍ତି, ପ୍ରେମ ଓ ସହିଷ୍ଣୁତାର ବାର୍ତା ଅଟେ । ଆମର ଉଦ୍ଦେଶ୍ୟ ଗୁଡିକ ସମ୍ପୂର୍ଣ୍ଣ ରୂପେ ଆଧ୍ୟାତ୍ମିକ ଉଦ୍ଦେଶ୍ୟକୁ ଲାଭ କରିବା ଅଟେ । ଆମେ ତ ଇଶ୍ୱରଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ଚାହୁଁଅଛୁ ଓ ମାନବଜାତିର ଦୁଃଖ ଓ ଦରଦକୁ ନିଃଶେଷ କରିବା ପାଇଁ ଚାହୁଁଅଛୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆଜିକାଲି ଇସ୍‌ଲାମ୍ ବିରୋଧରେ ବହୁତ କିଛି କୁହାଯାଉଛି ଓ ଲେଖାଯାଉଛି ଓ ଇସ୍‌ଲାମ୍‌କୁ ଗୋଟିଏ ଚରମପନ୍ଥୀ ଓ କଠୋରପନ୍ଥୀ ଧର୍ମ ରୂପେ ଅଭିହିତ କରାଯାଇଛି । ଯଦିଚ ଆମେ ଇସ୍‌ଲାମ୍‌ର ଏହି ସ୍ୱରୂପକୁ କଦାପି ଠିକ୍ ଭାବୁନାହିଁ । କିନ୍ତୁ ଏହା ମଧ ଗୋଟିଏ ବାସ୍ତବିକତା ଅଟେ କି କିଛି ତଥାକଥିତ ମୁସଲ୍‌ମାନ୍‌ମାନଙ୍କର ଘୃଣ୍ୟ କାର୍ଯ୍ୟ ଇସ୍‌ଲାମୀ ବିରୋଧି ଲୋକମାନଙ୍କୁ ଇସ୍‌ଲାମ୍ ଉପରେ ଏହି ପ୍ରକାରର ଭୁଲ୍ ଆରୋପ ଲଗାଇବାର ଲାଇସେନ୍‌ସ ଜାରି କରିଦେଇଛି । ସେ ଯାହା ହେଉନା କାହିଁକି ଜଣେ ଅହେମଦୀ ମୁସଲ୍‌ମାନ୍ ହୋଇଥିବା ଯୋଗୁ ଯେବେ ମୁଁ ବର୍ତମାନର ପାରିପାର୍ଶ୍ୱିକ ପରିସ୍ଥିତିର ଅନୁଧ୍ୟାନ କରୁଛି ସେତେବେଳେ ମୁଁ ନିରାଶର ଶିକାର ହେଉନାହିଁ ବରଂ ଏହି ସବୁ ଅବସ୍ଥା ଇସ୍‌ଲାମ୍‌ର ସତ୍ୟତା ଯୋଗୁ ମୋ ବିଶ୍ୱାସକୁ ଆହୁରି ସୁଦୃଢ଼ କରୁଛି । କାରଣ ୧୪୦୦ ବର୍ଷ ପୂର୍ବେ ଇସ୍‌ଲାମ୍‌ର ପ୍ରତିଷ୍ଠାତା ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ କି ସମୟ ବିତିବା ସହିତ ଇସ୍‌ଲାମୀୟ ଶିକ୍ଷା ମଧ ବିଗିଡ଼ିଯିବ ଓ ଏହାର ଅସଲ ଶିକ୍ଷାକୁ ଲୋକେ ଭୁଲାଇଦେବେ । ଆପଣ ସ:ଆ:ସ ଏହା ମଧ ବତାଇଥିଲେ କି ସେହି ଆଧ୍ୟାତ୍ମିକ ଅନ୍ଧକାର ଯୁଗରେ ଅଲ୍ଲାଃତାଲା ବାସ୍ତବିକ ଇସ୍‌ଲାମୀୟ ଶିକ୍ଷାକୁ ପୁନର୍ବାର ଜୀବିତ କରିବା ନିମନ୍ତେ ମସିହ୍ ମଉଦ୍‌କୁ ପ୍ରେରଣ କରିବେ, ଯେପରିକି ମୁଁ ପୂର୍ବରୁ ବର୍ଣ୍ଣନା କରିସାରିଛି କି ଆମେ ଆମ ଜମାତ୍‌ର ପ୍ରତିଷ୍ଠାତାଙ୍କୁ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ରୂପେ ମାନୁଅଛୁ । ଆପଣ ଆ:ସ ଆଧ୍ୟାତ୍ମିକ ଦୀପ ଜରିଆରେ ଇସ୍‌ଲାମ୍‌ର ମହାନ୍ ଏବଂ ଏବଂ ସବୁବେଳ ପାଇଁ ଉଦ୍ଦିଷ୍ଟ ଥିବା ଶିକ୍ଷାକୁ ଏକ ସ୍ଥାୟୀ ପ୍ରକାଶମାନ ଜ୍ୟୋତି ଦ୍ୱାର ପ୍ରଜ୍ୱଳିତ କରିଦେଲେ । ଆପଣ ଆ:ସ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାର ଆଲୋକରେ ମସ୍‌ଜିଦ୍‌ର ଅସଲ ଉଦ୍ଦେଶ୍ୟ ବର୍ଣ୍ଣନା କରିଦେଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତେଣୁ ଜମାତ୍ ଅହେମଦୀୟା ମୁସ୍‌ଲିମା ଯେଉଁଠାରେ ଓ ଯେବେମଧ ମସ୍‌ଜିଦ୍ ନିର୍ମାଣ କରିଥାଏ ତାହା ଏକ ଶାନ୍ତିର ଘର ହୋଇଥାଏ । ଯେଉଁଠାରେ ପବିତ୍ର କୋରାନ୍‌ର ଉଚ୍ଚତମ ଶିକ୍ଷାର ଆଲୋକରେ ଲୋକମାନେ ଅଲ୍ଲାଃତାଲାଙ୍କ ଉପାସନା ନିମନ୍ତେ ଏକତ୍ରିତ ହୋଇଥାନ୍ତି । ତେଣୁ ଏହା ସ୍ୱଷ୍ଟ କରିଦିଆଯାଉଛି କି ଆମ ମସ୍‌ଜିଦ୍‌ର ଦ୍ୱାରା ସେହି ସମସ୍ତ ଶାନ୍ତିପ୍ରିୟ ଲୋକମାନଙ୍କ ପାଇଁ ଉନ୍ମୁକ୍ତ ରହିଛି, ଯେଉଁମାନେ ଇଶ୍ୱରଙ୍କ ଉପାସନା କରିବାକୁ ଚାହୁଁଛନ୍ତି ଓ ଯେଉଁମାନେ ଶାନ୍ତି, ପ୍ରେମ ଓ ଏକତା ପରି ବାର୍ତାକୁ ପ୍ରସାର କରିବାକୁ ଚାହୁଁଛନ୍ତି । ଏବେ ଯେପରି କି ଏହି ମସ୍‌ଜିଦ୍ ନିର୍ମାଣ ହୋଇଛି ଯାହାର ନାମ ''ମସ୍‌ଜିଦ୍ ମେହ୍‌ମୁଦ୍'' ଅର୍ଥାତ୍ ଏପରି ମସ୍‌ଜିଦ୍ ଯାହା ପ୍ରଶଂସାଯୋଗ୍ୟ ଅଟେ, ରଖାଯାଇଛି । ତେଣୁ ସ୍ଥାନୀୟ ଜମାତ୍‌ର ଏହା ପ୍ରାଥମିକ କର୍ତବ୍ୟ କି ସେମାନଙ୍କ ଜୀବନର ପ୍ରତ୍ୟେକ ପାର୍ଶ୍ୱ ଇସ୍‌ଲାମ୍‌ର ବାସ୍ତବିକ ଓ ଶାନ୍ତିପ୍ରିୟ ଶିକ୍ଷାକୁ ପ୍ରତିଫଳନ କରୁ । ଯେଉଁଠି ସେମାନେ ଗୋଟିଏ ପଟେ ଏହି ମସ୍‌ଜିଦ୍‌ରେ ପ୍ରତ୍ୟହ ଇଶ୍ୱରଙ୍କ ଉପାସନା ପାଇଁ ପ୍ରବେଶ କରୁଥିବେ ସେଠାରେ ସେମାନେ ଏହି ମସ୍‌ଜିଦ୍‌ରେ ଏହି ଆନ୍ତରିକ ଇଚ୍ଛା ଓ ଅଙ୍ଗୀକାରକୁ ନେଇ ମଧ ପ୍ରବେଶ କରୁଥିବେ କି ସେମାନେ ଏହି ସମାଜର ସେବା କରିବେ, ଯେଉଁଠି ସେମାନେ ରହୁଛନ୍ତି । ସେମାନଙ୍କ କାର୍ଯ୍ୟକଳାପ ଦ୍ୱାରା ସେମାନଙ୍କ ପଡୋଶୀ ଓ ବ୍ୟାପକତର ସମାଜ ନିମନ୍ତେ ଶାନ୍ତି, ସହାନୁଭୁତି ଓ ଉତମ କାର୍ଯ୍ୟର ପରିପ୍ରକାଶ ହେବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହା ବହୁତ ସ୍ୱଷ୍ଟ ଅଟେ କି ଇସ୍‌ଲାମ୍ ହେଉଛି ଶାନ୍ତିର ଧର୍ମ । ତେଣୁ ପବିତ୍ର କୋରାନ୍ ସୁରା ୟୁନୁସ୍‌ର ଆୟତ ନଂ-୨୬ ରେ ଅଲ୍ଲାଃତାଲା କହୁଛନ୍ତି କି ''ଅଲ୍ଲାଃ (ତୁମକୁ) ଶାନ୍ତିର ଘର ଆଡକୁ ଡାକୁଛି'' । ଆରବୀ ଭାଷାରେ ଶାନ୍ତିପାଇଁ ସଲାମ୍ ଶବ୍ଦଟି ବ୍ୟବହାର ହେଇଥାଏ । ଏହି ଗୋଟିଏ ଶବ୍ଦର ଅନେକ ଅର୍ଥ ରହିଛି । ଏହାର ଅର୍ଥ ହେଉଛି ସୁରକ୍ଷା ଓ ଶାନ୍ତିର ମଧ । ଏହାର ଅର୍ଥ ହେଉଛି ପ୍ରତ୍ୟେକ ପ୍ରକାର କୁକର୍ମରୁ ବଂଚି ରହିବାର ମଧ । ଏହାର ଅର୍ଥ ହେଉଛି ଶାନ୍ତି ଓ ଆଜ୍ଞାନୁବର୍ତିତା ମଧ ଅଟେ । ବାସ୍ତବରେ 'ସଲାମ୍' ଖୁଦାତାଲାଙ୍କ ବିଶେଷ ଗୁଣକୁ ମଧ କୁହାଯାଏ ଅର୍ଥାତ୍ ଖୁଦାଙ୍କର ଅସ୍ତିତ୍ୱ ହେଉଛି ଶାନ୍ତିର ଝରଣା ଓ ମୁସଲ୍‌ମାନ୍ ମାନଙ୍କୁ ଖୁଦାତାଲାଙ୍କର ଗୁଣଗୁଡିକୁ ଆପଣେଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତେଣୁ ଯେବେ ଅଲ୍ଲାଃତାଲା ଶାନ୍ତି ଓ ଆନନ୍ଦର ଝରଣା ଅଟନ୍ତି ତେବେ ସେଠି ମୁସଲ୍‌ମାନ୍ ମାନଙ୍କର ଏ କର୍ତବ୍ୟ ହେଉଛି କି ସେମାନେ ନିଜ ସମାଜରେ ଶାନ୍ତି, ସୁରକ୍ଷା ଓ ସଲାମତି ପ୍ରସାର କରନ୍ତୁ । ପୁଣି ଏହା ଅଟେ କି ମସ୍‌ଜିଦ୍‌ର ମୂଳ ଉଦ୍ଦେଶ୍ୟ ହେଉଛି ମୁସଲ୍‌ମାନ୍ ମାନଙ୍କୁ ନମାଜ ପାଠ କରିବା ପାଇଁ ସ୍ଥାନ ଯୋଗାଇବା ଓ ଆରବୀ ଭାଷାରେ ନମାଜକୁ 'ସଲାତ୍' କୁହାଯାଏ, ଯାହାର ଅର୍ଥ ହେଉଛି ସ୍ନେହ, ପ୍ରେମ ଓ ସହାନୁଭୁତି ଅର୍ଥାତ୍ ସେହି ମୁସଲ୍‌ମାନ୍ ଯିଏ ନିଷ୍ଠାର ସହିତ ନମାଜ ପାଠ କରେ ସେ ଏପରି ଏକ ବ୍ୟକ୍ତି ହେବ ଯିଏ ଦୟାଳୁ, ଅନ୍ୟମାନଙ୍କ ଧ୍ୟାନ ରଖିବା ବାଲା ଓ ସହାନୁଭୁତି ଦେଖାଉଥିବ ଏବଂ ସେ ପ୍ରତ୍ୟେକ ପ୍ରକାରର କୁଚରିତ୍ର ଓ ଅଣ କାନୁନ୍ କାର୍ଯ୍ୟକଳାପ ଓ ପ୍ରତ୍ୟେକ ପ୍ରକାରର କୁକର୍ମରୁ ଦୂରେଇ ରହିବା ପାଇଁ ଚେଷ୍ଟା କରୁଥିବ । ଜଣେ ବାସ୍ତବିକ୍ ଉପାସକ ହେଉଛି ଯେ ଯାହାର ପାଦ ତକ୍‌ଓ୍ୱା (ସତ୍ୟନିଷ୍ଠା)ର ମାର୍ଗରୁ କଦାପି ଟଳମଳ ହେବନାହିଁ ଓ ଯିଏ ନିଜର ସମ୍ପୂର୍ଣ୍ଣ ଯୋଗ୍ୟତାର ସହିତ ସମାଜର ସେବା କରିଥାଏ । ସଂକ୍ଷେପରେ ଏହା କି ପ୍ରକୃତ ମୁସଲ୍‌ମାନ୍ ହେଉଛି ସେ ଯିଏ ନିଜ ପରିବେଶ ପାଇଁ ପ୍ରେମ ଓ ସହାନୁଭୁତିକୁ ପରିପ୍ରକାଶ କରୁଥିବ । ଗୋଟିଏ ପ୍ରକୃତ ମସ୍‌ଜିଦ୍ ହେଉଛି ତାହା ଯାହା ସମସ୍ତ ମାନବଜାତି ନିମନ୍ତେ ଶାନ୍ତି ଓ ସଲାମତିର ମର୍କଜ୍ (କେନ୍ଦ୍ର) ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଇସ୍‌ଲାମ୍‌ର ଆଉଗୋଟିଏ ମୂଲ୍ୟବାନ୍ ସିଦ୍ଧାନ୍ତ ହେଉଛି ଏହା କି ମୁସଲ୍‌ମାନ ମାନଙ୍କୁ ପଡୋଶୀମାନଙ୍କର ଅଧିକାର ପ୍ରଦାନ କରିବା ଓ ଆବଶ୍ୟକ ସ୍ଥଳେ ପଡୋଶୀମାନଙ୍କୁ ସାହାଯ୍ୟ କରିବା ଓ ତାଙ୍କ ସେବା କରିବାର ନିର୍ଦ୍ଦେଶ ଦିଆଯାଇଛି । ବାସ୍ତବରେ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଥରେ ଏକଥା କହିଛନ୍ତି କି ଖୁଦାତାଲା ପଡୋଶୀମାନଙ୍କ ଅଧିକାର ବିଷୟରେ ଏତେ ତାଗିଦ୍ କଲେ କି ମୋତେ ଏପରି ଲାଗିଲା ବୋଧହୁଏ ଅଲ୍ଲାଃତାଲା ପଡୋଶୀମାନଙ୍କୁ ଉତରାଧିକାରୀର ଅଧିକାର ମଧ ଦେଇଦେବ ।

ପୁଣି ଅଲ୍ଲାଃତାଲ ସୁରା ନିସାର ଆୟତ ନଂ-୩୭ ରେ କହୁଛନ୍ତି- ''ଏବଂ ତୁମେ ଅଲ୍ଲାଃତାଲାଙ୍କ ଉପାସନା କର ଓ କୌଣସି ବସ୍ତୁକୁ ତାର ସମକ୍ଷକ କରନାହିଁ ଓ ମା' ବାପାଙ୍କ ସହିତ ବହୁତ ଏହ୍‌ସାନ୍ (ଅନୁଗ୍ରହ) କର । ଏବଂ ନିଜ ନିକଟ ସମ୍ପର୍କୀୟ, ଅନାଥ, ଅଭାବୀ ଲୋକଙ୍କ ସହିତ ଓ ସେହିପରି ପଡୋଶୀ ନିକଟ ସମ୍ପର୍କୀୟ ଓ ଅଣ ସମ୍ପର୍କୀୟ ପଡ଼ୋଶୀ ଓ ପାଖରେ ବସୁଥିବା ଲୋକମାନେ, ଯାତ୍ରୀ ଓ ଯେଉଁମାନଙ୍କର ତୁମେ ମାଲିକ ହୋଇସାରିଛି ସେମାନଙ୍କ ସହିତ ମଧ । ଏବଂ ଯେଉଁମାନେ ଗର୍ବୀ ଓ ଅହଂକାରୀ ଅଛନ୍ତି ସେମାନଙ୍କୁ ଅଲ୍ଲାଃତାଲା କଦାପି ପସନ୍ଦ କରନ୍ତି ନାହିଁ'' ।

ଯେବେ ଆମେ ଏହି ଆୟତକୁ ପଢୁଛୁ ଓ ଏହା ଉପରେ ଚିନ୍ତା କରୁଛୁ ତେବେ ଆମକୁ ଏହା

ଜଣାପଡୁଛି କି ଇସ୍‌ଲାମ୍ ମାନବଜାତିର ଅଧିକାର ପାଇଁ କେତେ ଜୋର୍ ଦେଇଛି । ଏହି ଆୟତ୍‌ରେ ଅଲ୍ଲାଃତାଲା ହୁକୁକୁଲ୍ଲାଃ ଓ ହୁକୁକୁଲ୍ ଇବାଦ୍ (ଅଲ୍ଲାଃଙ୍କ ଅଧିକାର ଓ ସୃଷ୍ଟଜଙ୍କ ଅଧିକାର) କୁ ଗୋଟିଏ ଅନ୍ୟଜଣକ ପାଇଁ ପରିପୂରକ କରି ଦେଇଛି । ଏହି ଆୟତରୁ ପ୍ରମାଣିତ ହେଉଛି କି ନିଜ ମା' ବାପା, କୁଟୁମ୍ବ ଓ ସାଙ୍ଗସାଥିଙ୍କ ଠାରୁ ନେଇ ଗରୀବ, ଅଭାବି ଲୋକେ, ଅନାଥ ଏବଂ ସମାଜର ସମସ୍ତ ମିସ୍‌କିନ୍ ପର୍ଯ୍ୟନ୍ତ ସମସ୍ତ ମାନବଜାତି ତାର ସମ୍ପର୍କ କୌଣସି ଜାତି ଓ କୁଟୁମ୍ବ ସହିତ ହୋଇଥାଉ ନା କାହିଁକି, ସେମାନଙ୍କର ସେବା କରିବା ମୁସଲ୍‌ମାନ୍ ମାନଙ୍କ ପାଇଁ ଧାର୍ଯ୍ୟ କରାଯାଇଛି । ଯେପରିକି ପୂର୍ବରୁ ଚର୍ଚ୍ଚା ହୋଇସାରିଛି, ପଡୋଶୀ ମାନଙ୍କର ସେବା କରିବା ହେଉଛି ମୁସଲ୍‌ମାନ୍ ମାନଙ୍କ ପାଇଁ ଫର୍ଜ୍ (ବାଧ୍ୟତାମୂଳକ) ଓ ଇସ୍‌ଲାମୀୟ ଶିକ୍ଷା ମୁତାବକ ପଡୋଶୀ ମାନଙ୍କର ପରିଧି ବହୁତ ବ୍ୟାପକ । ପଡୋଶୀମାନଙ୍କ ମଧ୍ୟରେ କେବଳ ସେହି ଲୋକମାନେ ସାମିଲ୍ ନୁହଁନ୍ତି, ଯେଉଁମାନେ ଆପଣମାନଙ୍କ ସହିତ ରହୁଛନ୍ତି ବରଂ ସେହି ପରିଧି ଭିତରେ ଆପଣମାନଙ୍କ ସହିତ କାମ କରୁଥିବା ଲୋକମାନଙ୍କଠାରୁ ନେଇ ଆପଣଙ୍କ ସହିତ ସଫର୍ (ଯାତ୍ରା) କରୁଥିବା ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ୍ ଅଟନ୍ତି । ତେଣୁ ଇସ୍‌ଲାମ୍ ନିକଟରେ ପ୍ରେମର ପରିଧିର କୌଣସି ସୀମା ନାହିଁ । ତେଣୁ ଏହା କିପରି ସମ୍ଭବ ହୋଇପାରିବ କି ଜଣେ ପ୍ରକୃତ ମୁସଲ୍‌ମାନ୍ ଅନ୍ୟକୁ କ୍ଷତି ପହଂଚାଇବା ପାଇଁ ଚେଷ୍ଟା କରିବ ବା ସମାଜରେ ଫିତ୍‌ନା ଓ ଫସାଦ୍ ପ୍ରସାର କରିବାର କାରଣ ହେବ । ବାସ୍ତବରେ ଏହା ଅସମ୍ଭବ ଅଟେ । କାରଣ ଜଣେ ବ୍ୟକ୍ତି ସେତେବେଳେ ଯାଇ ପ୍ରକୃତ ମୁସଲ୍‌ମାନ୍ ରୂପେ ବୋଲାଇପାରିବ ଯେବେ ସେ ଅନ୍ୟମାନଙ୍କର ଅଧିକାରକୁ ପ୍ରଦାନ କରୁଥିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ନିଶ୍ଚିତ ରୂପେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟି ଆଗରେ ରଖି ଏହା ଚିନ୍ତାର ବିଷୟ ଅଟେ କି ଆପଣମାନଙ୍କ ମଧ୍ୟରୁ କିଛି ଲୋକେ ଓ ବିଶେଷ ରୂପେ ଏହି ମସ୍‌ଜିଦ୍‌ର ପଡୋଶୀମାନେ ଯେଉଁମାନେ ପ୍ରତ୍ୟକ୍ଷ ରୂପେ ମସ୍‌ଜିଦ୍ ଯୋଗୁ ପ୍ରଭାବିତ ହେବେ । କାଳେ ଏହି ମସ୍‌ଜିଦ୍ ସମ୍ବନ୍ଧରେ ଭୟ ରଖିଥିବେ, ଯାହା ବିଷୟରେ ଆପଣଙ୍କର କୌଣସି ଜ୍ଞାନ ନାହିଁ । ଏଥିରେ ଭୟଭିତ ହେବା ଏକ ପ୍ରାକୃତିକ ଅବସ୍ଥା । ତେଣୁ ଏହି ମସ୍‌ଜିଦ୍‌ର ପଡୋଶୀମାନେ ବୋଧହୁଏ ଏହା ଭାବୁଥିବେ କି ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ହେବା ସହିତ ସମ୍ଭବତଃ ସେମାନଙ୍କ ସହରର ଶାନ୍ତି ନଷ୍ଟ ହୋଇଯିବ । ଯେବେ କି ଏହି ଇସ୍‌ଲାମ୍‌ର ମୂଳଦୁଆ ଉପରେ, ଯାହାକୁ ମୁଁ ଜାଣିଛି ଓ ଯାହା ଉପରେ ମୁଁ ପରିଚାଳିତ ହେଉଛି, ମୁଁ ଆପଣମାନଙ୍କୁ ନିଶ୍ଚିତ କରାଇଦେଉଛି କି ଏହି ମସ୍‌ଜିଦ୍ ଶାନ୍ତିର ଝରଣା ପ୍ରମାଣିତ ହେବ, ଯେଉଁଥିରୁ ସର୍ବଦା ପ୍ରେମ ଓ ସ୍ନେହ ଫୁଟି ବାହାରିବ । ଇନ୍‌ଶାଅଲ୍ଲାଃ ଆପଣ ମାନେ ନିଜେ ଦେଖିବେ କି ଏହି ଇଲାକାରେ ରହୁଥିବା ଅହେମଦୀ ମୁସଲ୍‌ମାନ୍ ଶାନ୍ତି, ପ୍ରେମ ଓ ନିଜ ନିଜ ଭିତରେ ଥିବା ସୌହାର୍ଦ୍ଦ୍ୟକୁ ଓ ସମ୍ମାନ ଦେବାକୁ ବଢ଼ାଇବେ ଓ ପୂର୍ବଠାରୁ ବଳି ନିଜ ପଡୋଶୀମାନଙ୍କର ସେବା କରିବେ । କାରଣ ଏହା ହେଉଛି ସେହି ସବୁ ଜିନିଷ ଯାହାର ମୁତାଲବା (ଦାବୀ) ତାଙ୍କର ଧର୍ମ ତାଙ୍କଠାରୁ କରିଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତେଣୁ ଏହା ହେଉଛି ସେହି ନିଃସ୍ୱାର୍ଥ ସେବା ଓ ଉଚ୍ଚତମ ଶିକ୍ଷା ଯାହାର ଜମାତ୍ ଅହେମଦୀୟା ନାଁ କେବଳ ତବ୍‌ଲିଗ୍ କରିଥାଏ ବରଂ ତା ଠାରୁ ବଳି ଦୁନିଆର ପ୍ରତ୍ୟେକ ଭାଗରେ ଏହା ଉପରେ ଅମଳ କରିଥାଏ । ଆମେ ସାରା ଦୁନିଆରେ ହଜାର ହଜାର ମସ୍‌ଜିଦ୍ ନିର୍ମାଣ କରିସାରିଛୁ ଓ ଆମେ ସର୍ବଦା ଏହା ଦେଖିଅଛୁ କି ଲୋକମାନେ ଯେତେବେଳେ ଆମ ଜମାତ୍‌କୁ ଜାଣିବା ଆରମ୍ଭ କରିଦିଅନ୍ତି, ସେତେବେଳେ ସେମାନଙ୍କର ଭୟ ଖୁବ୍‌ଶିଘ୍ର ଦୂରେଇଯାଏ । ସେମାନେ ଆମକୁ ସମାଜର ଏକ ଅଭିନ୍ନ ଅଙ୍ଗ ରୂପେ ଭାବି ସ୍ୱାଗତ କରିଥାନ୍ତି ଓ ଆମକୁ ସମ୍ମାନ କରିବାରେ ଲାଗିଯାଆନ୍ତି ଯେପରିକି ମୁଁ ପୂର୍ବରୁ କହିଲି କି ଏହି ପ୍ରାରମ୍ଭିକ ଭୟ ଖୁବ୍‌ଶିଘ୍ର ଦୂରେଇଯିବ ଓ ଏହି ମସ୍‌ଜିଦ୍‌ର ପ୍ରତ୍ୟେକ ଦିଗରୁ ଗୁଞ୍ଜରଣ ହେଉଥିବା ଶାନ୍ତିର ବାର୍ତ୍ତା ଆମ ପଡୋଶୀମାନଙ୍କର ଆଖିର ତାରା ହୋଇଯିବ । ସ୍ଥାନୀୟ ଲୋକମାନେ ଏହା ଦେଖିବାକୁ ପାଇବେ କି ଜମାତ୍ ଅହେମଦୀୟ ମୁସ୍‌ଲିମା କେବଳ ନିଜ ଧର୍ମର ତବ୍‌ଲିଗ୍ ନିମନ୍ତେ ଓ ମସ୍‌ଜିଦ୍ ନିର୍ମାଣ ପାଇଁ ଲାଗିନାହାଁନ୍ତି ବରଂ ଦୁଃଖୀ, ଦରିଦ୍ର ଓ ଅସହାୟ ଲୋକମାନଙ୍କର ଦୁଃଖକୁ ଦୂର କରିବା ପାଇଁ ମଧ୍ୟ ଚେଷ୍ଟା କରିଚାଲିଛନ୍ତି ଓ ସେ ଲୋକମାନଙ୍କ ମଧ୍ୟରେ ମଧ୍ୟ ଆଶାର କିରଣ ପ୍ରଦାନ କରୁଛି, ଯେଉଁମାନେ ସମ୍ପୂର୍ଣ୍ଣ ରୂପେ ନିରାଶ ହୋଇଯାଇଥିଲେ । ଆମେ ଏହି ମସ୍‌ଜିଦ୍ ମାଧ୍ୟମରେ ସମାଜର ଅସହାୟ ଓ ଗରିବ ଶ୍ରେଣୀର ଲୋକମାନଙ୍କୁ ଉତମ ଭବିଷ୍ୟତ ପ୍ରଦାନ କରିବା ପାଇଁ ଚେଷ୍ଟା କରିଥାଉ । ଏହି ଚେଷ୍ଟା ଫଳରେ ଜମାତ୍ ଅହେମଦୀୟା ମୁସ୍‌ଲିମା ଦୁନିଆର ଅପହଂଚ ଇଲାକାରେ ସ୍କୁଲ୍ ଓ ଡାକ୍ତରଖାନା ଇତ୍ୟାଦି ନିର୍ମାଣ କରିଛି ଯାହା ଦୁନିଆର ନିମ୍ନ ଓ ବଂଚିତ ଶ୍ରେଣୀର ଲୋକମାନଙ୍କୁ ଧର୍ମ, ବର୍ଣ୍ଣ, ଜାତି ନିର୍ବିଶେଷରେ ପ୍ରତ୍ୟେକ ଲୋକମାନଙ୍କର ସେବା କରିବାର କାରଣ ହୋଇଛି ଓ ସେମାନଙ୍କୁ ଶିକ୍ଷା ଯୋଗାଇ ପାରିଛି । ଏହି ସାହାଯ୍ୟ ସହଯୋଗ କାମଦ୍ୱାରା ଆମେ ସେହି ଲୋକମାନଙ୍କୁ ଯେଉଁମାନେ ବହୁତ ଦୁଃଖୀ ଓ ନିରାଶପୁର୍ଣ୍ଣ ଅବସ୍ଥାରେ ରହୁଛନ୍ତି, ଓ୍ୱାଟର୍ ପମ୍ପ୍ ଲଗାଇ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଉଛୁ । ଆମେ ଏଠି ପାଶ୍ଚାତ୍ୟ ଦେଶରେ ରହି, ଯେଉଁଠି ଆମ ପାଣି ପାଇପ୍‌ରୁ ଅନବରତ ପାଣି ବହିଚାଲିଛି ଓ ପାଣିର ସଦୁପଯୋଗ କରିବା କଠିନ କାର୍ଯ୍ୟ ଅଟେ । ଯେବେ ଆପଣ ଆଫ୍ରିକାର ଅତ୍ୟନ୍ତ ଦୂର ଦୂରାନ୍ତ ଇଲାକାରେ ଯାଇ ନିଜେ ନିଜ ଆଖିରେ ଦେଖିବେ କି କିପରି ଛୋଟଛୋଟ ପିଲାମାନେ ପ୍ରତ୍ୟହ ଅନେକ କି.ମି ପାଦରେ ଚାଲି ନିଜ ମୁଣ୍ଡ ଉପରେ ପାଣିର ହାଣ୍ଡି ରଖି ନିଜ ଘରକୁ ବୋହି ଆଣୁଛନ୍ତି । ସେତେବେଳ ଯାଇ ଆପଣମାନେ ପାଣିପରି ନେମତ୍‌ର ମହତ୍ୱକୁ ଜାଣିପାରିବେ । ଯେଉଁ ପାଣିକୁ ଏତେ ଦୂରରୁ ମୁଣ୍ଡରେ ବୋହି ଆଣିବା ପାଇଁ ସେମାନେ ଏତେ ପରିଶ୍ରମ କରୁଛନ୍ତି ତାହା କଦାଚିତ୍ ସଫା ରହିଥାଏ ବରଂ ସର୍ବଦା ମଇଳାପାଣି ଥାଏ ଯାହା ଅନେକ ପ୍ରକାରର ରୋଗର କାରଣ ହୋଇଥାଏ । ତେଣୁ ଅହେମଦୀ ମୁସଲ୍‌ମାନ୍ ନିଜର ଧର୍ମୀୟ ଶିକ୍ଷା ଯୋଗୁ ଏହିପରି ଲୋକମାନଙ୍କର ସାହାଯ୍ୟ ଓ ସେମାନଙ୍କୁ ଆରାମ ପହଂଚାଇବା ପାଇଁ ଅହରହ ଚେଷ୍ଟା ଚଳାଇଛି । ଆମେ ଲୋକମାନଙ୍କର ପ୍ରଥା, ଧର୍ମ ଓ ସେମାନଙ୍କର ବ୍ୟାକ୍‌ଗ୍ରାଉଣ୍ଡ୍‌ରୁ ଉର୍ଦ୍ଧ୍ୱରେ ରହି ସମସ୍ତ ପ୍ରକାର ଅସହାୟ ଲୋକମାନଙ୍କର ସେବା କରିଚାଲିଛୁ । ଆମେ ଯେଉଁଠାରେ ମଧ୍ୟ ମସ୍‌ଜିଦ୍ ନିର୍ମାଣ କରୁଛୁ ଆମେ ସେଠିକାର ସମାଜ ଚତୁଃପାର୍ଶ୍ୱରେ ରହୁଥିବା ଲୋକମାନଙ୍କର ସାହାଯ୍ୟ ସହଯୋଗ ନିମନ୍ତେ ଯୁକ୍ତାତ୍ମକ ରୋଲ୍ ପ୍ରଦାନ କରିବା ପାଇଁ ଚେଷ୍ଟା କରିଥାଉ । ତେଣୁ ଏହି ସହରର ଲୋକମାନଙ୍କୁ ଓ ସମସ୍ତ ସ୍ୱିଡିଶ୍ ଲୋକମାନଙ୍କ ନିମନ୍ତେ ମୁଁ ପୁଣି ଥରେ ନିଶ୍ଚିତ କରାଇବା ପାଇଁ ଚାହୁଁଛି କି ଏହି ମସ୍‌ଜିଦ୍‌ଟି ଇନ୍‌ଶାଅଲ୍ଲାଃ ଓ ତାଲା ପ୍ରେମ, ସ୍ନେହ, ଭାଇଚାରାର ମର୍କଜ୍ (କେନ୍ଦ୍ର) ରୂପେ ପ୍ରମାଣିତ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ମୁଁ ଏଠାରେ ରହୁଥିବା ଅହେମଦୀ ମୁସଲ୍‌ମାନ୍ ମାନଙ୍କୁ ମଧ୍ୟ ସେମାନଙ୍କର ଦାୟିତ୍ୱପ୍ରତି ଧ୍ୟାନ ଆକର୍ଷଣ କରାଉଛି । ସେଥିରେ ଏବେ ଆହୁରି ଅଧିକ ବଢ଼ିବାର ଅଛି । ଯେଉଁଠି ଜଣେ ଅନ୍ୟଜଣକ ପାଇଁ ଆପଣଙ୍କ ପ୍ରେମ ବଢ଼ିଚାଲିବ ସେଠାରେ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାର ପ୍ରକୃତ ରାଜଦୂତ ହେବାକୁ ମଧ୍ୟ ପଡ଼ିବ । ଏହା ଆପଣମାନଙ୍କର ଦାୟିତ୍ୱ ଅଟେ । ଏହା ପ୍ରତ୍ୟେକ ଅହେମଦୀମାନଙ୍କ ପାଇଁ ଧାର୍ଯ୍ୟ ଅଟେ କି ସେ ନିଜର ଉତମ କାର୍ଯ୍ୟ ଓ ଦୃଷ୍ଟାନ୍ତ ମାଧ୍ୟମରେ ଉକ୍ତ ସମସ୍ତ ଭୟ ଓ ଶଙ୍କାକୁ ଦୂର କରିବ, ଯାହାକୁ ଲୋକମାନେ ଇସ୍‌ଲାମ୍ ବିଷୟରେ ନିଜ ହୃଦୟରେ ରଖିଛନ୍ତି । ମୋତେ ସମ୍ପୂର୍ଣ୍ଣ ରୂପେ ଏ ଭରଷା ଅଛି କି ଅହେମଦୀ ମୁସଲ୍‌ମାନ୍‌ମାନେ ମୋ ଶବ୍ଦଗୁଡିକ ଉପରେ ଧ୍ୟାନଦେବେ ଓ ସ୍ଥାନୀୟ ଲୋକମାନଙ୍କୁ ଏହା ବତାଇବେ କି ଇସ୍‌ଲାମ୍ କାହାର ପ୍ରତିନିଧିତ୍ୱ କରିଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏ ଦୁନିଆ ବର୍ତ୍ତମାନ ବହୁତ କଠିନ ପରିସ୍ଥିତି ଦେଇ ଗତି କରୁଅଛି ଯେଉଁଠି ଫିତ୍‌ନା, ଫସାଦ୍, ଯୁଦ୍ଧ, ବିଦ୍ୱେଷଭାବ ସଂସାରର ଅଧିକାଂଶ ଭାଗକୁ ଘେରି ସାରିଲାଣି । ଏହାର ଗୋଟିଏ ହିଁ ସମାଧାନ ଓ ଗୋଟିଏ ହିଁ ଉପଚାର ରହିଛି, ତାହା ହେଉଛି ଗୋଟିଏ ବଡ଼ ଲାଭ ପାଇଁ ନିଜର ସ୍ୱାର୍ଥକୁ ଗୋଟିଏ ପଟେ କରିଦିଆଯାଉ । ପରସ୍ପର ବିରୋଧୀ କଟୁତା ଦୂର କରିବା ପାଇଁ, ଯେଉଁଥିପାଇଁ ଅନେକ କୌମ୍ ଭଙ୍ଗାରୁଜାର ଶିକାର ହୋଇସାରିଛନ୍ତି, ତେଣୁ ପ୍ରେମ ଓ ଭାଇଚାରାର ଆତ୍ମା ସ୍ଥାପନ କରିବା ଆବଶ୍ୟକ ଅଟେ । ଏ ସମୟର ସମସ୍ୟା ଛୋଟ ଆକାରରେ ନାହିଁ ବରଂ ବହୁତ ଗୁଡିଏ ଦେଶ ଏହି ଯୁଦ୍ଧ, ଅତ୍ୟାଚାରର ପରିଧି ଭିତରେ ଆସି ସାରିଛନ୍ତି । ବହୁତ ଦୁଃଖର କଥା ହେଉଛି ଏହି ବିରୋଧପୁର୍ଣ୍ଣ ବୈମନସ୍ୟ ବିବାଦର କେନ୍ଦ୍ର କିଛି ମୁସଲ୍‌ମାନ୍ ଦେଶ ହୋଇସାରିଛନ୍ତି । ସେ ଦେଶ ଗୁଡିକର ସରକାର ନିଜ ଲୋକମାନଙ୍କର ଅଧିକାର ପ୍ରଦାନ କରିବାରେ ଅସଫଳ ହୋଇଛନ୍ତି । ଫଳତଃ କିଛି ଚରମପନ୍ଥୀ ବିଦ୍ରୋହୀ ଓ ସନ୍ତ୍ରାସବାଦ ଗୋଷ୍ଠୀମାନେ ଏଥିରେ ଏପରି ପ୍ରତିକ୍ରିୟା ଦେଖାଇଲେ କି ସେମାନଙ୍କର ଜିର୍ଣ୍ଣ ଅବସ୍ଥାରେ ଥିବା ସମାଜ ଅଧିକ ଖଣ୍ଡ ଖଣ୍ଡ ହୋଇ ଫାଟିଗଲା । ବର୍ତ୍ତମାନ ସମୟରେ ପ୍ରତ୍ୟେକ କୌମ୍ ଓ ଧର୍ମ ଜଣେ ଅନ୍ୟଜଣକ ସହିତ ଯୋଡ଼ି ହୋଇରହିଛି ଓ ସେମାନଙ୍କର ଉନ୍ନତି କରିବା ଜଣେ ଅନ୍ୟଜଣକ ସହିତ ନିହିତ । ମୁସଲ୍‌ମାନ୍ ଦେଶଗୁଡିକର ବିବାଦ ପ୍ରଥମରୁ ଅଧିକ ବ୍ୟାପିସାରିଛି । ଆରବ ଦେଶ ଗୁଡିକରେ ହୋଇଥିବା ଯୁଦ୍ଧ ଓ ଅତ୍ୟାଚାର ଫଳରେ ଆମେ ଏଠି ପାଶ୍ଚାତ୍ୟରେ ମଧ୍ୟ ଗୋଟିଏ ଅନିଶ୍ଚିତତାର ଅବସ୍ଥାରେ ରହୁଅଛୁ ଓ ଆପୋଷରେ ଯେଉଁ ବିରୋଧ ଭାବ ରହିଛି ତାହା ଅଧିକ ବଢ଼ିବାରେ ଲାଗିଛି । କିଛି ଚରମପନ୍ଥୀ ଗୋଷ୍ଠୀ ୟୁରୋପ୍‌ରେ ମଧ୍ୟ ଦାଖଲ୍ ହୋଇସାରିଛନ୍ତି ଓ ସେମାନଙ୍କର ସଦସ୍ୟ ମାନେ ଏହି ଦେଶଗୁଡିକରେ ରହୁଛନ୍ତି । ଏବଂ ଏ ଇଲାକାର ଶାନ୍ତି ଓ ସୌହାର୍ଦ୍ଦ୍ୟ ନିମନ୍ତେ ବିପଦପୁର୍ଣ୍ଣ ପ୍ରମାଣିତ ହେଉଛନ୍ତି । ଏହି ଲୋକମାନେ ଯାହାକିଛି ମଧ୍ୟ କରୁଛନ୍ତି ସେଗୁଡିକର ଇସ୍‌ଲାମ୍ ସହିତ ବା ଇସ୍‌ଲାମ୍‌ର ଶିକ୍ଷା ସହିତ କିଛି ମଧ୍ୟ ସମ୍ପର୍କ ନାହିଁ । ତେଣୁ ଆମେ ସମସ୍ତେ, ଯେଉଁମାନେ ଶାନ୍ତି ଚାହୁଁଛନ୍ତି, ଆମ ସମସ୍ତଙ୍କୁ ସେହି ଅନ୍ଧକାରପୁର୍ଣ୍ଣ ଶକ୍ତିର ବିପକ୍ଷରେ ଏକତ୍ରିତ ହୋଇ ଛିଡ଼ା ହେବାକୁ ପଡ଼ିବ । ଆମକୁ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଯଥାସମ୍ଭବ ଚେଷ୍ଟା କରିବାକୁ ହେବ । ଯଦ୍ୱାରା ଆମେ ଆମ ଆସନ୍ତା ପିଢ଼ୀକୁ ବିଘଟିତ ଓ କ୍ଷୀଣ ଅବସ୍ଥାରେ ଓ ଦୁଃଖ କଷ୍ଟରେ ପରିପୂର୍ଣ୍ଣ ସଂସାରର ଉତରାଧିକାରୀ ରୂପେ ଛାଡ଼ି ଯିବାନାହିଁ । ବରଂ ଆମକୁ ଏକଥା ନିଶ୍ଚିତ କରାଇବାକୁ ହେବ କି ଆମେ ନିଜର ଉଚ୍ଚତମ ଦୃଷ୍ଟାନ୍ତକୁ ସ୍ଥାପନ କରିବା ଓ ଆସନ୍ତା ପିଢ଼ୀଙ୍କ ନିମନ୍ତେ ଗୋଟିଏ ଶାନ୍ତିପ୍ରିୟ ଓ ସୁନ୍ଦର ସଂସାରକୁ ଛାଡ଼ି ଯିବା । ଏହା କେବଳ ସେ ସମୟରେ ସମ୍ଭବ ହୋଇପାରିବ, ଯେତେବେଳେ ମାନବ ଜାତି ନିଜର ସୃଷ୍ଟିକର୍ତ୍ତାକୁ ସଠିକ୍ ରୂପେ ଚିହ୍ନିବ ଓ ଖୁଦାତାଲା ଓ ତାର ମଖ୍‌ଲୁକ୍ (ସୃଷ୍ଟଜ)ଙ୍କ ଅଧିକାରକୁ ପ୍ରଦାନ କରିବା ବାଲା ହୋଇଯିବ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏପରି କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ !

ଶେଷରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହି ଶବ୍ଦ ସହିତ ମୁଁ ପୁଣିଥରେ ଆପଣ ସମସ୍ତ, ଯେଉଁମାନେ ଏଠାରେ ଆମ ସହିତ ସାମିଲ୍ ହୋଇଛନ୍ତି, ସେମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ଅଲ୍ଲାଃତାଲା ଆପଣ ସମସ୍ତଙ୍କ ଉପରେ ଦୟା କରନ୍ତୁ । ଧନ୍ୟବାଦ୍ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ । ଏଥିରେ ସମସ୍ତ ଉପସ୍ଥିତ ଲୋକମାନେ ନିଜ ନିଜ ଶୈଳୀରେ ସାମିଲ୍ ହେଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣ ପରେ ପ୍ରୋଗ୍ରାମ୍ ମୁତାବକ ସମସ୍ତ ଅତିଥିମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଭୋଜନ କଲେ । ଏହି ସମୟରେ ବିଭିନ୍ନ ଅତିଥିମାନେ ଜଣ ଜଣ ହୋଇ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପାଖକୁ ଆସୁଥିଲେ ଓ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କରୁଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଉକ୍ତ ଅତିଥିମାନଙ୍କ ସହିତ କଥା ହେଉଥିଲେ ଓ ବହୁତ ଅତିଥି ହଜୁର୍‌ଙ୍କ ନିକଟରେ ଏ ନିବେଦନ କଲେ କି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସେମାନେ ଫଟୋ ଉଠାଇବେ । ତେଣୁ ସେମାନେ ହଜୁର୍‌ଙ୍କ ସହିତ ଫଟୋ ଉଠାଇବାର ମଧ୍ୟ ସୌଭାଗ୍ୟ ପାଇଲେ । ଏହି ପ୍ରୋଗ୍ରାମ୍ ୧:୨୫ ପର୍ଯ୍ୟନ୍ତ ଜାରି ରହିଲା ।

୨:୧୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ମେହ୍‌ମୁଦ୍‌ରେ ପଦାର୍ପଣ କରି ନମାଜ ଜୋହାର୍ ଏବଂ ଅସର ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଆବାସସ୍ଥଳୀକୁ ଚାଲିଗଲେ ।

**ଅତିଥିମାନଙ୍କର ମନୋଭାବ ବ୍ୟକ୍ତ**

ଆଜିର ଏହି ଉତ୍ସବରେ ସାମିଲ୍ ହୋଇଥିବା

ଅତିଥିମାନଙ୍କ ଉପରେ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ଅଭିଭାଷଣଟି ଗଭୀର ପ୍ରଭାବ ପକାଇଛି । ବହୁତ ଅତିଥିମାନେ ନିଜର ମନୋଭାବ ଓ ଭାବନାର ପରିପ୍ରକାଶ କରିଛନ୍ତି । ସେମାନଙ୍କ ମଧ୍ୟରୁ କିଛି ଅତିଥିମାନଙ୍କର ମନୋଭାବ ନିମ୍ନରେ ଦିଆଯାଉଛି ।

ମାଲ୍‌ମୋ ସହରରେ ମସ୍‌ଜିଦ୍ ମେହ୍‌ମୁଦ୍‌ର ଉଦ୍‌ଘାଟନୀ ପ୍ରସଙ୍ଗରେ ଏହି ଉତ୍ସବରେ ୧୪୦ରୁ ଅଧିକା ସ୍ୱିଡିଶ୍ ଅତିଥି ସାମିଲ୍ ହୋଇଥିଲେ ।

ଏହି ଅତିଥିମାନଙ୍କ ମଧ୍ୟରେ ପାର୍ଲିଆମେଂଟ୍‌ର ମେମ୍ବର୍‌ଗଣ, ମାଲ୍‌ମୋ ସିଟିର ମେୟର୍, ପୋଲିସ୍ ଚିଫ୍, ସ୍ୱିଡିଶ୍ ଚର୍ଚ୍ଚର ପ୍ରତିନିଧି, ୟୁନିଭରସିଟିରର ପ୍ରଫେସର୍ ଓ ସମାଜରେ ଅନ୍ୟ ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଅତିଥିମାନେ ମଧ ସାମିଲ୍ ହୋଇଥିଲେ ।

ଜଣେ ମହିଳା Mrs. Hillevi Jonsson ଯିଏ ମାଲ୍‌ମୋରେ ଖ୍ରୀଷ୍ଟିଆନ୍ Priest ଅଛନ୍ତି ଏବଂ ସେଠି ହସ୍‌ପିଟାଲ୍‌ରେ କାର୍ଯ୍ୟ ମଧ କରୁଛନ୍ତି, ସେ ମଧ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ପ୍ରକାଶ କରି କହିଲେ- ହଜୁର୍ ଅନ୍ୱର୍ ନିଜ ଅଭିଭାଷଣରେ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ବିଷୟ ଉପରେ କଥା ହେଲେ । ମୋ ମତରେ ଏହା ବିଲ୍‌କୁଲ୍ ଠିକ୍ କଥା କି ଏଠି ମାଲ୍‌ମୋରେ ଓ ୟୁରୋପ୍‌ରେ ଲୋକମାନେ ମୁସଲ୍‌ମାନ୍‌ଙ୍କ ଠାରୁ ଓ ମସ୍‌ଜିଦ୍‌ଠାରୁ ଭୟଭୀତ ରହୁଛନ୍ତି । ଖଲିଫତୁଲ୍ ମସିହ୍ ଶାନ୍ତି ନିମନ୍ତେ ଓ ଶାନ୍ତି ପ୍ରସଙ୍ଗରେ ଲୋକମାନଙ୍କର ଦାୟିତ୍ୱ ଗୁଡିକ ବିଷୟରେ ବହୁତ ଗୁରୁତ୍ୱପୁର୍ଣ୍ଣ କଥା ବର୍ଣ୍ଣନା କଲେ । ମୁଁ ଖଲିଫାଙ୍କ ଅଭିଭାଷଣକୁ ବହୁତ ସମ୍ମାନର ଦୃଷ୍ଟିରେ ଦେଖୁଅଛି ।

ପୁଣି ସେ କହିଲେ-ଖଲିଫା ଆମକୁ ଗୋଟିଏ ମସ୍‌ଜିଦ୍‌ର କଣ ସବୁ ଉଦ୍ଦେଶ୍ୟ ରହିଛି ସେ ବାବଦରେ ବତାଇଲେ ଓ ମୁଁ ଏ ଆଶା କରୁଛି କି ସେ ଅନ୍ୟମାନଙ୍କୁ ଏହି ଉଦ୍ଦେଶ୍ୟ ଗୁଡିକ ବାବଦରେ ମନାଇବା ନିମନ୍ତେ ସଫଳ ହୋଇଯିବେ । ନିଶ୍ଚିତ ରୂପେ ସେ ମୋତେ ମଧ ମନାଇ ଦେଇଛନ୍ତି । ମସ୍‌ଜିଦ୍ ନିର୍ମାଣର ଉଦ୍ଦେଶ୍ୟ ଓ ଏହାର ଲକ୍ଷ୍ୟ ବିଷୟରେ ଆପଣଙ୍କର ବାର୍ତାର ବହୁତ ଆବଶ୍ୟକ ଥିଲା ଓ ତାଙ୍କର ପ୍ରତ୍ୟେକ ଶବ୍ଦ ଅର୍ଥପୁର୍ଣ୍ଣ ଓ ଗଭୀର ଥିଲା । ଏହି ଭାଷଣଟି ବର୍ତମାନ ସମୟ ନିମନ୍ତେ ଓ ଏହି ଦେଶ ପାଇଁ ବହୁତ ଅଧିକ ଆବଶ୍ୟକ ଥିଲା । ଖଲିଫା ଏ ବାର୍ତା ଦେଇଛନ୍ତି କି ଲୋକମାନେ ଜଣେ ଅନ୍ୟଜଣକୁ ଭୟ କରିବା ଉଚିତ୍ ନୁହେଁ ବରଂ ଜଣେ ଅନ୍ୟଜଣକୁ ବୁଝାଇବା ଦରକାର ଓ ଜଣେ ଅନ୍ୟଜଣକର ଭାବନାର ଆଦାନ ପ୍ରଦାନ କରିବା ଉଚିତ୍ ।

ପୁଣି ସେ କହିଲେ ପ୍ରକୃତ ସତ୍ୟ ଏହା ହେଉଛି କି ଆପଣଙ୍କ ଖଲିଫାଙ୍କ ଭାଷଣ ମୋତେ ଦୋହଲାଇ ଦେଇଛି । ମୁଁ ବହୁତ ଆବେଗପୂର୍ଣ୍ଣ ବ୍ୟକ୍ତି ଅଟେ କାରଣ ଆଜି ମୁଁ ଜଣେ ମୁସଲ୍‌ମାନ୍ ନେତାଙ୍କୁ କେବଳ ଶାନ୍ତି ବିଷୟରେ କହିବାର ଶୁଣିନାହିଁ ବରଂ ସେ ମୋତେ ଏହା ବତାଇଲେ କି ଇସ୍‌ଲାମ୍ ହେଉଛି ମାନବଜାତିର ସେବା କରିବା ପାଇଁ ଏକ ଧର୍ମ । ତାଙ୍କର ଏହି ଶବ୍ଦଗୁଡିକ ବହୁତ ପ୍ରେମଭରା ଥିଲା ଓ ମୋତେ ସେହି ଶବ୍ଦଗୁଡିକ ଆଶାରେ ଭରିଦେଲା । ମୁଁ ଏହା ଆଶା ରଖିଛି କି ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ମାଲ୍‌ମୋ ପାଇଁ ଗୋଟିଏ ଗୁରୁତ୍ୱପୁର୍ଣ୍ଣ ରୋଲ୍ ପ୍ରଦାନ କରିବ ଓ ମୋ ମତରେ ବିଭିନ୍ନ ଗୋଷ୍ଠୀ ସହିତ ସମ୍ପର୍କ ରଖିଥିବା ଚିନ୍ତାଶୀଳ ବ୍ୟକ୍ତି ଓ ବିଭିନ୍ନ ଧର୍ମ ସହିତ ସମ୍ପର୍କ ରଖିଥିବା ଲୋକମାନଙ୍କର ଗୋଟିଏ ସ୍ଥାନରେ ଏକତ୍ରିତ ହେବା ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଅଟେ । ଖଲିଫାଙ୍କ ଅଭିଭାଷଣର ସବୁଠାରୁ ଉତରଭାଗ ଏହାଥିଲା କି, ସେ କହିଲେ ମାନବଜାତିକୁ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନିବାକୁ ହେବ ଓ ଈଶ୍ୱରଙ୍କ ଉପରେ ପୁର୍ଣ୍ଣ ବିଶ୍ୱାସ ରଖିବାକୁ ହେବ । ଏହା ମଧ ମୋର ଦୃଷ୍ଟିକୋଣ ଅଟେ । ଏହି ଉତ୍ସବରେ ଯୋଗଦେବା ମୋ ପାଇଁ ବହୁତ ବଡ଼ ସମ୍ମାନର ବିଷୟ ଥିଲା ।

ଆଉଜଣେ ଅତିଥି ଯାହାଙ୍କ ସମ୍ବନ୍ଧ ଇରାକ୍ ଦେଶ ସହିତ ଅଛି ସେ ବିଗତ ଷୋହଳ ବର୍ଷ ହେବ ସ୍ୱିଡେନ୍‌ରେ ରହୁଛନ୍ତି ଓ ଜଣେ ସିଭିଲ୍ ଇଂଜିନିୟର୍ ଅଟନ୍ତି, ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ସର୍ବପ୍ରଥମେ ମୁଁ ଏହି ଉତ୍ସବରେ ମୋତେ ନିମନ୍ତ୍ରଣ କରାଯାଇଥିବାରୁ ଧନ୍ୟବାଦ ଅର୍ପଣ କରୁଛି । ମୁଁ ପୂର୍ବରୁ ମଧ ଜମାତ୍ ଅହେମଦୀୟାର କିଛି ଫଙ୍କ୍‌ସନ୍‌ରେ ସାମିଲ୍ ହୋଇସାରିଛି । କିନ୍ତୁ ଏହି ଫଙ୍କ୍‌ସନ୍‌ରେ ମୋତେ ଜମାତ୍ ଅହେମଦୀୟାର ଖଲିଫାଙ୍କ ସହିତ ମିଶିବାର ମୌକା ମିଳିଲା । ମୋତେ ଲାଗୁଛି କି ଜମାତ୍ ଅହେଦୀୟାର ଖଲିଫା ହେଉଛନ୍ତି ଅତ୍ୟନ୍ତ ଇମାନ୍‌ଦାର୍ ବ୍ୟକ୍ତି ଯିଏ ଶାନ୍ତି ସ୍ଥାପନ କରିବା ପାଇଁ ଚେଷ୍ଟା କରିଚାଲିଛନ୍ତି ଓ ଇସ୍‌ଲାମ୍‌ର ଅସଲ ସ୍ୱରୂପକୁ ଏ ଦୁନିଆ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି ।

ଆଉଥରେ ସ୍ୱିଡିଶ୍ ଅତିଥି କହିଲେ-ଏଠି ସ୍ୱିଡେନ୍‌ରେ ବିଭିନ୍ନ ଇସ୍‌ଲାମୀୟ ଜମାତ୍ ଗୁଡିକ କାର୍ଯ୍ୟ କରୁଛନ୍ତି । କିନ୍ତୁ ଆପଣଙ୍କ ଜମାତ୍ ପ୍ରସଙ୍ଗରେ ମୁଁ ବହୁତ ଖୁସି ଅଛି କି ଆପଣମାନେ ବହୁତ ଭଲ କାମ କରୁଛନ୍ତି । ମୁଁ ଜମାତ୍ ଅହେମଦୀୟ ଓ ଅହେମଦୀ ମୁସଲ୍‌ମାନ୍ ମାନଙ୍କ ସଫଳତା ପାଇଁ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଅଛି ।

ଜଣେ ସ୍ୱିଡିଶ୍ ଅତିଥି ଯିଏ ହେଉଛନ୍ତି ଜଣେ ଚାଇଲ୍‌ଡ୍ ସାଇକୋଲୋଜିଷ୍ଟ, ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ମୋତେ ବହୁତ ଖୁସି ଲାଗୁଛି କି ଆପଣମାନେ ଏହି ସହରରେ ମସ୍‌ଜିଦ୍ ଉଦ୍‌ଘାଟନ କରିଛନ୍ତି । କାରଣ ଆପଣମାନେ ଇସ୍‌ଲାମ୍‌ର ପ୍ରକୃତ ସେବା କରୁଛନ୍ତି ଓ ଏହି ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ କାର୍ଯ୍ୟ କରିଚାଲିଛନ୍ତି ।

ସ୍ୱିଡେନ୍‌ର ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ସହିତ ସମ୍ପର୍କ ରଖିଥିବା ଜଣେ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହି ପ୍ରକାରର ଉତ୍ସବ ସ୍ୱିଡେନ୍‌ରେ ଶାନ୍ତି ସ୍ଥାପନା ଓ ସ୍ୱିଡିଶ୍ ସମାଜର ଏକତା ନିମନ୍ତେ ବହୁତ ଆବଶ୍ୟକ ଅଟେ ଓ ଜମାତ୍ ଅହେମଦୀୟା ଏ ପ୍ରସଙ୍ଗରେ ବହୁତ ଉତମ କାର୍ଯ୍ୟ କରୁଅଛି । ମୋତେ ବହୁତ ଖୁସି ଲାଗୁଛି କି ସ୍ୱିଡେନ୍‌ରେ ଏ ପ୍ରକାରର ମସ୍‌ଜିଦ୍ ନର୍ମାଣ ହେଉଅଛି । ଆମ ପାର୍ଟି ମଧ ଧର୍ମୀୟ ସ୍ୱାଧୀନତା ଓ Pluralism ପାଇଁ କାର୍ଯ୍ୟ କରୁଅଛି ।

ସେ ପୁଣି କହିଲେ- ଯେପରିକି ବର୍ତମାନ ସମୟରେ ଏ ଦୁନିଆର ଅବସ୍ଥା ବହୁତ ଗୁଡିଏ ସମସ୍ୟା ଓ ବିବାଦର ଶିକାରରେ ରହିଛି । ତେଣୁ ମୋ ମତରେ କୌଣସି ଧାର୍ମିକ ନେତାଙ୍କ ନିମନ୍ତେ ଏହା ଆବଶ୍ୟକ ଅଟେ କି ସେମାନେ ଶାନ୍ତି ସ୍ଥାପନା ନିମନ୍ତେ ପ୍ରଥମ ଧାଡିରେ ଛିଡ଼ା ହୁଅନ୍ତୁ ଓ ଏହି କାର୍ଯ୍ୟକୁ ଖଲିଫତୁଲ୍ ମସିହ୍ ସମ୍ପାଦନ କରୁଅଛନ୍ତି । ଏ ସଂସାରକୁ ଖଲିଫତୁଲ୍ ମସିହ୍‌ଙ୍କ ପରି ଶାନ୍ତିପ୍ରିୟ ବ୍ୟକ୍ତିଙ୍କ ଆବଶ୍ୟକ ସର୍ବଦା ରହିଛି । ମୁଁ ଖଲିଫାଙ୍କ ଅଭିଭାଷଣକୁ ଶୁଣି ବହୁତ ପ୍ରଭାବିତ ହୋଇଛି ।

ମାଲ୍‌ମୋ ସହରର ମେୟର୍ Kent Anderson ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୋ ମତରେ ଆଜିର ଦିନଟି ବହୁତ ଗୁରୁତ୍ୱପୁର୍ଣ୍ଣ ଦିନ ଥିଲା । ଖଲିଫତୁଲ୍ ମସିହ୍ ନା କେବଳ ଏ ଦୁନିଆରେ ଶାନ୍ତି ସ୍ଥାପନ କରାଇବା ପାଇଁ ସୁନିଶ୍ଚିତ କରାଇଲେ । ବରଂ ଏହି ସହର ଓ ଏହି ଇଲାକାରେ ନିର୍ମାଣ ହୋଇଥିବା ମସ୍‌ଜିଦ୍‌ର ପ୍ରକୃତ ଉଦ୍ଦେଶ୍ୟଗୁଡିକ ମଧ ବର୍ଣ୍ଣନା କଲେ । ତେଣୁ ଏହି ମସ୍‌ଜିଦ୍‌କୁ ଆମେ ଏହି ସହରରେ ଶାନ୍ତି ସ୍ଥାପନ ଓ ଇଂଟିଗ୍ରେସନ୍‌ର ମାଧ୍ୟମ ବୋଲି ବୁଝୁଛୁ । ମୁଁ ନିଜର ବକ୍ତବ୍ୟରେ ମଧ ଏହା କହିଥିଲି କି ଖଲିଫତୁଲ୍ ମସିହ୍ ଶାନ୍ତି ସ୍ଥାପନ ବିଷୟରେ ଯାହା କିଛି ଲେଖୁଛନ୍ତି ଓ ଯାହା କିଛି କହୁଛନ୍ତି ଏହାଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି । ସେହିପରି ଏହି ମିଶନ୍ ପାଇଁ ଆପଣଙ୍କର ଅହରହ ଚେଷ୍ଟା ଓ ଗସ୍ତ କରିବା ମଧ ବହୁତ ପ୍ରଭାବକାରୀ ଅଟେ ।

ଏହି ଉତ୍ସବରେ ସାମିଲ୍ ହୋଇଥିବା ଜଣେ ୟୁହୁଦୀ ଅତିଥି Peter Vig ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହି ଉତ୍ସବରେ ସାମିଲ୍ ହୋଇ ଓ ଖଲିଫାଙ୍କର ବକ୍ତବ୍ୟକୁ ଶୁଣି ବହୁତ ଭାବ ବିହୋଳ ହୋଇଯାଇଥିଲି । ଆପଣଙ୍କ କମ୍ୟୁନିଟି ସହିତ ମୋର ପୂର୍ବରୁ ଏପରି ସାକ୍ଷାତ୍‌କାର୍ କେବେ ହୋଇନଥିଲା କିନ୍ତୁ ମୁଁ ଆପଣମାନଙ୍କର କିଛି ଲୋକଙ୍କୁ ଲିଫ୍‌ଲେଟ୍‌ସ୍ ବଂଟନ କରିବାର ଦେଖିଥିଲି ଯେଉଁମାନେ ସମାଜରେ ଶାନ୍ତି ଓ ଏକତା ସ୍ଥାପନ କରିବାର ବାର୍ତା ଦେଉଥିଲେ । ମୁଁ ପ୍ରଥମେ ମଧ ଏହା ଭାବୁଥିଲି କି ଇସ୍‌ଲାମ୍ ହେଉଛି ସନ୍ତ୍ରାସବାଦ, ଅତ୍ୟାଚାରର ଗୋଟିଏ ଧର୍ମ ନୁହେଁ କିନ୍ତୁ ଏଠାକୁ ଆସି ଖଲିଫତୁଲ୍ ମସିହ୍‌ଙ୍କ ଭାଷଣ ଶୁଣି ମୋର ଭାବନା ନିଶ୍ଚିତ ରୂପେ ବଦଳିଯାଇଛି ।

ଆଜିର ଏହି ଦିବସ ମୋ ପାଇଁ ବହୁତ ଜ୍ଞାନ ବର୍ଦ୍ଧକ ଥିଲା । କାରଣ ମୁଁ ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି ଶିଖିବାକୁ ପାଇଲି । ଖଲିଫାଙ୍କର ବ୍ୟକ୍ତିତ୍ୱ ହେଉଛି ଏକ ଶାନ୍ତିପ୍ରିୟ ବ୍ୟକ୍ତିତ୍ୱ ଯିଏ ଶାନ୍ତିର ବାର୍ତାକୁ ପ୍ରସାର କରି ଚାଲିଛନ୍ତି । ସେ ବହୁତ ସ୍ୱଷ୍ଟର ସହିତ ଏ କଥା କହିଲେ କି ଇସ୍‌ଲାମ୍‌ରେ Anti-semitism ର କୌଣସି ସ୍ଥାନ ନାହିଁ ।

ପୁଣି ସେ କହିଲେ ସେ ବହୁତ ସହାନୁଭୁତିଶୀଳ ବ୍ୟକ୍ତି ଅଟନ୍ତି ଓ ଲୋକମାନଙ୍କୁ ସଠିକ୍ ଇସ୍‌ଲାମ୍ ଆଡକୁ ଡାକୁଛନ୍ତି ଏବଂ ଯଦି ଲୋକମାନେ ଏହିପରି ଇସ୍‌ଲାମ୍‌ର ଅନୁସରଣ କରିବେ ତେବେ ଆମକୁ ଭୟ କରିବାର କୌଣସି ଆବଶ୍ୟକ ନାହିଁ । ଏ ଦୁନିଆରେ ଇସ୍‌ଲାମ୍ ସମ୍ବନ୍ଧରେ ମାତ୍ରାଧିକ ବିଯୁକ୍ତାତ୍ମକ ଭାବନା ମିଳୁଅଛି । ଏବଂ ଆମେ ସମସ୍ତେ ମୁସଲ୍‌ମାନ୍ ମାନଙ୍କ କଠୋର ପନ୍ଥୀ କାର୍ଯ୍ୟକଳାପକୁ ଭୟ କରୁଅଛେ । ତେଣୁ ମୁଁ ଜଣେ ମୁସଲ୍‌ମାନ୍ ନେତାଙ୍କ କେବଳ ଓ କେବଳ ପ୍ରେମର ବାର୍ତାକୁ ଶୁଣି ଆଶ୍ଚର୍ଯ୍ୟଚକିତ ହୋଇଗଲି । ପ୍ରେମ, ଶାନ୍ତି ଓ କରୁଣା ଏହା ହେଉଛି ସେହି ସବୁ ଶବ୍ଦ ଯାହାକୁ ସେ ବାରମ୍ବାର ଦୋହରାଉଥିଲେ ।

ସେ ପୁଣି କହିଲେ-ଗୋଟିଏ ୟୁହୁଦୀ ଜମାତ୍‌ରୂପେ ଆମେ ଅହେମଦୀମାନଙ୍କର ସେଭଳି ସ୍ୱାଗତ କରିନାହୁଁ, ଯେପରି ଆମକୁ କରିବାର ଥିଲା । କିନ୍ତୁ ଏବେ ମୁଁ ଚେଷ୍ଟା କରିବି କି ଆମେ ଆପଣଙ୍କ ପାଇଁ ନିଜର ବାହୁକୁ ଖୋଲା ରଖିବୁ ।

ସେ ପୁଣି କହିଲେ ଆପଣମାନଙ୍କ ଖଲିଫାଙ୍କ ନିକଟରେ କୌଣସି ପ୍ରକାର ଘୃଣାଭାବ ଓ ବିଦ୍ୱେଶଭାବ ନାହିଁ । ସେ ମୁସଲ୍‌ମାନ୍ ମାନଙ୍କୁ ବତାଇଲେ କି ସେମାନେ କିପରି ନିଜ ଧର୍ମରେ ରହି ସମାଜରେ ଇଂଟିଗ୍ରେଟ୍ କରିପାରିବେ । ସେ ଏହା ମଧ କହିଲେ କି ଆପଣମାନଙ୍କୁ ଈଶ୍ୱରଙ୍କର ଉପାସନା କରିବା ଉଚିତ୍ । କିନ୍ତୁ ତତ୍‌ସହିତ ମାନବ ଜାତି ସହିତ ପ୍ରେମ ମଧ କରିବା ଉଚିତ୍ ।

ଖଲିଫା ମୋତେ ଏକଥା ଅନୁଭବ କରାଇଦେଲେ କି ମୁସଲ୍‌ମାନ୍ ମାନେ ମଧ ହେଉଛନ୍ତି ଆମର ଭାଇ ଓ ଏହାଦ୍ୱାରା ମୋ ହୃଦୟରେ ପାଲେଷ୍ଟାଇନ୍ ନିବାସୀଙ୍କ ନିମନ୍ତେ କରୁଣାଭାବ ବଢ଼ିଗଲା । ମନରେ ଏକଥା ବିତିଲା କି କାଳେ ସେମାନଙ୍କ ମଧ୍ୟରୁ ସମସ୍ତେ ଖରାପ ନୁହଁନ୍ତି ଏବଂ କିଛି ଅହେମଦୀଙ୍କ ପରି ମଧ ଅଛନ୍ତି, ଯେଉଁମାନେ ଶାନ୍ତି ଚାହୁଁଛନ୍ତି ।

ଖ୍ରୀଷ୍ଟିୟାନ୍ ସୋସାଇଟି ସହିତ ସମ୍ପର୍କ ରଖିଥିବା ଜଣେ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ବହୁତ ସୁନ୍ଦର୍ ମସ୍‌ଜିଦ୍ ନିର୍ମାଣ ହୋଇଛି । ମସ୍‌ଜିଦ୍‌ର ଭିତର ପାର୍ଶ୍ୱ ମଧ ବହୁତ ସୁନ୍ଦର । ସେହିପରି ଆଜିର ଏହି ଉତ୍ସବରେ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଥିଲା । ମୁଁ ଚାହୁଁଛି କି ଲୋକମାନେ ଏହି ଅଭିଭାଷଣକୁ ବହୁତ ମଗ୍ନର ସହିତ ଶୁଣନ୍ତୁ ଓ ବୁଝନ୍ତୁ କି ଶାନ୍ତି ସହିତ ମିଳିମିଶି ରହିବା କେତେ ଜରୁରୀ କାର୍ଯ୍ୟ ଅଟେ । ମୋ ମତରେ ଖଲିଫତୁଲ୍ ମସିହ୍ ଯେଉଁ ବାର୍ତା ଦେଇଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ।

ପୁଣି ସେ କହିଲେ ମୋତେ ଖଲିଫାଙ୍କ ସହିତ ମିଶି ଓ ତାଙ୍କର କଥାକୁ ଶୁଣି ଏପରି ଲାଗୁଛି କି ସେ ହେଉଛନ୍ତି ବହୁତ ଉତମ ହୃଦୟର ମାଲିକ । ମୋର ଏ ଆଶା ଅଛି କି ଲୋକମାନେ ତାଙ୍କ ତରଫରୁ ଦିଆଯାଇଥିବା ବାର୍ତା ଉପରେ ଚିନ୍ତା କରି ତା ଉପରେ ଅମଳ କରିବା ପାଇଁ ଚେଷ୍ଟା କରିବେ ।

ଆଉ ଜଣେ ସାମ୍ବାଦିକ ଅତିଥି Charles Masikway ଯାହାଙ୍କ ସମ୍ପର୍କ Nordic Africa News ସହିତ ଥିଲା, ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୁଁ ବହୁତ ଦିନ ହେବ ଜମାତ୍ ଅହେମଦୀୟାକୁ ଜାଣିଛି ଓ ସେମାନଙ୍କ ବିଷୟରେ ଖବର ମଧ ପ୍ରକାଶ କରୁଛି ଓ ମୁଁ ବହୁତ ବିଶ୍ୱାସର ସହିତ ଏକଥା କହିପାରିବି କି ଜମାତ୍ ଅହେମଦୀୟା ବହୁତ ଭଲ କାମ କରୁଅଛି ମୁଁ ଅଧିକାଂଶ ସମୟ ଜମାତ୍ ଅହେମଦୀୟାର ଉତ୍ସବରେ ସାମିଲ୍ ହେଉଅଛି । କାରଣ ମୁଁ ଜାଣିଛି କି ଜମାତ୍ ତରଫରୁ ଭଲ ଖବର ଶୁଣିବାକୁ ମିଳିବ ।

ପୁଣି ସେ କହିଲେ-ମୋତେ ଆଜି ଏ ଉତ୍ସବରେ ସାମିଲ୍ ହୋଇ ଓ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ.....*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.3 Thursday 31 May 2018 Issue No.22

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଡେନ୍‌ମାର୍କ୍ ଏବଂ ସ୍ୱିଡେନ୍ ଗସ୍ତ-ମଇ ୨୦୧୬ ର କାର୍ଯ୍ୟବ୍ୟସ୍ତତା

**୧୩ ମଇ ୨୦୧୬**

**ହଜୁରଙ୍କ ସହିତ**

**ୱାକିଫାତେ ନୌ ପିଲାମାନଙ୍କ କ୍ଲାସ୍**

ଅତଃପର ୱାକିଫାତେ ନୌ ପିଲାମାନଙ୍କର କ୍ଲାସ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଆରମ୍ଭ ହେଲା । ପ୍ରୋଗ୍ରାମ୍‌ର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ଦ୍ୱାରା ହେଲା, ଯାହାକୁ ଅଜିଜା ମୁଫ୍‌ଲେହ୍ ରଶିଦ୍ ସାହିବା ପାଠ କଲେ ଓ ଅଜିଜା ନାବ୍‌ଗା ଚୌଧୁରୀ ଏହାର ଉର୍ଦ୍ଦୁ ଅନୁବାଦ ଓ ଅଜିଜା ଫାରିଆ ରହେମାନ୍ ଏହାର ସ୍ୱିଡିଶ୍ ଭାଷାରେ ଅନୁବାଦ ଉପସ୍ଥାପନ କଲେ । ଏହାପରେ ଅଜିଜା ଇମଲ୍ ୟହିୟା ଖାନ୍ ସାହିବା ଆଁ ହଜ୍‌ରତ୍ ସ:ଆ:ସ ଙ୍କ ହଦିସ୍ ଆରବୀ ଭାଷାରେ ପଢ଼ି ଶୁଣାଇଲେ । ଏହାପରେ ଅଜିଜା ଦୁର୍‌ରେ ଶେହ୍‌ୱାର୍ ଖାନ୍ ସାହିବା ଏହାର ଉର୍ଦ୍ଦୁ ଭାଷାରେ ଓ ଅଜିଜା ଆମିନା ସଲିମ୍ ସ୍ୱିଡିଶ୍ ଭାଷାରେ ଅନୁବାଦ ଉପସ୍ଥାପନ କଲେ । ଏହାପରେ ଅଜିଜା ସଲ୍‌ମାନା ମୁବଶିର୍ ସାହିବା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିମ୍ନଲିଖିତ ଇକ୍‌ତେବାସ୍ (ଲେଖନୀର ପାରା) ଉପସ୍ଥାପନ କଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- ''ଯଦି ସାଂସାରିକ ବ୍ୟକ୍ତିଙ୍କ ପରି ରହିବ ତେବେ ସେଥିରୁ କିଛି ଲାଭ ମିଳିବ ନାହିଁ । କାରଣ ତୁମେ ମୋ ହାତରେ ତୌବା କରିଛ । ମୋ ହାତରେ ତୌବା କରିବା ଏକ ମୃତ୍ୟୁକୁ ଚାହୁଁଛି । ଯଦ୍ୱାରା ତୁମେ ନୂଆ ଜୀବନର ଆଉ ଏକ ଜନ୍ମ ହାସଲ କରିବ । ବୟତ ଯଦି ହୃଦୟରୁ ନାହିଁ ତେବେ ତାହାର କୌଣସି ଫଳ ନାହିଁ । ମୋ ବୟତ ଦ୍ୱାରା ଇଶ୍ୱର ହୃଦୟର ଅଙ୍ଗୀକାର ଚାହିଁଥାଏ । ତେଣୁ ଯିଏ ମୋତେ ସହୃଦୟତାର ସହିତ ଗ୍ରହଣ କରେ ଓ ନିଜ ପାପରୁ ସଚ୍ଚା ତୌବା କରିଥାଏ କ୍ଷମା ପ୍ରଦାନକାରୀ ଓ କରୁଣାମୟ ଇଶ୍ୱର ତା ପାପକୁ ନିଶ୍ଚିତ ରୂପେ କ୍ଷମା ଦିଏ ଓ ସେ ଏପରି ହୋଇଯାଏ ଯେପରି ସେ ମା' ପେଟରୁ ବାହାରିଛି (ଅର୍ଥାତ୍ ତାର ନୂଆ ଜନ୍ମ ହୋଇଛି) । ତେବେ ଯାଇ ଫରିସ୍ତାମାନେ ତାର ସୁରକ୍ଷା କରିଥାନ୍ତି'' । (ମଲ୍‌ଫୁଜାତ୍ ଖଣ୍ଡ-୨, ପୃଷ୍ଠା-୧୯୪)

ଏହାପରେ ଅଜିଜା ଆଫିଆ ଇମାନ୍ ସାହିବା ଉକ୍ତ ଇକ୍‌ତେବାସ୍‌ର ସ୍ୱିଡିଶ୍ ଭାଷାରେ ଅନୁବାଦ ଉପସ୍ଥାପନ କଲେ । ତାପରେ ଅଜିଜା ମରିୟମ୍ ଫାତିହା ସାହିବା ନିମ୍ନଲିଖିତ ନଜମ୍ ଲଳିତ ସ୍ୱରରେ ପାଠ କଲେ ।

*ଖିଲାଫତ୍ ହୈ ଇନ୍‌ଆମେ ଆସ୍‌ମାନି*
*ଖିଲାଫତ୍ ହି ନିଜାମେ ମୋତବିର୍ ହୈ*
*ଖିଲାଫତ୍ ସେ ମୁକଦର୍ ଦୀଁ କା ଗଲ୍‌ବା*
*ଇସି କେ ସାଥ୍ ହି ଫତାହ୍ ଓ ଜଫର୍ ହୈ*

ଏହାପରେ ଅଜିଜା ମାରିୟା ଚୌଧୁରୁ ଓ ଅଜିଜା ଗଜାଲା ଚୌଧୁରୀ ଜମାତ୍ ଅହେମଦୀୟା ସ୍ୱିଡେନ୍‌ର ଇତିହାସ ଏବଂ ଖୋଲାଫାଏ ଅହେମଦୀୟତ୍‌ଙ୍କ ଦୌରା (ଗସ୍ତ) ପ୍ରସଙ୍ଗରେ ପ୍ରେଜେଂଟେସନ୍ ଉପସ୍ଥାପନ କଲେ ।

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କୁ ୧୯୩୦ ମସିହାରେ ଗୋଟିଏ ସ୍ୱପ୍ନଦ୍ୱାରା ଦେଖାଇ ଦିଆଯାଇଥିଲା କି ନରୱେ, ସ୍ୱିଡେନ୍ ଓ ଫିନ୍‌ଲାଣ୍ଡ ଓ ହଙ୍ଗେରୀର ଲୋକମାନେ ଅହେମଦୀୟତ୍‌ର ଅପେକ୍ଷା କରିଛନ୍ତି । ସେହି ସ୍ୱର୍ଗୀୟ ଭବିଷ୍ୟବାଣୀ ଗୁଡିକ ପୂରଣ ହେବାର ଥିଲା । ଯେତେବେଳେ ହଜ୍‌ରତ୍ ମୁସ୍‌ଲେ ମଉଦ୍ ର:ଅ ୧୯୫୫ ରେ ୟୁରୋପ୍ ଗସ୍ତ ନିମନ୍ତେ ଲଣ୍ଡନ୍‌ରେ ପହଂଚିଲେ । ସେତେବେଳେ ହଜୁରଙ୍କୁ ସ୍ୱିଡେନ୍‌ର ଜଣେ ଛାତ୍ର ''ଗିନାର୍ ଏରିକ୍‌ସ୍ୟୁନ୍'' ମିଳିଲେ । ସେ ହଜୁରଙ୍କ ନିକଟରେ ଦରଖାସ୍ତ କଲେ କି ସ୍ୱିଡେନ୍‌ରେ ଅହେମଦୀୟା ମିଶନ୍ ହାଉସ୍ ଖୋଲାଯାଉ । ସୁତରାଂ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ଙ୍କ ନିର୍ଦ୍ଦେଶ ମୁତାବକ ମୁକରମ୍ ସୟଦ୍ କମାଲ୍ ୟୁସୁଫ୍‌ଙ୍କୁ ସ୍କାଣ୍ଡିନିଭିଆର ପ୍ରଥମ ମୁରବୀ ରୂପେ ପ୍ରେରଣ କରାଗଲା ଏବଂ ଗୋଥନ୍‌ବର୍ଗଙ୍କୁ ସେଂଟର୍ ବନାଗଲା । ୧୯୭୩ ମସିହାରେ ଯେବେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ପ୍ରଥମଥର ସ୍ୱିଡେନ୍ ପହଂଚିଲେ ସେତେବେଳେ ହଜୁର୍ ମୋକରମ୍ ସୟଦ୍ କମାଲ୍ ୟୁସୁଫ୍ ସାହିବଙ୍କୁ ନିର୍ଦ୍ଦେଶ ଦେଲେ କି ଗୋଥନ୍‌ବର୍ଗଠାରେ ମସ୍‌ଜିଦ୍ ନିର୍ମାଣ ପାଇଁ ଜମି ହାସଲ କରିବା ନିମନ୍ତେ ଚେଷ୍ଟା କରନ୍ତୁ । ୨୬ ସେପ୍ଟେମ୍ବର୍ ୧୯୭୫ ଦିନ ସେହି ଐତିହାସିକ ଦିନ ଥିଲା, ଯେଉଁଦିନ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ଗୋଥନ୍‌ବର୍ଗଠାରେ Tolvskillingsgatan ର ଗୋଟିଏ ପାହାଡ ଉପରେ ମସ୍‌ଜିଦ୍ ନାସିର୍‌ର ଭିତି ପ୍ରସ୍ତର ସେହି ବାବରକତ୍ ଇଟା ଦ୍ୱାରା ରଖିଲେ, ଯାହା ମସ୍‌ଜିଦ୍ ମୁବାରକ୍ କାଦିଆନ୍‌ରୁ ଅଣାଯାଇଥିଲା ।

ଏହି ଅବସରରେ ହଜୁର୍ କହିଲେ କି ଏହି ମସ୍‌ଜିଦ୍‌ର ଦ୍ୱାର ସେହି ସମସ୍ତ ଲୋକମାନଙ୍କ ପାଇଁ ଖୋଲାରହିବ ଯେଉଁମାନେ ଇଶ୍ୱରଙ୍କୁ ଏକ ବୋଲି ମାନୁଛନ୍ତି । ସେମାନଙ୍କ ସମ୍ପର୍କ କୌଣସି ଧର୍ମ ସହିତ ହେଉ ନା କାହିଁ ସେମାନେ ଏହି ଘରେ ଏକ ଖୁଦାଙ୍କ ଉପାସନା କରିପାରିବେ ।

ଖିଲାଫତେ ରାବେୟା (ଚତୁର୍ଥ ଖଲିଫା)ଙ୍କ ସମୟରେ ଜମାତ୍ ଅହେମଦୀୟା ସ୍ୱିଡେନ୍‌କୁ ଏ ସୌଭାଗ୍ୟ ପ୍ରାପ୍ତ ହୋଇଛି ଯେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ୬-୭ ଥର ସ୍ୱିଡେନ୍ ଆସିଛନ୍ତି ।

୮ ଅଗଷ୍ଟ ୧୯୮୨ ମସିହା ଦିନ ପ୍ରଥମ ଥର ପାଇଁ ଯେବେ ହଜୁର୍ ଏଠାରେ ପଦାର୍ପଣ କଲେ ହଜୁର୍ ପ୍ରଥମଥର ମଜ୍‌ଲିସ୍ ସୁରା ସ୍ଥାପନ କରି ଏହା ଜରିଆରେ ଏକ ନୂଆ ଯୁଗର ମାଇଲ୍ ଖୁଂଟ ରଖିଦେଲେ । ଏହାପରେ ୧୯୮୬ ମସିହାରେ ଆସିଲେ, ପୁଣି ୧୯୮୭ରେ ଦକ୍ଷିଣ ସ୍ୱିଡେନ୍‌ର ସହର ଯାହାର ନାମ ହେଉଛି ମାଲ୍‌ମୋ ଏବଂ ଏହାର ଲୋକସଂଖ୍ୟା ହେଉଛି ସ୍ୱିଡେନ୍‌ର ସହର ଭିତରୁ ତୃତୀୟ ସର୍ବାଧିକ ସହର । ସେଠାରେ ଗୋଟିଏ ନୂଆ ମିଶନ୍ ହାଉସ୍ ବଇତୁଲ୍ ହମ୍‌ଦ୍‌ର ଉଦ୍‌ଘାଟନ କଲେ । ଏହାପରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ୧୯୮୯ ମସିହାରେ ଗୋଥନ୍‌ବର୍ଗ, ମାଲ୍‌ମୋ ଓ କାଲ୍‌ମାର୍‌ର ଦୌରା କଲେ । ଏହାପରେ ହଜୁର୍ ୧୯୯୧ ମସିହାରେ ମଧ୍ୟ ଆସିଥିଲେ । ୧୯୯୩ ମସିହାରେ ହଜୁର୍ ପୁଣି ସ୍ୱିଡେନ୍ ଆସିଲେ ଓ ଶେଷ ଐତିହାସିକ ଗସ୍ତ ୧୯୯୭ ମସିହାରେ କରିଥିଲେ । ଖିଲାଫତେ ଖାମ୍‌ସା (ପଂଚମ ଖଲିଫା)ର ବାବରକତ୍ ଯୁଗ ଆରମ୍ଭ ହେଲା । ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅ ୧୧ ସେପ୍ଟେମ୍ବର୍ ୨୦୦୫ ମସିହା ଦିନ ପ୍ରଥମଥର ପାଇଁ ସ୍ୱିଡେନ୍‌ରେ ପଦାର୍ପଣ କଲେ । ଏହି ପବିତ୍ର ଦୌରା ସମୟରେ ସ୍ୱିଡେନ୍‌ଠାରେ ସର୍ବପ୍ରଥମ ସ୍କାଣ୍ଡିନିଭିଆନ୍ ଜଲ୍‌ସା ମଧ୍ୟ ଅନୁଷ୍ଠିତ ହେଲା, ଯେଉଁଥିରେ ସ୍ୱିଡେନ୍, ନରୱେ, ଡେନ୍‌ମାର୍କ୍ ଏବଂ ଫିନ୍‌ଲାଣ୍ଡର ସଦସ୍ୟମାନେ ଯୋଗ ଦେଇଥିଲେ ।

ଖୁତ୍‌ବାଜୁମା ବ୍ୟତୀତ ହଜୁର୍ ଅନୁୱର୍ ଅ:ବ:ଅ ଜଲ୍‌ସାର ଦୁଇଦିନରେ ଇମାନ୍ ଅଫ୍‌ରୋଜ୍ (ବିଶ୍ୱାସବର୍ଦ୍ଧକ) ଅଭିଭାଷଣ ପ୍ରଦାନ କରିଥିଲେ । ଫ୍ୟାମିଲି ସାକ୍ଷାତ୍‌କାର୍, ଆମିନ୍ ଉତ୍ସବ, ୱକ୍‌ଫେ ନୌ କ୍ଲାସ୍ ମଧ୍ୟ ଅନୁଷ୍ଠିତ ହେଲା । ହଜୁର୍ ମାଲ୍‌ମୋର ସେହି ସ୍ଥାନକୁ ମଧ୍ୟ ଗଲେ ଯେଉଁଠି ଆଜି ମସ୍‌ଜିଦ୍ ନିର୍ମାଣ ହୋଇଅଛି ଏବଂ ମସ୍‌ଜିଦ୍ ନିର୍ମାଣ ସମ୍ବନ୍ଧରେ ନିର୍ଦ୍ଦେଶ ଦେଲେ । ଏଠାରେ ଆଜି ଅଲ୍ଲାଃତାଲାଙ୍କ ଦୟାବଳରୁ ମସ୍‌ଜିଦ୍ ମେହ୍‌ମୁଦ୍ ସମ୍ପୂର୍ଣ୍ଣ ହୋଇସାରିଛି । ମସ୍‌ଜିଦ୍ ମେହ୍‌ମୁଦ୍‌ର ମୂଳଦୁଆ ୧୨ ଏପ୍ରିଲ ୨୦୧୪ ମସିହା ଦିନ ହଜୁର୍ ଅନୁୱର୍‌ଙ୍କ ପ୍ରତିନିଧି ମୋକରମ୍ ଓ ମୋହତରମ୍ ଅବ୍‌ଦୁଲ୍ ମାଜିଦ୍ ତାହେର୍ ସାହେବ ରଖିଲେ ।

ଆମର ପ୍ରିୟ ହଜୁର୍ ଅ:ବ:ଅ ଅଲ୍ଲାଃତାଲାଙ୍କ ଦୟାବଳରୁ ଆଜି ୧୧ ବର୍ଷ ଅପେକ୍ଷା ପରେ ପୁଣି ଆମ ଗହଣରେ ଉପସ୍ଥିତ ଅଛନ୍ତି ଓ ଆପଣ ଅ:ବ:ଅ ଆଜି ମସ୍‌ଜିଦ୍ ମେହ୍‌ମୁଦ୍‌ର ଉଦ୍‌ଘାଟନ କରିଛନ୍ତି ଓ ଏହିପରି ସ୍ୱର୍ଗୀୟ ଭବିଷ୍ୟବାଣୀ ମୁତାବକ ଅର୍ଥାତ୍ ଇସ୍‌ଲାମ୍‌ର ସୂର୍ଯ୍ୟ ପଶ୍ଚିମରୁ ଉଦୟ ହେବ ର ନିଦର୍ଶନ ଏବେ ଉଜ୍ଜଳରୁ ଉଜ୍ଜଳତର ହୋଇଚାଲିଛି ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ଅନୁମତିରୁ ପ୍ରଶ୍ନୋତ୍ତର ସିଲ୍‌ସିଲା ଆରମ୍ଭ ହେଲା ।

ଜଣେ ଝିଅପିଲା ପ୍ରଶ୍ନ ପଚାରିଲା କି ଛୋଟ ପିଲାମାନଙ୍କର ମୁଣ୍ଡବାଳ କାହିଁକି ଲଣ୍ଡା କରାଯାଏ ?

ହଜୁର୍ ଅନୁୱର୍ ଅ:ବ:ଅ ଏଥିରେ କହିଲେ କି ଏହା ହେଉଛି ସୁନ୍ନତ୍ । ଯେବେ ପିଲାଟି ଜନ୍ମ ହୁଏ ତାର ଅକିକା କରାଯାଏ । ଝିଅପିଲା ପାଇଁ ଗୋଟିଏ ଖାସି ଓ ପୁଅପିଲା ପାଇଁ ଦୁଇଟି ଖାସି ଜେଭ କରାଯାଏ । ଏହା ସଦ୍‌କା ନୁହେଁ । ଆପଣମାନେ ନିଜେ ମଧ୍ୟ ଖାଇପାରିବେ । ବାଳ କଟାଯାଏ ଓ ବାଳର ଓଜନ ବରାବର ରୂପା ସଦ୍‌କା (ଗରୀବମାନଙ୍କୁ ଦାନ)ରେ ଦିଆଯାଏ । ପିଲାର ବୟସ, ସ୍ୱାସ୍ଥ୍ୟ ଓ ଜୀବନ ବାବରକତ୍ (ପବିତ୍ର) ହେବା ନିମନ୍ତେ ଅକିକା ଦିଆଯାଏ । ଆଁ ହଜ୍‌ରତ୍ ସ:ଆ:ସ ଆମ ପାଇଁ ଏହି କାର୍ଯ୍ୟକୁ କରି ଦେଖାଇଛନ୍ତି କି କିପରି ଏହା କରାଯିବ, ତେଣୁ ଆମେ ଏପରି କରୁଅଛେ ।

ଆଉ ଜଣେ ଝିଅପିଲା ପ୍ରଶ୍ନ ପଚାରିଲା କି କଣ ଏହା ସତକଥା ଅଟେ କି ଅଲ୍ଲାଃତାଲା ଆମ ସମସ୍ତଙ୍କ ପାଇଁ ଆରମ୍ଭରୁ ଯୋଡି ବନାଇଛନ୍ତି ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ପ୍ରାରମ୍ଭରୁ ଯୋଡ଼ି ବନା ହୋଇଛି ବା ନୁହେଁ ଏହାତ ଜଣାନାହିଁ । କିଛି ଲୋକଙ୍କର ଯୋଡ଼ି ହୋଇଥାଏ ଓ ତାଙ୍କ ଭିତରେ ଅଲଗା ମଧ୍ୟ ହୋଇଯାଏ । ହଁ ଇଏ କହୁଛନ୍ତି କି ଯେବେ କାହାର ବନ୍ଧୁ ହୋଇଯାଏ, ବଡ ବୟସ୍କ ଲୋକମାନେ କହିଥାନ୍ତି ଅଲ୍ଲାଃ ଏହି ଯୋଡ଼ି ବନାଇଥିଲେ । ଅସଲ କଥା ଏ ହେଉଛି କି ଅଲ୍ଲାଃତାଲାଙ୍କ ଜ୍ଞାନରେ ତ ଏହା ଥାଏ, କି ଅମୁକ ଲୋକ ସହିତ ଅମୁକ ଲୋକର ଯୋଡି ହେବ । ଅମୁକର ଅମୁକ ସହିତ ବନ୍ଧୁ ହେବ (କିନ୍ତୁ) ବେଳେବେଳେ ଅଲଗା ମଧ୍ୟ ହୋଇଯାଇଥାଏ ।

ଏହା ତ ଅଲ୍ଲାଃତାଲା ହିଁ ଜାଣିଛନ୍ତି କି କେଉଁ ଯୋଡ଼ି ଠିକ୍ । ହଜ୍‌ରତ୍ ଜଏଦ୍ ର:ଅଙ୍କ ବିବାହ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ପର୍କୀୟଙ୍କ ସହିତ ହୋଇଥିଲା ଅର୍ଥାତ୍ ଆପଣ ସ:ଆ:ସ ଏହି ବିବାହ ମଧ୍ୟ କରାଇଥିଲେ, କିନ୍ତୁ ଯେବେ ବିବାହ ତିଷ୍ଠିପାରିଲା ନାହିଁ ସେତେବେଳେ ତଲାକ୍ ମଧ୍ୟ ହୋଇଗଲା । ପୁଣି ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକାହରେ ଆସିଲେ । ତାଙ୍କ ପୁଣ୍ୟ ବିଷୟରେ ଅଲ୍ଲାଃତାଲା ଜାଣିଥିଲେ । ତାଙ୍କ ପୁଣ୍ୟ ଯୋଗୁ ତାଙ୍କୁ ଏହି ପଦମର୍ଯ୍ୟାଦା ମିଳିବାର ଥିଲା କି ସେ ଉମହାତୁଲ୍ ମୁମିନିନ୍ (ମୋମିନଙ୍କର ମା') ରୂପେ ଗଣନା ହେବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଅଲ୍ଲାଃତାଲା ସର୍ବଜ୍ଞ ଅଟନ୍ତି । ତେଣୁ ପ୍ରାର୍ଥନା କରିବା ଉଚିତ୍ । କାରଣ ସେ ହିଁ ଜାଣିଛି ଯେ କାହା ସହିତ କାହାର ସଠିକ୍ ରୂପେ ନିର୍ବାହ ହୋଇପାରିବ । ତେଣୁ ଦୁଆ କରି ଚେଷ୍ଟା ହେବା ଉଚିତ୍ ଏବଂ ଏହା ଜରୁରୀ ନୁହେଁ କି ତୁମେ ଇସ୍‌ତେଖାରା କରିବା ଦ୍ୱାରା ଏ ଦୁଆର ଉତର ମଧ୍ୟ ମିଳିଯିବ । ଇସ୍‌ତେଖାରାର ଅର୍ଥ ହେଉଛି ଅଲ୍ଲାଃତାଲାଙ୍କ ଠାରୁ ଖଏର୍ (ଭଲ ମାଗିବା) ଅର୍ଥାତ୍ ଅଲ୍ଲାଃତାଲାଙ୍କ ନିକଟରେ ଯାହା ଭଲ ତାହା ହିଁ ହେଉ । ବେଳେବେଳେ ଦୁଆ କରିବାରେ କମି ରହିଯାଏ, ଯେଉଁଥିପାଇଁ ପରେ ସମସ୍ୟା ମଧ୍ୟ ସୃଷ୍ଟି ହୁଏ । ତେଣୁ ଅଲ୍ଲାଃତାଲାଙ୍କ ଜ୍ଞାତ ସାରରେ ତ ଏହା ଅଛି କି କାହା ସହିତ କାହାର ଯୋଡ଼ି ବନିବ କିନ୍ତୁ ମନୁଷ୍ୟର ଭୁଲ୍ ଯୋଗୁ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan